


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି
## The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୨୬ ଅପ୍ରେଲ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 26 APRIL 2021
Vol.No. 32 ■ No. 106 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

ବହୁ ଅପେକ୍ଷାର୍ ଅବସାନ ଘଟାଇ ପ୍ରକାଶ ପାଇଛି ବିଷୁବ ସଂଖ୍ୟା .....
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

# ୧୮ରୁ ୪୪ ବର୍ଷର ସମସ୍ତଙ୍କୁ ମିଳିବ ମାଗଣା ଟିକା

■ ରାଜକୋଷରୁ ଖର୍ଚ୍ଚ ହେବ ୨ ହଜାର କୋଟି ଟଙ୍କା
■ କୋଭାକ୍ସିନ୍‌ର ୧୦.୩୪ ଲକ୍ଷ, କୋଭିସିଲ୍ଡର ୩୭୭ ଲକ୍ଷ ଡୋଜ୍ ଅର୍ଡର



ଭୁବନେଶ୍ୱର,୨୫/୦୪ (ନି.ପ୍ର): ରାଜ୍ୟର ୧୮ ବର୍ଷରୁ ୪୪ ବର୍ଷ ବୟସ୍କ ସମସ୍ତଙ୍କୁ ମାଗଣାରେ ମିଳିବ କରୋନା ଟିକା। ରବିବାର ଦିନ କରୋନା ଟିକା ସମ୍ବନ୍ଧରେ ଏଭଳି ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ। ମୁଖ୍ୟମନ୍ତ୍ରୀ ତାଙ୍କ ଘୋଷଣାରେ କହିଛନ୍ତି ଯେ ୧୮ରୁ ୪୪ ବର୍ଷ ବୟସ ବର୍ଗର ମୋଟ ୨ କୋଟି ବ୍ୟକ୍ତିଙ୍କୁ ମାଗଣାରେ କରୋନା ଟିକା ଦିଆଯିବ। ରାଜ୍ୟବାସୀଙ୍କୁ ଟିକା ପାଇଁ ଗୋଟିଏ ବି ଟଙ୍କା ଦେବାକୁ ପଡ଼ିବ ନାହିଁ। ଏଥିପାଇଁ କୋଭାକ୍ସିନ୍‌ର ୧୦.୩୪ ଲକ୍ଷ ଏବଂ କୋଭିସିଲ୍ଡର ୩୭୭ ଲକ୍ଷ ଡୋଜ୍ ଅର୍ଡର ଦିଆଯାଇଛି। ଏହି ଟିକାକରଣ ପାଇଁ ରାଜ୍ୟ ରାଜକୋଷରୁ ୨ ହଜାର କୋଟି ଟଙ୍କା ବ୍ୟୟ କରାଯିବ। ରବିବାର ବିଳମ୍ବିତ ସଂଧ୍ୟାରେ ରାଜ୍ୟବାସୀଙ୍କୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସାରା ଦେଶ ଆଜି ଏକ କଠିନ ପରିସ୍ଥିତି ଦେଇ ଗତି କରୁଛି। ଗତବର୍ଷ ତୁଳନାରେ ଏବର୍ଷର ସ୍ଥିତି ଅତ୍ୟନ୍ତ ସାଙ୍ଘାତିକ। ତେଣୁ ପରିସ୍ଥିତିର ଭୟାବହତାକୁ ରାଜ୍ୟବାସୀ ବୁଝିବା ଦରକାର। ସମସ୍ତେ କୋଭିଡ୍ ଗାଇଡ୍ ଲାଇନକୁ ମାନନ୍ତୁ। ସମସ୍ତେ ମାସ୍କ ପିନ୍ଧିବାକୁ ଗୁରୁତ୍ୱ ଦିଅନ୍ତୁ। ମୁଁ ଲକ୍ ଡାଉନ୍ ସପକ୍ଷରେ ନାହିଁ। ଯଦି ଆମେ ନିଜେ ସତର୍କ ନହେବା, ତାହେଲେ ସରକାର ଏକାକୀ ଏହି ମୁକାବିଲା ବିରୋଧରେ ଲଢ଼ିପାରିବେ ନାହିଁ। ମୁଖ୍ୟମନ୍ତ୍ରୀ କହିଛନ୍ତି, ପ୍ରତ୍ୟେକ ମୃତ୍ୟୁ ପଛରେ ରହିଛି ଗୋଟିଏ ପରିବାରର ଦୁଃଖଭରା କାହାଣୀ। କିଏ ନିଜ ବାପାମା'ଙ୍କୁ ହରାଇଛି ତ କିଏ ନିଜ ଭାଇ ଭଉଣୀଙ୍କୁ ହରାଇଛି। ଏପରିକି କେଉଁଠି ଜଣେ ନବବିବାହିତା ସ୍ତ୍ରୀ ତା'ର ସ୍ୱାମୀକୁ ହରାଇଛି ଯେ କେଉଁଠି ବୁଢ଼ା ବାପାମା' ଆଗରେ ରୋଜଗାରିଆ ପୁଅ ଚାଲି ଯାଉଛି। କେଉଁଠି ଛୋଟ ଛୋଟ ପିଲା ଅନାଥ ମଧ୍ୟ ହେଉଛନ୍ତି। ତେଣୁ ମୁଁ ଆପଣ ସମସ୍ତଙ୍କୁ ହାତଯୋଡ଼ି ଅନୁରୋଧ କରୁଛି ଯେ କୋଭିଡ୍ ନିୟମକୁ ମାନନ୍ତୁ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଦେଶର ଦିଲ୍ଲୀ , ଉତରପ୍ରଦେଶ , ମଧ୍ୟପ୍ରଦେଶ, ▶▶ପୃଷ୍ଠା ୭

# ଦୂରହେବ ଅକ୍ସିଜେନ ଅଭାବ
## ଦେଶର ନିର୍ମାଣ ହେବ ୫୫୧ଟି ଅକ୍ସିଜେନ ପ୍ଲାଣ୍ଟ




ନୂଆଦିଲ୍ଲୀ,୨୫/୦୪ (ନି.ପ୍ର): ଦେଶରେ ଦୃତ ଗତିରେ ବଢୁଥିବା କରୋନା ସଂକ୍ରମଣ ଭିତରେ ଅକ୍ସିଜେନର ଅଭାବକୁ ନେଇ ଏବେ ଚାରିଆଡେ ହାହାକାର । ଏହାକୁ ନଜରରେ ରଖି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପିଏମ କେୟାର ଫଣ୍ଡରୁ ସାରା ଦେଶର ୫୫୧ ଟି ଅକ୍ସିଜେନ ପ୍ଲାଣ୍ଟ ନିର୍ମାଣ କରିବାକୁ ନିଷ୍ପତ୍ତି ଦେଇଛନ୍ତି । ପ୍ରଧାନମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି କି ଖୁବଶୀଘ୍ର ଅକ୍ସିଜେନ ପ୍ଲାଣ୍ଟ ନିର୍ମାଣ କାମ ଆରମ୍ଭ କରାଯାଉ । ଫଳରେ ଜିଲ୍ଲାସ୍ତରରେ ଅକ୍ସିଜେନର ଆବଶ୍ୟକତା ପୁରଣ କରାଯାଇପାରିବ । ପ୍ରଧାନମନ୍ତ୍ରୀଙ୍କ ନିର୍ଦ୍ଦେଶ ମୁତାବକ ୫୫୧ ଟି ଜିଲ୍ଲା ମୁଖ୍ୟ ହସ୍ପିଟାଲ ନିକଟରେ ଏହି ପ୍ଲାଣ୍ଟ ନିର୍ମାଣ କରାଯିବ । ଯାହାଫଳରେ ଅକ୍ସିଜେନ ଯୋଗାଣ ନେଇ ଉପୁଜୁଥିବା ସମସ୍ୟା ଦେଖାଦେବ ନାହିଁ । ଅନ୍ୟପଟେ ଏହାପୂର୍ବରୁ ଗୃହମନ୍ତ୍ରୀ ଅମିତ ଶାହା ଗାନ୍ଧୀନଗର ସଂସଦୀୟ କ୍ଷେତ୍ର କୋଲାବାଡା ଠାରେ ଥିବା ଏକ ଆର୍ଯୁବେଦିକ ମେଡିକାଲ ନିକଟରେ ପ୍ରତି ମିନିଟରେ ୨୮୦ ଲିଟର ଉତ୍ପାଦନ କ୍ଷମତା ଥିବା ଏକ ପ୍ରେସର ସ୍ୱିଂଗ ଅକ୍ସିଜେନ ପ୍ଲାଣ୍ଟର ଉଦଘାଟନ କରିସାରିଛନ୍ତି । ଏହି ଅବସରରେ ଗୃହମନ୍ତ୍ରୀ କହିଛନ୍ତି କି ପିଏମ କେୟାର ଫଣ୍ଡରୁ ଅକ୍ସିଜେନ ପ୍ଲାଣ୍ଟ ନିର୍ମାଣ ପାଇଁ ଯୋଜନା ହୋଇସାରିଛି । ଏହି କ୍ରମରେ ଗୁଜୁରାଟରେ ୧୧ ଟି ନୂଆ ପ୍ରେସର ସ୍ୱିଂଗ ଅକ୍ସିଜେନ ପ୍ଲାଣ୍ଟ ପାଇଁ ଯୋଜନା ରହିଥିବା ବେଳେ ସାରା ଦେଶରେ ୫୫୧ ଟି ଅକ୍ସିଜେନ ପ୍ଲାଣ୍ଟ ନିର୍ମାଣ କରାଯିବ ।

## ୪୮ ଘଂଟା ପର୍ଯ୍ୟନ୍ତ ନୟାଗଡ଼, ଖୋର୍ଦ୍ଧା ଓ କଟକ ଜିଲ୍ଲାରେ ଗ୍ରୀଷ୍ମ ଲହରୀ

ଭୁବନେଶ୍ୱର,୨୫/୦୪ (ନି.ପ୍ର): ଆସନ୍ତା ୪୮ ଘଂଟା ମଧ୍ୟରେ ରାଜ୍ୟର ୩ ଟି ଜିଲ୍ଲାରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହୋଇପାରେ। ନୟାଗଡ଼, ଖୋର୍ଦ୍ଧା ଓ କଟକ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଗ୍ରୀଷ୍ମ ପ୍ରବାହ ଜାରି ରହିବା ନେଇ ୟେଲୋ ୱାର୍ଣ୍ଣିଂ ଜାରି କରିଛି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର। ଏଥିଲାଗି ସାଧାରଣ ଜନତାଙ୍କ ପାଇଁ କେତେକ ପରାମର୍ଶ ଦିଆଯାଇଛି। ସାଧାରଣ ଜନତାଙ୍କ ପାଇଁ ଉତାପ ସହନଶୀଳ କିନ୍ତୁ ଶିଶୁ, ବୃଦ୍ଧ ଏବଂ ଅସୁସ୍ଥ ବ୍ୟକ୍ତିଙ୍କ ପାଇଁ ଏହା ଅସହ୍ୟ ହୋଇପାରେ। ଏଣୁ ସେମାନେ ଏହି ସମୟରେ ଘରୁ ନ ବାହାରିବା ଲାଗି କୁହାଯାଇଛି। ଏହିସବୁ ଅଂଚଳରେ ମଧାହ୍ନ ସମୟରେ (ପୂର୍ବାହ୍ନ ୧୧ଟାରୁ ଅପରାହ୍ଣ ୩ଟା ଯାଏଁ) ବାହାରକୁ ଯିବାବେଳେ ଖରା ପାଗ ପାଇଁ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିବାକୁ ପାଣିପାଗ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି। ଅପରପକ୍ଷରେ ୨୭ ତାରିଖ ଠାରୁ ୩୦ ତାରିଖ ମଧ୍ୟରେ ବିଭିନ୍ନ ଜିଲ୍ଲାରେ କାଳବୈଶାଖୀ ବର୍ଷା ଓ ବଜ୍ରପାତ ସମ୍ଭାବନା ରହିଥିବା ପାଣିପାଗ ବିଭାଗ ପୂର୍ବାନୁମନେ କରିଛି।

## କରୋନାରେ ଦେଶରେ ଗତ ୨୪ ଘଂଟାରେ ୩,୪୯,୬୯୧ ନୂଆ ମାମଲା



ନୂଆଦିଲ୍ଲୀ,୨୫/୦୪ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧରେ ୩,୪୯,୬୯୧ ଟି ନୂଆ କରୋନା ମାମଲା ସାମନାକୁ ଆସିଛି । ଏହି ସମୟ ମଧ୍ୟରେ ମୋଟ ୨,୭୬୭ ଜଣ କରୋନା ରୋଗୀ ପ୍ରାଣ ହରାଇଛନ୍ତି । ଏହା ସହିତ ଦେଶରେ କୋରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧,୬୯,୬୦,୧୭୨ ପହଂଚିଛି। ଆଜି ସକାଳେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ ସକ୍ରିୟ ରୋଗୀଙ୍କ ସଂଖ୍ୟା ୨୬,୮୨,୭୫୧ ଥିବା ବେଳେ ବର୍ତ୍ତମାନ ସୁଦ୍ଧା ୧,୯୨,୩୧୧ ଜଣ ମୃତ୍ୟୁ ବରଣ କରିଛନ୍ତି ।

# ଦିଲ୍ଲୀରେ ବଢିଲା ଲକଡାଉନ୍ ଅବଧି
## ମେ ୩ ତାରିଖ ପର୍ଯ୍ୟନ୍ତ ଲକଡାଉନ୍ ବଳବତ୍ତର



ନୂଆଦିଲ୍ଲୀ,୨୫/୦୪ (ନି.ପ୍ର): ଦିଲ୍ଲୀରେ ବଢୁଥିବା କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ପୁଣି ଗୋଟିଏ ସପ୍ତାହ ପାଇଁ ଲକଡାଉନ୍ ଅବଧିକୁ ବୃଦ୍ଧି କରିଛନ୍ତି । ରବିବାର ଦିନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଏକ ସାମ୍ବାଦିକ ସମ୍ମିଳନୀରେ ଏନେଇ ଘୋଷଣା କରିଛନ୍ତି । ସେ କହିଛନ୍ତି କି ମେ ମାସ ୩ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ଲକଡାଉନ୍ ଜାରି ରହିବ । ମୁଖ୍ୟମନ୍ତ୍ରୀ କେଜ୍ରିୱାଲ କହିଥିଲେ କି ଏବେ କରୋନା ଏବେ ପିକ୍ ରେ ରହିଛି । ଏହାସହ ରାଜ୍ୟର ଜନତାଙ୍କ ମତ ବି ଲକଡାଉନ ଜାରି ରହୁ । ଏଣୁ ଆଉ ଗୋଟିଏ ସପ୍ତାହ ପାଇଁ ଲକଡାଉନ୍ ଅବଧି ବୃଦ୍ଧି କରାଗଲା ବୋଲି ସେ କହିଥିଲେ । ଏହାସହ ରାଜ୍ୟରେ ଏବେ କରୋନା ସଂକ୍ରମିତଙ୍କ ହାର ୩୬-୩୭ ପ୍ରତିଶତ ଯାହା ଆଗରୁ କେବେ ହୋଇନଥିଲା । ଅନ୍ୟପଟେ ଅକ୍ସିଜେନ ▶▶ପୃଷ୍ଠା ୭

## କରୋନା ନେଇ ଦେଶର ବଡ଼ ଡାକ୍ତରଙ୍କ ବଡ଼ ପରାମର୍ଶ
### ମେଦାନ୍ତ ମୁଖ୍ୟ ନରେଶ ତ୍ରେହାନ କହିଲେ, ବାହାରକୁ ଗଲେ ପିନ୍ଧନ୍ତୁ ଡବଲ୍ ମାସ୍କ : ଘରକୁ ଫେରିଲେ ବଦଳାନ୍ତୁ ପୋଷାକ

ଭୁବନେଶ୍ୱର,୨୫/୦୪ (ନି.ପ୍ର): କରୋନା ଭୂତାଣୁକୁ ନେଇ ସାଧାରଣ ଲୋକଙ୍କ ସନ୍ଦେହ ଦୂର ପାଇଁ ବିଭିନ୍ନ ପ୍ରଶ୍ନ ଉପରେ ଆଲୋଚନା କରିଛନ୍ତି ଦେଶର ବରିଷ୍ଠ ଚିକିତ୍ସକ । ଦିଲ୍ଲୀ ଏମ୍ସ ନିର୍ଦ୍ଦେଶକ ରଣଦୀପ ଗୁଲେରିଆ, ମେଦାନ୍ତ ହସ୍ପିଟାଲ ଅଧକ୍ଷ ଡକ୍ଟର ନରେଶ ତ୍ରେହାନ, ଏମ୍ସର ଔଷଧ ବିଭାଗ ମୁଖ୍ୟ ଡକ୍ଟର ନବନୀତ ୱିଗ ଓ ସ୍ୱାସ୍ଥ୍ୟସେବା ମହାନିର୍ଦ୍ଦେଶ ଡାକ୍ତର ସୁନୀଲ କୁମାର । ଏହି ଅବସରରେ ମେଦାନ୍ତ ହସ୍ପିଟାଲ ଅଧକ୍ଷ ନରେଶ କେତୋଟି ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଦେଇଛନ୍ତି । ନିୟମିତ ପ୍ରାଣାୟାମ କରିବା, ଡବଲ ମାସ୍କ ପିନ୍ଧିବା ଓ ବାହାରୁ ଆସିଲେ ହାତ ଗୋଡ ଧୋଇ ପରିବାର ଲୋକଙ୍କ ସହ ମିଶିବାକୁ ସେ ପରାମର୍ଶ ଦେଇଛନ୍ତି ।

## ସିଝିଲା ରାଜଧାନୀ : ୧୭ ସହରର ତାପମାତ୍ରା ୪୦ ଡିଗ୍ରୀ ଉପରେ



ଭୁବନେଶ୍ୱର,୨୫/୦୪ (ନି.ପ୍ର): ସାରା ରାଜ୍ୟରେ ଗ୍ରୀଷ୍ମ ଲହରୀ ଜାରି ରହିଛି। ଓଡିଶାର ଅଧିକାଂଶ ସ୍ଥାନ ଡହ ଡହ ଖରାରେ ସିଝୁଛି। ରବିବାର ୧୭ ସହରର ତାପମାତ୍ରା ୪୦ଡିଗ୍ରୀ ଉପରେ ରେକର୍ଡ ହୋଇଛି। ସେଥିରୁ ୪ ସହରର ତାପମାତ୍ରା ୪୨ ଡିଗ୍ରୀ ଉପରେ ରହିଛି। ଗତକାଲି ଭଳି ରବିବାର ମଧ୍ୟ ରାଜଧାନୀ ଭୁବନେଶ୍ୱର ୪୩.୨ ଡିଗ୍ରୀ ସହ ସବୁଠାରୁ ଉତପ୍ତ ସହର ରହିଛି। ଗତକାଲି ଭୁବନେଶ୍ୱରରେ ତାପମାତ୍ରା୪୨.୧ ଡିଗ୍ରୀ ରହିଥିଲା। ଆସନ୍ତାକାଲି ମଧ୍ୟ ଏହିଭଳି ସ୍ଥିତି ଜାରି ରହିବ ବୋଲିପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ସୂଚନା ଅନୁଯାୟୀ ରବିବାର ଦିନ ଭୁବନେଶ୍ୱରରେ ସର୍ବାଧିକ ୪୩.୨ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଥିବା ବେଳେ ବୌଦ୍ଧରେ ୪୨.୫ , ବାରିପଦାରେ ୪୨.୪, ଟିଟିଲାଗଡରେ ୪୨, ଝାରସୁଗୁଡା ୪୧.୮ , ସମ୍ବଲପୁର ୪୧.୫,ନୟାଗଡ ୪୧.୫ , ବଲାଙ୍ଗୀର ୪୧.୨ , ତାଳଚେର ୪୧.୧, ସୁନ୍ଦରଗଡ ୪୧, ସୁବର୍ଣ୍ଣପୁର ୪୧ , ବାଲେଶ୍ୱର ୪୦.୯, ଅନୁଗୁଳ ୪୦.୯ ,କଟକ ୪୦.୮, ଭବାନୀପାଟଣା ୪୦.୬, ହୀରାକୁଦ ୪୦.୩ , ମାଲକାନଗିରି ୪୦ ରେକର୍ଡ ହୋଇଛି। ସେହିପରି ଚାନ୍ଦବାଲି ୩୯.୭ , ଫୁଲବାଣୀ ୩୯.୪ , ପାରଳାଖେମୁଣ୍ଡି ୩୮.୫, ରାୟଗଡଡାରେ ୩୮ ଡିଗ୍ରୀ ତାପମାତ୍ରାରହିଛି। ▶▶ପୃଷ୍ଠା ୭

## ତାଳଚେର ହିଙ୍ଗୁଳା ମନ୍ଦିର ପାଇଁ ୯.୩୨ କୋଟି ଟଙ୍କା ମଞ୍ଜୁର କଲେ କେନ୍ଦ୍ରମନ୍ତ୍ରୀ ପ୍ରହ୍ଲାଦ ଯୋଶୀ
### ଧନ୍ୟବାଦ ଜଣାଇଲେ ଧର୍ମେନ୍ଦ୍ର ପ୍ରଧାନ



ଅନୁଗୁଳ,୨୫/୦୪ (ନି.ପ୍ର): ଅନୁଗୁଳ ଜିଲ୍ଲା ତାଳଚେର ଗୋପାଳପ୍ରସାଦ ସ୍ଥିତ ମା' ହିଙ୍ଗୁଳା ମନ୍ଦିରର ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଏମସିଏଲ ବୋର୍ଡ ସିଏସଆର ପାଣ୍ଠିରୁ ୯.୩୨ କୋଟି ଟଙ୍କା ଅନୁମୋଦନ କରିଛନ୍ତି । ଏହାକୁ ନେଇ କେନ୍ଦ୍ର ସଂସଦୀୟ ବ୍ୟାପାର, କୋଇଲା ଓ ଖଣି ମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କୁ ଧନ୍ୟବାଦ ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଗତ ଜାନୁଆରୀ ୧୩ ତାରିଖରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏନେଇ ପ୍ରହ୍ଲାଦ ଯୋଶୀଙ୍କୁ ଚିଠି ଲେଖିଥିଲେ । ତାଳଚେର ଗୋପାଳପ୍ରସାଦ ସ୍ଥିତ ହିଙ୍ଗୁଳା ଠାକୁରାଣି ବୋର୍ଡର ପ୍ରସ୍ତାବ ଅନୁସାରେ ହିଙ୍ଗୁଳା ମନ୍ଦିର ସମ୍ମୁଖରେ ମୁଖଶାଳା ଓ ଯଜ୍ଞଶାଳାର ନିର୍ମାଣ କାର୍ଯ୍ୟପାଇଁ ଏମସିଏଲର ସିଆରସି ପାଣ୍ଠିରୁ ଶ୍ରଦ୍ଧାଳୁମାନଙ୍କ ସୁବିଧା ପାଇଁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଚିଠିରେ ଶ୍ରୀ ପ୍ରଧାନ ଅନୁରୋଧ କରିଥିଲେ । ଏହି ଚିଠିର ପ୍ରତ୍ୟୁତ୍ତରରେ କେନ୍ଦ୍ରମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଚିଠି ଲେଖି ଜଣାଇଛନ୍ତି କି ଏମସିଏଲ ବୋର୍ଡର ସିଆରସି ପାଣ୍ଠିରୁ ୯.୩୨ କୋଟି ଟଙ୍କା ଅନୁମୋଦନ କରାଗଲା ।

## ଚିନ୍ତା ବଢ଼ାଉଛି ପଶ୍ଚିମବଙ୍ଗ : ବିଶେଷଜ୍ଞ କହିଲେ ଟ୍ରିପଲ ମ୍ୟୁଟାଂଟ ଯୋଗୁଁ ହେଉଛି ଦ୍ରୁତ ସଂକ୍ରମଣ



କୋଲକାତା,୨୫/୦୪ : ପଶ୍ଚିମବଙ୍ଗ ନିର୍ବାଚନ ରାଲିରେ ହଜାର ହଜାର ଲୋକଙ୍କ ଭିଡ଼ ଦେଖି ଯେଉଁ ଆଶଙ୍କା ସୃଷ୍ଟି ହୋଇଥିଲା, ତାହା ଏବେ ସତ ହେଲା ଭଳି ଲାଗୁଛି । ନିଆଁ ଭଳି ମାଡୁଛି କରୋନା । ଏପ୍ରିଲ ପହିଲାରେ ଯେଉଁ ସ୍ଥିତି ଥିଲା, ୨୪ ଦିନ ଭିତରେ ପୂରା ସ୍ଥିତି ବଦଳି ଯାଇଛି । ଟେଷ୍ଟ-ପଜିଟିଭ୍ ହାର ଯେଉଁ ବେଗରେ ବଢୁଛି, ତାହା ସମସ୍ତଙ୍କ ନିଦ ହଜାଇ ଦେଇଛି । ପଶ୍ଚିମବଙ୍ଗରେ ଏପ୍ରିଲ ୧ ତାରିଖରେ ଯେତିକି ଆରଟି-ପିସିଆର୍ ଟେଷ୍ଟ ହୋଇଥିଲା, ଏହାର ୪.୯ ପ୍ରତିଶତ ପଜିଟିଭ୍ ମାମଲା ଆସିଥିଲା । ଏପ୍ରିଲ ୭ ତାରିଖରେ ଏହା ୮.୧ ପ୍ରତିଶତକୁ ବୃଦ୍ଧି ପାଇଥିଲା । ୧୫ ତାରିଖରେ ୧୬ ପ୍ରତିଶତ ହୋଇଥିବା ବେଳେ ୨୪ ତାରିଖରେ ତାହା ଲମ୍ଫ ଡିଆଁ ମାରି ପହଁଚି ଯାଇଛି ୨୫.୯ ପ୍ରତିଶତ । ଏହାର ଅର୍ଥ ହେଉଛି, କରୋନା ପରୀକ୍ଷା କରୁଥିବା ୪ ଜଣ ଲୋକଙ୍କ ମଧରେ ଜଣେ ପଜିଟିଭ୍ ବାହାରୁଛି । ଏପ୍ରିଲ ୧ : ୪.୯ ପ୍ରତିଶତ, ଏପ୍ରିଲ ୭ : ୮.୧ ପ୍ରତିଶତ, ଏପ୍ରିଲ ୧୫ : ୧୬ ପ୍ରତିଶତ, ଏପ୍ରିଲ ୨୪ : ୨୫.୯ ପ୍ରତିଶତ । କୋଲକାତା ଓ ଏହାର ଉପକଣ୍ଠରେ ସଂକ୍ରମଣ ସାଂଘାତିକ ଭାବେ ବ୍ୟାପୁଛି । କୋଲକାତା ସହର ଓ ଏହାର ଆଖପାଖ ଅଂଚଳରେ ସ୍ଥିତି ସଂଗୀନ ହେବାରେ ଲାଗିଛି । ପ୍ରତି ୨ ଜଣ କରୋନା ପରୀକ୍ଷା କରିଥିବା ଆସୁଥିବା ବ୍ୟକ୍ତିଙ୍କ ମଧ୍ୟରୁ ଜଣେ ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି । ଟେଷ୍ଟ-ପଜିଟିଭ୍ ହାର ରହିଛି ୪୫ ପ୍ରତିଶତରୁ ୫୫ ପ୍ରତିଶତ । କୁହାଯାଉଛି, ଦ୍ରୁତ ସଂକ୍ରମଣର କାରଣ ହେଉଛି ପଶ୍ଚିମବଙ୍ଗରେ ଗତବର୍ଷ ଅକ୍ଟୋବରରେ ଚିହ୍ନଟ ହୋଇଥିବା ଟ୍ରିପଲ୍ ମ୍ୟୁଟାଂଟ ଭୂତାଣୁ । ଏହି ଭୂତାଣୁ ଯୋଗୁଁ କମ ସମୟ ମଧରେ ଦ୍ରୁତ ଗତିରେ ସଂକ୍ରମଣ ବଢୁଛି । ପଶ୍ଚିମବଙ୍ଗର ମାଇକ୍ରୋ-ବାଇଓଲୋଜିଷ୍ଟ ଭାସ୍କର ଚୌଧୁରୀ କହିଛନ୍ତି – 'ଟ୍ରିପଲ୍ ମ୍ୟୁଟାଂଟ ଭୂତାଣୁର ସଂକ୍ରମଣ କ୍ଷମତା ଅଧିକ ରହିଥିବାରୁ ଏହା ଖୁବ୍ କମ ସମୟ ମଧରେ ଅଧିକ ଲୋକଙ୍କୁ ସଂକ୍ରମିତ କରୁଛି । ▶▶ପୃଷ୍ଠା ୭

## ଗୋଟିଏ ଦିନରେ ୬୧୧୬ କରୋନା ଆକ୍ରାନ୍ତ ଚିହ୍ନଟ
### ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୪୦୭୪୫୭

ଭୁବନେଶ୍ୱର,୨୫/୦୪ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୬୧୧୬ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୪୦୭୪୫୭ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ୩୫୯୪୬୭ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୪୫୯୪୯ ରହିଛି। ଆଜି ଚିହ୍ନଟ ହୋଇଥିବା ୬୧୧୬ ଜଣଙ୍କ ମଧ୍ୟରୁ ୩୫୪୬ ଜଣ ସଂଗରୋଧରୁ ହୋଇଥିବା ବେଳେ ୨୫୭୦ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି। ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି। ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲାରେ ସବୁଠାରୁ ଅଧିକ ୮୭୫ ଜଣ କରୋନା ସଂକ୍ରମିତ ହୋଇଥିବା ▶▶ପୃଷ୍ଠା ୭

# ସପ୍ତାହନ୍ତ ସଟ- ଡ଼ାଉନକୁ ନେଇ ଏସପିଙ୍କ ପ୍ରତିକ୍ରିୟା

ବାରିପଦା, ୨୫/୪ (ନି.ପ୍ର.): ମୟୂରଭଞ୍ଜ ଜିଲ୍ଲାର ସହରାଂଚଳରେ ଆରମ୍ଭ ହୋଇଥିବା ସପ୍ତାହନ୍ତ ସଟ୍-ଡ଼ାଉନକୁ ନେଇ ପ୍ରତିକ୍ରିୟା ରଖିଛନ୍ତି ଆରକ୍ଷୀ ଅଧିକ୍ଷକ ସ୍ମିଥ ପି ପରମାର । କରୋନାର ଦ୍ୱିତୀୟ ଲହରର ଭୟାବହତାକୁ ଦୃଷ୍ଟିରେ ରଖି ଓଡ଼ିଶା ସରକାର ରାଜ୍ୟରେ ସମସ୍ତ ସହରାଂଚଳଗୁଡ଼ିକରେ ସପ୍ତାହନ୍ତ ସଟଡ଼ାଉନ ଲାଗୁ କରାଇଥିବାରୁ ମୟୂରଭଞ୍ଜ ଜିଲ୍ଲାରେ ମଧ୍ୟ ଏହା କାର୍ଯ୍ୟକାରୀ କରାଯାଇଛି । ଏହି ସମୟରେ ସଟଡ଼ାଉନ ପରିଚାଳନା ନିମନ୍ତେ କିଛି ପୁଲିସ ଫୋର୍ସ ମୁତୟନ କରାଯାଇଥିବା ବେଳେ କେତେକ ପୁଲିସ ଫୋର୍ସକୁ ପଶ୍ଚିମବଙ୍ଗ ସୀମା ପ୍ରବେଶ ପଥ ଚକଶୁଳିଆପଦା ଓ ହାତୀବାରୀ ଆଦି ମୁଖ୍ୟ ପ୍ରବେଶ ପଥରେ ନିୟୋଜିତ କରାଯାଇଛି । ସେହିପରି ବିଭିନ୍ନ ଥାନା ଅଧିନରେ ରହିଥିବା ଗଳାପଥ ଉପରେ ତୀକ୍ଷଣ ଦୃଷ୍ଟି ଦେବା ସାଙ୍ଗକୁ ବାହାର ରାଜ୍ୟରୁ ଆସୁଥିବା ଜନସାଧାରଣଙ୍କ କୋଭିଡ଼୍-୧୯ ପରୀକ୍ଷା କରାଇବା ସହ ୧୪ ଦିନ ବାଧ୍ୟତାମୂଳକ ସଙ୍ଗରୋଧରେ ରହିବାକୁ ନିର୍ଦ୍ଦେଶ ଦିଆଯାଉଛି । ଏଥି ସହିତ କୋଭିଡ଼୍-୧୯ ସମ୍ବନ୍ଧୀୟ କୌଣସି ଅସୁବିଧା ରହିଥିଲେ ମୟୂରଭଞ୍ଜ ପୁଲିସ ପକ୍ଷରୁ ଖୋଲାଯାଇଥିବା ହେଲ୍ପ ଲାଇନ ୦୬୭୯୨-୨୫୨୩୨୫ ନମ୍ବରରେ ଯୋଗାଯୋଗ କରିବାକୁ ଏସପି ସ୍ମିଥ ପି ପରମାର ସୂଚନା ଦେଇଛନ୍ତି ।

## କରୋନା କଟକଣା ପାଇଁ ଜନଶୂନ୍ୟ ହୋଇ ପଡିଛି କେନ୍ଦ୍ରାପଡା ସହର ରାସ୍ତା

କେନ୍ଦ୍ରାପଡ଼ା, ୨୫/୪ (ନି.ପ୍ର.): ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ କେନ୍ଦ୍ରାପଡା ଜିଲ୍ଲା ପ୍ରଶାସନ କରୋନା ମହାମାରୀକୁ ନିୟନ୍ତ୍ରଣ କରିବା ପାଇଁ ଶନିବାର ଓ ରବିବାର ସଟ୍‌ଡାଉନ ଘୋଷଣା କରାଯାଇଛି । ଶନିବାର ସକାଳୁ ସହର ଏବଂ ଆଖପାଖ ଅଂଚଳରେ ରାସ୍ତାଘାଟ ଜନଶୂନ୍ୟ ହୋଇ ପଡିଥିବା ଦେଖିବାକୁ ମିଳିଛି । କେତେକ ସ୍ଥାନରେ ପୋଲିସ ପ୍ରଶାସନ ନଥିବା ବେଳେ ସାଧାରଣ ଜନତା ମଧ ଘରୁ ବାହାରକୁ ବାହାରି ନଥିବା ଦେଖିବାକୁ ମିଳିଛି । କେବଳ ଜରୁରୀ କାଳୀନ କେତେ ଗୁଡିଏ ଦୋକାନ ବଜାର ଖୋଲା ରହିଥିବା ବେଳେ ଦୁହୁରିଆ ଠାରୁ ଇଛାପୁର ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱରେ ସମସ୍ତ ଦୋକାନ ବଜାର ବନ୍ଦ ରହିଛି ।

# ବ୍ରହ୍ମପୁର ଭଞ୍ଜବିହାରରେ ସ୍ୱର୍ଣ୍ଣ ପଦକ ଆଣିଲେ କନ୍ଧମାଳର ମୃଣ୍ମୟ : କମ୍ପ୍ୟୁଟର ସାଇନ୍ସ ସ୍ନାତୋକତରରେ ହେଲେ ଟପ୍ପର

କନ୍ଧମାଳ, ୨୫/୪ (ନି.ପ୍ର.): କନ୍ଧମାଳ ଜିଲ୍ଲାର ଜଣେ ଛାତ୍ର ମୃଣ୍ମୟ ପ୍ରଧାନ ବ୍ରହ୍ମପୁର ଭଞ୍ଜବିହାରରେ କମ୍ପ୍ୟୁଟର ସାଇନ୍ସରେ ପିଜିରେ ୨୦୧୯ ମସିହାର ଟପ୍ପର ଭାବରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ଗତ ବର୍ଷ କୋଭିଡ ସଂକ୍ରମଣ ଯୋଗୁଁ ଏହି କାର୍ଯ୍ୟକ୍ରମ ସ୍ଥଗିତ ରଖାଯାଇଥିଲା । ଗତ ଶୁକ୍ରବାର ଦିନ ବ୍ରହ୍ମପୁର ଭଞ୍ଜ ବିହାର ସିନେଟ ହଲରେକୋଭିଡ ନିୟମ ପ୍ରକାରେ ୨୦୧୯ ମସିହାର ୨୨ ଜଣ ଟପ୍ପର ହୋଇଥିବା ଛାତ୍ରଛାତ୍ରୀ ମାନଙ୍କୁ ସ୍ୱର୍ଣ୍ଣ ପଦକ ପ୍ରଦାନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏଥିରେ ଓଡିଶାର ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ ଭର୍ଚ୍ଚୁଆଲ ଜରିଆରେ ଯୋଗ ଦେଇ ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ । କାର୍ଯ୍ୟକ୍ରମରେ ୟୁନିଭରସିଟିର କୁଳପତି ପ୍ରଫେସର ଗୋବିନ୍ଦ କେ.ଚକ୍ରପାଣି ଅଧ୍ୟକ୍ଷତା କରିଥିବାବେଳେ ଅନ୍ୟତମ ଅତିଥି ଭାବରେ କୁଳସଚିବ ରଞ୍ଜନ କୁମାର ବିଶ୍ୱାଳ ଏବଂ ପିଜି କାଉନସିଲର ପ୍ରଫେସର ଅରୁନ୍ଧତୀ ରଥ ପ୍ରମୁଖ ଯୋଗ ଦେଇଥିଲେ । ଏଥିରେ ୨୨ ଜଣ ଛାତ୍ରଛାତ୍ରୀ ମାନଙ୍କୁ ବିଭିନ୍ନ ବିଭାଗରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ମାନପତ୍ର ଓ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଛି । ସେମାନଙ୍କ ମଧ୍ୟରୁ କନ୍ଧମାଳ ଜିଲ୍ଲା ସୁଡ୍ରେଜୁ ଗ୍ରାମର ମୃଣ୍ମୟ ପ୍ରଧାନ କମ୍ପ୍ୟୁଟର ସାଇନ୍ସରେ ୟୁନିଭରସିଟିରେ ଚଳିତ ବର୍ଷ ଟପ୍ପର ଭାବରେ ସ୍ୱାର୍ଣ୍ଣ ପଦକ ପାଇଛନ୍ତି । ମୃଣ୍ମୟଙ୍କ ପିତା ମୃତ୍ୟୁଞ୍ଜୟ ପ୍ରଧାନ ଓ ମାତା ଶୈଳବାଳା ପ୍ରଧାନ । ପିତା ଜଣେ ଡାକବିଭାଗର କର୍ମଚାରୀ ଏବଂ ମାତା ଗୃହିଣୀ ଅଟନ୍ତି । ମୃଣ୍ମୟ ଫୁଲବାଣୀ ସ୍ରସ୍ୱତୀ ଶିଶୁ ମନ୍ଦିର ଫୁଲବାଣୀରେ ଶିକ୍ଷା ଆରମ୍ଭ କରିଥିଲେ । ଫୁଲବାଣୀର ଏକ ଘରୋଇ କଲେଜରେ ପାଠପଢା ଶେଷ କରିଛନ୍ତି । ୨୦୧୪ ମସିହା ଯୁକ୍ତ ଦୁଇ ପରୀକ୍ଷାରେ ମଧ୍ୟ ସେ ଗଣିତରେ ଶହେରୁ ଶହେ ମାର୍କ ଆଣି ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ସେଥିପାଇଁ ତାଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଶଂସା କରିବା ସହିତ ତାଙ୍କୁ ମାନପତ୍ର ଏବଂ ୧୦ ହଜାର ଟଙ୍କା ଅର୍ଥ ରାଶୀରେ ପୁରସ୍କୃତ କରିଥିଲେ । ଚଳିତ ବର୍ଷ ମଧ୍ୟ ସେ ସ୍ୱର୍ଣ୍ଣ ପଦକ ହାସଲ କରି କନ୍ଧମାଳ ଜିଲ୍ଲାକୁ ଗୌରବ ଅଣିଛନ୍ତି । ସେଥିପାଇଁ ତାଙ୍କ ପାଖକୁ ଜିଲ୍ଲା ତଥା ରାଜ୍ୟର ବିଭିନ୍ନ ସ୍ଥାନରୁ ଶୁଭେଚ୍ଛାର ସୁଅ ଛୁଟିଛି । ତାଙ୍କ ପରିବାର ଠାକୁର ଅନୁକୂଳଚନ୍ଦ୍ରଙ୍କ ଅନୁଗାମୀ ହୋଇଥିବାରୁ ମୃଣ୍ମୟ ପିଲାଟି ଦିନରୁ ଆଧ୍ୟାତ୍ମିକ ପରିବେଷରେ ବଢି ଆସିଛନ୍ତି । ସେ ଆଗକୁ ଜଣେ ଭଲ ଅଧ୍ୟାପକ ଭାବରେ କାର୍ଯ୍ୟକରି ସମାଜରେ ପିଲାଙ୍କ ଭବିଷ୍ୟତ ଗଢିବା ସହିତ ଦେଶର ଉନ୍ନତି ଦିଗରେ ନିଜକୁ ସାମିଲ କରିବାକୁ ଲକ୍ଷ ରଖିଛି ବୋଲି କହିଛନ୍ତି ମୃଣ୍ମୟ ।

# ରାଉରକେଲା ଭବିଷ୍ୟନିଧି କଲୋନୀକୁ କଂଟେନମେଂଟ ଜୋନ୍ ଘୋଷଣା : ଗଳାବାଟ ଦେଇ ପଡ଼ୋଶୀ ରାଜ୍ୟରୁ ଆସୁଛନ୍ତି ସଂକ୍ରମିତ

ରାଉରକେଲା, ୨୫/୪ (ନି.ପ୍ର.): ରାଉରକେଲା ସମେତ ସୁନ୍ଦରଗଡ଼ ଜିଲ୍ଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଦୃତ ଗତିରେ ବୃଦ୍ଧି ପାଉଥିବା ବେଳେ ୫ ଦିନ ତଳେ ମାଇକ୍ରୋକଂଟେନମେଂଟ ଜୋନ୍ ଘୋଷଣା ହୋଇଥିବା ରାଉରକେଲାର ଭବିଷ୍ୟନିଧି କଲୋନୀକୁ ଆଜି କଂଟେନମେଂଟ ଜୋନ୍ ଘୋଷଣା କରିଛନ୍ତି ରାଉରକେଲା ମହାନଗର ନିଗମ କମିଶନର । ଏହା ସହିତ ସହରର ଷ୍ଟିଲ୍ ଟାଉନସିପ୍ ର କିଛି ଅଂଚଳକୁ ଏହା ପୂର୍ବରୁ ମାଇକ୍ରୋକଂଟେନମେଂଟ ଜୋନ୍ ଭାବେ ଘୋଷଣା କରାଯାଇଥିଲା । ତେବେ ସହରକୁ ପଡ଼ୋଶୀ ରାଜ୍ୟରୁ ଥିବା ବିଭିନ୍ନ ପ୍ରବେଶ ପଥକୁ ସିଲ୍ କରାଯାଇ ସେଠାକୁ ଆସୁଥିବା ବିଭିନ୍ନ ବ୍ୟକ୍ତିଙ୍କର କରୋନା ପରୀକ୍ଷା କରାଯାଉଥିବା ବେଳେ ଅନେକ ଗଳାବାଟ ଦେଇ ପଡ଼ୋଶୀ ଛତିଶଗଡ଼, ଝାଡ଼ଖଣ୍ଡ ଏବଂ ପଶ୍ଚିମବଙ୍ଗ ଅଂଚଳରୁ ସହର ସମେତ ଜିଲ୍ଲାକୁ ପ୍ରବେଶ କରି ଚାଲିଛନ୍ତି । ରାଉରକେଲା ରେଳ ଷ୍ଟେସନର ୧ ନଂ ପ୍ଲାଟଫର୍ମରେ ପୋଲିସ ସମେତ ଡ଼ାକ୍ତରୀ ଟିମ୍ ଜଗି ରହିଥିବା ବେଳେ ଆସୁଥିବା ପାସେଞ୍ଜର ମାନେ ୫ ନଂ ପ୍ଲାଟଫର୍ମ ଦେଇ ଆରାମରେ ସହର ଭିତରକୁ ପ୍ରବେଶ କରୁଛନ୍ତି । ସେମାନଙ୍କର କୌଣସି କରୋନା ପରୀକ୍ଷା କିମ୍ବା ସ୍କ୍ରିନିଂ କରାଯାଉନାହିଁ । ସହରକୁ ରାଜ୍ୟ ଭିତରେ ବସ୍ ଚଳାଚଳ ଜାରୀ ରହିଥିବା ବେଳେ ଏମାନଙ୍କର ମଧ ପରୀକ୍ଷା ନିରୀକ୍ଷା ହେବାର ଆବଶ୍ୟକତା ରହିଛି, କିନ୍ତୁ ଏନେଇ କୌଣସି ପ୍ରକାର ବ୍ୟବସ୍ଥା ପ୍ରଶାସନ ପକ୍ଷରୁ କରାଯାଇନାହିଁ । ଏଭଳି ସ୍ଥିତିରେ ରାଉରକେଲା ଇସ୍ପାତ କାରଖାନା କର୍ମଚାରୀଙ୍କ ମଧ୍ୟରେ ଅନେକ କରୋନା ଆକ୍ରାନ୍ତ ହୋଇଥିବା ବେଳେ ଇସ୍ପାତ ସହରାଚଂଳ ସମେତ ଆଖପାଖ ଅଂଚଳରେ ଆକ୍ରାନ୍ତଙ୍କ ସଂଖ୍ୟା ପ୍ରତିଦିନ ବଢୁଛି । କେଉଁ ଘରର ଲୋକ କିଭଳି ଆକ୍ରାନ୍ତ ହୋଇ ଘରେ ଚିକିତ୍ସା ହେଉଛନ୍ତି ସେ ସମ୍ପର୍କରେ ଗତବର୍ଷ ଘର ସମ୍ମୁଖରେ ସୂଚନା ଲେଖାଯାଉଥିଲା । କିନ୍ତୁ କରୋନା ଦ୍ୱିତୀୟ ଲହରରେ ଏଥିପ୍ରତି ସମ୍ପୂର୍ଣ୍ଣ ଆଖିବୁଜି ଦେଇଛି ପ୍ରଶାସନ । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ପାଳନ କରିବାକୁ ଯାଇ କେବଳ ପୋଲିସ ପ୍ରଶାସନ ଲୋକଙ୍କୁ ଜୋରବରଦସ୍ତ ମାସ୍କ ପିନ୍ଧିବାକୁ ବାଧ କରିବା ସହ ଜୋରିମାନା ଆଦାୟ କରୁଥିବା ବେଳେ ସାଧାରଣର ପ୍ରଶାସନର ଅଧିକାରୀ ମାନେ କେବଳ ଏସି ରୁମ୍ ରେ ବସି କୋଭିଡ୍ ପରିଚାଳନା କରୁଥିବା ଅଭିଯୋଗ ହେଉଛି । କୌଣସି ଅଧିକାରୀ ଗ୍ରାଉଣ୍ଡ ଜିରୋକୁ ଆସି କାର୍ଯ୍ୟରତ କର୍ମଚାରୀମାନଙ୍କୁ ଉତ୍ସାହିତ କରୁନଥିବାରୁ କରୋନାର ସଠିକ୍ ପରିଚାଳନା କ୍ଷେତ୍ରରେ ବ୍ୟତିକ୍ରମ ଦେଖାଦେଇଛି ।

# ଏମଟିକେ ଛାତ୍ରୀ ନିବାସ-୨ରେ ଅସ୍ଥାୟୀ ଟିଏମସି ସେଂଟରକୁ ବିରୋଧ

ବାରିପଦା, ୨୫/୪ (ନି.ପ୍ର.): ପଶ୍ଚିମବଙ୍ଗରେ କରୋନା ଉଗ୍ରରୂପ ନେଇ ସାରିଛି । ଏପରିକି କରୋନା ଟ୍ରିପିଲ ମ୍ୟୁଟାଂଟ ନୂଆ ଷ୍ଟ୍ରେନ ଚିହ୍ନଟ ହୋଇଛନ୍ତି । ଫଳରେ ପଶ୍ଚିମବଙ୍ଗରେ ଦୈନିକ ୧୦ ହଜାରରୁ ଅଧିକ ନୂଆ କରୋନା ପଜିଟିଭ ଚିହ୍ନଟ ହେଉଛନ୍ତି । ଏହାକୁ ଦୃଷ୍ଟିରେ ରଖି ଓଡ଼ିଶା ସରକାର ଜନସାଧାରଣଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଏକ ଘୋଷଣା କରିଛନ୍ତି । ଗତ ଗୁରୁବାର ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର ପଶ୍ଚିମବଙ୍ଗ ସୀମାକୁ ଲାଗି ରହିଥିବା ସମସ୍ତ ରାସ୍ତାରେ ଚେକିଂକୁ କଡ଼ାକଡ଼ି କରିବା ସହ ପଶ୍ଚିମବଙ୍ଗରୁ ଓଡ଼ିଶାକୁ ପ୍ରବେଶ କରିଥିବା ସମସ୍ତ ବ୍ୟକ୍ତିମାନଙ୍କୁ ୧୪ ଦିନିଆ କ୍ୱାରେଣ୍ଟାଇନରେ ରଖାଯିବା, ସେମାନଙ୍କ ନିକଟରେ କୋଭିଡ଼୍-୧୯ ପରୀକ୍ଷାର ନେଗେଟିଭ ରିପୋର୍ଟ ଓ ଦ୍ୱିତୀୟ ଡ଼ୋଜ ଟୀକା ନେଇଥିଲେ ମଧ ସେମାନଙ୍କୁ ଗୃହ ସଙ୍ଗରୋଧ ଅଥବା ଯେଉଁ ବ୍ୟକ୍ତିମାନଙ୍କର ଗୃହ ସଂଗରୋଧରେ ରହିବାର ସୁବିଧା ନ ଥିଲେ ସେମାନଙ୍କୁ ସରକାରୀ ସଙ୍ଗରୋଧରେ ରଖାଯିବା ନିମନ୍ତେ ମୟୂରଭଞ୍ଜ ଏସପିଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହାପରେ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ବାରିପଦା ପୌରପରିଷଦ ନିମନ୍ତେ ସ୍ଥାନୀୟ ତଖତପୁରଠାରେ ଥିବା ଏହାରାଣୀ ତଖତକୁମାରୀ ଛାତ୍ରୀ ନିବାସ-୨କୁ ଅସ୍ଥାୟୀ ଟିଏମସି ସେଂଟର କରାଇବାର ନିଷ୍ପତି ନେଇଥିଲେ । ପ୍ରଶାସନର ଉକ୍ତ ନିଷ୍ପତିକୁ ସ୍ଥାନୀୟ ବାସିନ୍ଦାମାନଙ୍କ ପକ୍ଷରୁ ଶତାଧିକ ମହିଳା ତୀବ୍ର ବିରୋଧ କରିଛନ୍ତି । ଖବରପାଇ ବାରିପଦା ତହସିଲର ଅତିରିକ୍ତ ତହସିଲଦାର ସସ୍ମିତା ମୁର୍ମୁ ଓ ବାରିପଦା ଟାଉନ ଥାନା ପୁଲିସ ଘଟଣାସ୍ଥଳରେ ପହଂଚି ସ୍ଥାନୀୟ ମହିଳାମାନଙ୍କ ସହିତ ଆଲୋଚନା କରିଥିଲେ ମଧ ସମାଧାନର କୌଣସି ରାସ୍ତା ଫିଟି ପାରିନଥିଲା । ଏବିଷୟରେ ଅତିରିକ୍ତ ତହସିଲଦାର ସସ୍ମିତା ମୁର୍ମୁ ତାଙ୍କ ପ୍ରତିକ୍ରିୟାରେ ଏମଟିକେ ଛାତ୍ରୀ ନିବାସକୁ ଟିଏମସି ସେଣ୍ଟର କରାଯିବାର ନିଷ୍ପତି ନିଆଯାଇଛି । ବାହାର ରାଜ୍ୟରୁ ଆସୁଥିବା ବ୍ୟକ୍ତିମାନଙ୍କର ବୋର୍ଡ଼ରରେ କୋଭିଡ଼୍-୧୯ ପରୀକ୍ଷା କରାଯାଉଛି । ଯେଉଁମାନଙ୍କର ନେଗେଟିଭ ରିପୋର୍ଟ ଆସୁଛି ସେମାନଙ୍କୁ ୧୪ ଦିନ ନିମନ୍ତେ ଗୃହ ସଂଗରୋଧରେ ରହିବାକୁ କୁହାଯାଉଛି । ଏହି ସମୟରେ ଯେଉଁମାନଙ୍କର ଗୃହ ସଙ୍ଗରୋଧରେ ରହିବାର ସୁବିଧା ନାହିଁ, କେବଳ ସେହିମାନଙ୍କୁ ଏମଟିକେ ଛାତ୍ରୀନିବାସରେ ଅସ୍ଥାୟୀ ଟିଏମସି ସେଣ୍ଟରରେ ୧୪ ଦିନ ନିମନ୍ତେ ରଖାଯିବ । କିନ୍ତୁ, ଏହାକୁ ସ୍ଥାନୀୟ ବସ୍ତିବାସିନ୍ଦାମାନେ ବିରୋଧ କରୁଛନ୍ତି । ବୁଝାଇଲେ ମଧ କିଛି ଶୁଣୁ ନାହାନ୍ତି । ଏଣୁ ଉପରୁ ଯେଉଁ ନିଷ୍ପତି ନିଆଯିବ ସେହି ଅନୁସାରେ କାର୍ଯ୍ୟ କରାଯିବ ବୋଲି ଅତିରିକ୍ତ ତହସିଲଦାର ସସ୍ମିତା ମୁର୍ମୁ ପ୍ରକାଶ କରିଛନ୍ତି । ସେହିପରି ଟିଏମସି ସେଣ୍ଟରକୁ ବିରୋଧ କରୁଥିବା ସ୍ଥାନୀୟ ବସ୍ତିବାସିନ୍ଦା ତକତ କୁମାରୀ ପାତ୍ର, ରେଖାରାଣୀ ପାତ୍ର ପ୍ରମୁଖ ମହିଳାମାନେ ସେମାନଙ୍କର ଘର ଟିଏମସି ସେଂଟର ନିକଟରେ ହୋଇଥିବାରୁ ସଂକ୍ରମଣର ଭୟ ବା ବିପଦ ସୃଷ୍ଟି ହେବାର ଯଥେଷ୍ଟ ସମ୍ଭାବନା ରହିଛି । ତେଣୁ ଟିଏମସି ସେଣ୍ଟରକୁ ଅନ୍ୟତ୍ର ନିରାପଦ ସ୍ଥାନକୁ ସ୍ଥାନାନ୍ତରିତ କରାଯିବା ପାଇଁ ଦାବୀ କରିଛନ୍ତି । କିନ୍ତୁ ଅତିରିକ୍ତ ତହସିଲଦାର ଉକ୍ତ ସ୍ଥାନରେ ଟିଏମସି ସେଂଟର କରିବା ନିମନ୍ତେ ସରକାର ନିଷ୍ପତି ନେଇଛିମାନେ ଏଠାରେ ହିଁ ହେବ । ତୁମେ ସରକାରୀ ଜାଗାରେ ଘର କରିଛ ମାନେ କିଛି କହିପାରିବ ନାହିଁ । ଏଠାରେ ସେଣ୍ଟର ହେଲେ କିଛି ଅସୁବିଧା ହେବ ନାହିଁ ବୋଲି କହୁଛନ୍ତି । ମାତ୍ର ଅସୁବିଧା ମାଡ଼ି ମାଡ଼ି ଚାଲିଛି । ଏଣୁ ଆମ୍ଭେମାନେ ସାହିରେ ଟିଏମସି ସେଂଟରକୁ କରାଇବାକୁ ଦେବୁ ନାହିଁ ବୋଲି କହିଥିଲେ ।

# ଅସ୍ଥାୟୀ ମେଳା ବ୍ୟବସାୟୀ ସଂଘ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଭେଟିଲେ

କେନ୍ଦ୍ରାପଡ଼ା, ୨୫/୪ (ନି.ପ୍ର.): କେନ୍ଦ୍ରାପଡା ଜିଲ୍ଲାରେ ଥିବା ଶ୍ରୀ ଶ୍ରୀ ବଳଦେବଜୀଉ ଅସ୍ଥାୟୀ ମେଳା ବ୍ୟବସାୟୀ ସଂଘ ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ରାଉତ ଓ ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବ ପ୍ରସାଦ ବଳଙ୍କୁ ଭେଟି ଆଲୋଚନା କରିଥିବା ଜଣାପଡିଛି । ଦୀର୍ଘ ୧ବର୍ଷରୁ ଉର୍ଦ୍ଧ୍ୱ ହେବ ଏହି ଅସ୍ଥାୟୀ ମେଳା ବ୍ୟବସାୟୀ ମାନେ କରୋନା ମହାମାରୀ ପାଇଁ ବ୍ୟବସାୟ କରି ନପାରି ଅସହାୟ ଅବସ୍ଥାରେ ବସି ରହିଛନ୍ତି । ଏହି ବ୍ୟବସାୟୀ ମାନେ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ତରଫରୁ କୌଣସି ଆର୍ଥିକ ସହାୟତା ପାଇ ନଥିବାରୁ ଏମାନଙ୍କର ଆର୍ଥିକ ମେରୁଦଣ୍ଡ ଭାଙ୍ଗି ଯାଇଛି । ଗତ ମାର୍ଚ୍ଚ ମାସରୁ ମଧ ପୂର୍ଣ୍ଣବାର କରୋନା କଟକଣା ଲାଗୁ ହୋଇ ଥିବାରୁ ଅସ୍ଥାୟୀ ମେଳା ବ୍ୟବସାୟୀ ମାନଙ୍କର ବ୍ୟବସାୟ ସଂପୂର୍ଣ୍ଣ ବନ୍ଦ ହୋଇ ଯାଇଛି । ଏମାନଙ୍କୁ ସ୍ଥାୟୀ ଜାଗା ଚିହ୍ନଟ କରାଇ ଦେଲେ ସେମାନେ ଏଠାରେ ବ୍ୟବସାୟ କରି ନିଜର ପରିବାର ଚଳାଇବେ ବୋଲି ଦାବି କରିଛନ୍ତି । ଏହି ଆଲୋଚନା ସମୟରେ ସଭାପତି ତଥା ସାମ୍ବାଦିକ ମହମ୍ମଦ ଇଲିଆସ, କାର୍ଯ୍ୟକାରୀ ସଭାପତି ରମଣୀ ରଞ୍ଜନ ରାଉତରାୟ, ସଂପାଦକ ଚିତ ରଞ୍ଜନ ମହାନ୍ତି, ଦିଲିପ କୁମାର ବେହେରା, ରାଜେଶ ଦାସ, ସେକ ଗଫାର, ଗୋପାଳ ଚନ୍ଦ୍ର ସାହୁ , ବାବାଜୀ ମଲିକ, ରିନା ସାନା ପ୍ରମୁଖ ଉପସ୍ଥିତ ଥିଲେ ।

# ଟ୍ରେନ୍‌ରେ ପ୍ରବାସୀଙ୍କ ମୃତ୍ୟୁ, ସୁରତରୁ ଫେରୁଥିଲେ

ଗଞ୍ଜାମ, ୨୫/୪ (ନି.ପ୍ର.): ସୁରତରୁ ଓଖା- ପୁରୀ ଟ୍ରେନ୍ ଯୋଗେ ଫେରୁଥିବା ବେଳେ ବାଟରେ ଜଣେ ପ୍ରବାସୀଙ୍କ ମୃତ୍ୟୁ ଘଟିଛି । ମୃତକ ଜଣକ ହେଲେ ଗଞ୍ଜାମ ଜିଲ୍ଲା ବେଗୁନିଆପଡ଼ା ଫାଣ୍ଡି ଅଧିନ ଖଣ୍ଡିଆ ନଈ ପଚାଂୟତ ମିରିଗିଲେଣ୍ଡି ଗ୍ରାମର ଭାଗୀରଥି ଗୌଡ଼ (୪୪) । ସେ ଗତ ଗୁରୁବାର ଦିନ ଟ୍ରେନ୍ ରେ ପୁଅ ସହିତ ଘରକୁ ଫେରୁଥିବା ବେଳେ ବିଶାଖାପାଟଣା ଠାରେ ଟ୍ରେନରେ ତାଙ୍କର ମୃତ୍ୟୁ ଘଟିଥିଲା । ପରେ ଖୋର୍ଦ୍ଧା ଜିଲ୍ଲା ବାଲୁଗାଁରେ ଟ୍ରେନରୁ ଶବକୁ ବାହାର କରାଯାଇଥିଲା । ଜିଆରପି ପୋଲିସ ଶବ ଜବତ କରି ବ୍ରବଚ୍ଛେଦ ନିମନ୍ତେ ଖୋର୍ଦ୍ଧା ପଠାଇଛି । ଭାଗୀରଥିଙ୍କୁ ଜ୍ୱର ହୋଇଥିଲା । ଶ୍ୱାସଜନିତ ସମସ୍ୟା ଯୋଗୁଁ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡିଛି । ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ତାଙ୍କ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି କୁହାଯାଇଛି ।

## ବଜ୍ରାଘାତରେ ଗୋପାଳକ ସମେତ ୬ ଗାଈ ଓ ୭ ବାଛୁରୀ ମୃତ

ଗଞ୍ଜାମ, ୨୫/୪ (ନି.ପ୍ର.): ଗଞ୍ଜାମ ଜିଲ୍ଲା ଆସିକା ଥାନା ଘଟଖୁରୀ ଗ୍ରାମରେ ଗତକାଲି ସଂନ୍ଧ୍ୟାରେ ବଜ୍ରପାତରେ ଗୋପାଳକ ଗୁଣ୍ଡିଚା ଗୌଡ଼ଙ୍କ ମୃତ୍ୟୁ ଘଟିଛି । ଏଥିସହ ବଜ୍ରାଘାତରେ ୬ଟି ଗାଈ, ୭ ବାଛୁରୀ ଓ ଦୁଇଟି ଛେଳିଙ୍କ ମୃତ୍ୟୁ ଘଟିଛି । ଗୁଣ୍ଡିଚା ଗାଈ ଚରାଇ ସଂନ୍ଧ୍ୟାରେ ଗୋଠ ସହ ଘରକୁ ଫେରୁଥିବା ବେଳେ କାଳବୈଶାଖୀ ପ୍ରଭାବରେ ଘଡ଼ଘଡ଼ି ସହିତ ବର୍ଷା ଆରମ୍ଭ ହୋଇଥିଲା । ଏହି ସମୟରେ ବଜ୍ରପାତରେ ଘଟଣାସ୍ଥଳରେ ଗାଈ ବାଛୁରୀ ଓ ଛେଳିଙ୍କ ମୃତ୍ୟୁ ଘଟିଥିଲା । ପରିବାର ଲୋକେ ଗୁଣ୍ଡିଚାଙ୍କୁ ଗୁରୁତର ଅବସ୍ଥାରେ ସେଠାରୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ଆସିକା ଉପଖଣ୍ଡ ଡ଼ାକ୍ତରଖାନାକୁ ଆଣିଥିଲେ । ଚିକିତ୍ସାଧିନ ଅବସ୍ଥାରେ ଡ଼ାକ୍ତରଖାନାରେ ଗୁଣ୍ଡିଚାଙ୍କ ମୃତ୍ୟୁ ଘଟିଛି । ଏନେଇ ଆସିକା ଥାନା କେସ୍ ନଂ ୬/୨୧ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ନେଇ ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି ।

# ବାଲିଗୁଡା କଟପଡିରରେ ଟ୍ରାକ୍ଟର ବାଇକ ମୁହାଁମୁହିଁ ୩ ମୃତ

କନ୍ଧମାଳ, ୨୫/୪ (ନି.ପ୍ର.): କନ୍ଧମାଳ ଜିଲ୍ଲା ବାଲିଗୁଡା ଥାନା କଟପଡି ନିକଟରେ ମର୍ମନ୍ତୁଦ ସଡକ ଦୁର୍ଘଟଣା । ଗୋଟିଏ ଟ୍ରାକ୍ଟର ସହ ଏକ ପଲସର ବାଇକ ମୁହାଁମୁହିଁ ଧକ୍କା ଫଳରେ ଘଟଣାସ୍ଥଳରେ ଦୁଇଜଣ ମଟୋର ସାଇକେଲ ଆରୋହୀଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରତର ଭାବରେ ଆହାତ ହୋଇଥିଲେ । ଖବର ପାଇ ବାଲିଗୁଡା ଅଗ୍ନିଶ୍ରମ ବାହିନୀ ଓ ପୋଲିସ ଘଟଣାସ୍ଥଳରେ ପହଂଚି ସମସ୍ତଙ୍କୁ ଉଦ୍ଧାର କରି ବାଲିଗୁଡା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତି କରାଇଥିଲେ । ଗୁରୁତର ଆହତ ଜଣକର ଅବସ୍ଥା ଅଧିକ ଖରାପ ହେବାରୁ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା । ଚିକିତ୍ସିତ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡିଛି । ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ଦୁଇଜଣ ବାଲିଗୁଡା ଥନା ଦିଗାପଦର ଗ୍ରାମର ରାଧେକୃଷ୍ଣ ପୁଜାରୀ ଓ ଦଶରଥ ମାଝୀ ବୋଲି ଜଣାପଡିଥିବା ବେଳେ ଫୁଲବାନୀରେ ମୃତ୍ୟୁ ବରଣ କରିଥିବା ଜଣକ ସାଗର ଦିଗାଲଙ୍କ ମୃତ୍ୟୁ ବୋଲି ଜଣାପଡିଛି । ସୁଚନା ଅନୁସାରେ ଗତକାଲି ରାତିରେ ସିନ୍ଦ୍ରିଗାଁ ପଟୁ ବାଲିଗୁଡା ଆଡକୁ ଓଆର ୧୨-୭୧୮୨ନମ୍ବର ଥିବା ଏକ ଟ୍ରାକ୍ଟର ଆସୁଥିବାବେଳେ ବାଲିଗୁଡା ପଟୁ ତିନିଜଣ ଯୁବକ ଏକ ପଲସର ବାଇକ(ଓଡି-୧୨ଏ ୮୬୯୨) ରେ ଗାଁକୁ ଫେରୁଥିବା ବେଳେ କଟପଡି ନିକଟରେ ଉଭୟଙ୍କ ମଧ୍ୟରେ ମୁହାଁମହିଁ ଧକ୍କା ହୋଇଥିଲା । ଘଟଣାସ୍ଥଳରେ ଦୁଇଜଣ ମୋଟର ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ଆହାତ ହୋଇଥିବା ଜଣାପଡିଛି । ମୃତକ ମାନଙ୍କ ଶବକୁ ବ୍ୟବଛେଦ ପାଇଁ ପଠାଇ ଏହି ସଂକ୍ରାନ୍ତରେ ବାଲିଗୁଡା ଥାନା ପୋଲିସ ଏକ ମାମଲା ରୁଜ୍ଜୁ କରିବା ସହିତ ଘଟଣାର ତଦନ୍ତ କରୁଥିବା ଜଣାପଡିଛି ।

# ବନ ବିଭାଗ ଦ୍ୱାରା ପ୍ରଚୁର ପରିମାଣର କାଠ ଜବତ

ମାଲକାନଗିରି, ୨୫/୪ (ନି.ପ୍ର.): କମାଳିଗୁଡ଼ା ଗ୍ରାମ ନିକଟରେ ବୋହିଯାଉଥିବା ତମସା ନଦୀ କୂଳରେ ବନ ବିଭାଗ ଚଢ଼ାଉ କରି ପ୍ରଚୁର ପରିମାଣର କାଠ ଜବତ କରିଛି । ଆଜି ସକାଳୁ ବିଶେଷ ସୂତ୍ରରୁ ଖବର ପାଇ ବନଖଣ୍ଡ ଅଧିକାରୀ ପ୍ରଦୀପ ମିରାଶେଙ୍କ ନିର୍ଦ୍ଦେଶକରେ ମାଲକାନଗିରି ବନାଂଚଳ ଅଧିକାରୀ ଜଗନ୍ନାଥ ପ୍ରସାଦ ବିଷୋୟୀ ଏକ ଟିମ୍ ନେଇ ଚଢ଼ାଉ କରିଥିଲେ । ଚଢ଼ାଉରେ ପ୍ରାୟ ୯ ଗୋଟି ଶାଗୁଆନ ଗଣ୍ଡି ଓ ୩୪ ଗୋଟି ଶାଗୁଆନ ପଟା ବନ ବଭାଗ ଜବତ କରିଛି । ଯାହାର ଆନୁମାନିକ ମୂଲ୍ୟ ଏକ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ଏବଂ ଆୟତନ ପ୍ରାୟ ୬୦ ଘନଫୁଟ ହେବ । ଘଟଣାସ୍ଥଳରୁ ଦୁଇ ଜର ସନ୍ଦିଗ୍ଧଙ୍କୁ ଅଟକ ରଖି ପଚରା ଉଚୁରା ଚାଲିଛି । ଘଟଣାର ସମ୍ପୂର୍ଣ୍ଣ ତଥ୍ୟ ସଂଗ୍ରହ ଏବଂ ମୁଖ୍ୟ ଆସାମୀଙ୍କୁ ଧରିବା ନିମନ୍ତେ ଅଧିକ ତଦନ୍ତ ଚାଲୁ ରହିଛି । ବନବିଭାଗ ମାଲକାନଗିରି ଗୋଟିଏ ବନ ଅପରାଧିକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି । ପ୍ରକାଶ ଥାଉ କି ଗତ ୧୫ ଦିନ ମଧ୍ୟରେ ତମସା ନଦୀପୂଳ କମାଳିଗୁଡ଼ା ଗ୍ରାମ ନିକଟରେ ଚଢ଼ାଉ କରି ବନ ବିଭାଗ ଦୁଇଗୋଟି ଟ୍ରାକ୍ଟର ସହ ପ୍ରଚୁର ପରିମାଣ କାଠ ଜବତ କରିଛି । ଏହା ସହ ଚାରିଜଣ ଆସାମୀଙ୍କୁ ମଧ୍ୟ କୋର୍ଟ ଚାଲାଣ କରାଯାଇଛି । ଆଜିର ଚଢ଼ାଉ ଜବତ ଏବଂ ପ୍ରାଥମିକ ତଦନ୍ତରେ କମାଳିଗୁଡ଼ା ଗ୍ରାମବାସୀ ,ବଂ ପୂର୍ବତଟ ସରପଂଚ ମଧ୍ୟ ସହଯୋଗ କରିଛନ୍ତି । ଆଜିର ଚଢ଼ାଉରେ ବନପାଳ ପାଂତ୍ରିପାଣି ମୋହନ ଗୁଡ଼ିଆ, ବନପାଳ ଏମ.ଭି. ୧୭ ଦିବାକର ଜେନା, ବନପାଳ ମାଲକାନଗିରି ମୁରଲିଧର ଅନୁଗୁଳିଆ, ବନପାଳ କୋରୁକୋଣ୍ଡା ରେଜେଶ ସେଠୀଙ୍କ ସହ ସମସ୍ତ ବନରକ୍ଷୀ ଏବଂ ସୁରକ୍ଷା ସ୍କ୍ୱାର୍ଡ଼ ଅଂଶ ଗ୍ରହଣ କରିଥିଲେ ।

## ଅସହାୟ ଦଳିତ ମହିଳାଙ୍କୁ ଘର କରାଇ ଦେଉ ନାହିଁ ପଡୋଶୀ

କେନ୍ଦ୍ରାପଡ଼ା, ୨୫/୪ (ନି.ପ୍ର.): କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଦଳବାଡ ଗ୍ରାମର ଜଣେ ଦଳିତ ମହିଳାଙ୍କୁ ସେହି ଗ୍ରାମର ଜଣେ ପ୍ରଭାବଶାଳୀ ବ୍ୟକ୍ତି ଘର କରାଇ ଦେଉନଥିବା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି । ଅଭିଯୋଗରୁ ପ୍ରକାଶ ଯେ, ଦଳବାଡ ଗ୍ରାମର ଖୁଲଣା ମଳିକ ଜଣେ ଅସହାୟ ଦଳିତ ମହିଳା । ସେ ଭଙ୍ଗା କୁଡିଆ ଘରେ ରହୁଥିବାରୁ ବ୍ଲକ ପ୍ରଶାସନ ତରଫରୁ ତାଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ମିଳିଛି । ସେ ପୁରୁଣା ଘରକୁ ଭାଙ୍ଗି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ତିଆରି କଲାବେଳେ ସେହି ଗ୍ରାମର ଜଣେ ପ୍ରଭାବଶାଳୀ ବ୍ୟକ୍ତି ତାଙ୍କୁ ଘର କରାଇ ଦେଉନଥିବା ଅଭିଯୋଗ ହୋଇଛି । ଏଥି ସହିତ ତାଙ୍କୁ ମାଡ ମାରି ଆହତ କରିଥିବା ମଧ ସେ ଅଭିଯୋଗ କରିଛନ୍ତି । ତହସିଲ ପ୍ରଶାସନ ମାପ କରି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ନିର୍ମାଣ କରିବା ପାଇଁ ଅନୁମତି ଦେବାପାଇଁ ସେ ଦାବି କରିଛନ୍ତି ।

# ଆନ୍ଦୋଳନକୁ ଓହ୍ଲାଇବେ ପ୍ରାଣୀ ଚିକିତ୍ସକ

ଭଦ୍ରକ, ୨୫/୪(ହି.ସ.) - ପ୍ରାଣୀ ଚିକିତ୍ସକମାନେ ବିଭିନ୍ନ ଘାତ ପ୍ରତିଘାତ ଏବଂ ଅଭାବ ଅସୁବିଧା ଦେଇ କାର୍ଯ୍ୟ କରୁଥିଲେ ମଧ ଜନସାଧାରଣଙ୍କୁ ଗୁଣାତ୍ମକ ସେବା ଯୋଗାଇ ଦେବା କ୍ଷେତ୍ରରେ କେବେହେଲେ କାର୍ପଣ୍ୟତା ପ୍ରଦର୍ଶନ କରିନାହାଁନ୍ତି । ଏହି ବର୍ଗର ଚିକିତ୍ସକମାନଙ୍କ ଉତ୍ସର୍ଗୀକୃତ ତଥା ନିଷ୍ଠାପର ସେବା କାର୍ଯ୍ୟ ଯୋଗୁଁ ବିଭିନ୍ନ ଜାତୀୟ ଯୋଜନାର କାର୍ଯ୍ୟାନ୍ୱୟନରେ ସମଗ୍ର ଦେଶରେ ଓଡ଼ିଶା ଦ୍ୱିତୀୟ ସ୍ଥାନ ଅଧିକାର କରିଛି । ଏସବୁ ସତ୍ୱେ ସାଧାରଣ ଡାକ୍ତରଙ୍କୁ ନିଯୁକ୍ତି ସମୟରେ ଯେଭଳି କନିଷ୍ଠ ପ୍ରଥମ ଶ୍ରେଣୀ ପାହ୍ୟା ପ୍ରଦାନ କରାଯାଉଛି, ସେଭଳି ପ୍ରାଣୀ ଚିକିତ୍ସକମାନଙ୍କ କ୍ଷେତ୍ରରେ କରାଯାଉନାହିଁ । ସାଧାରଣ ଡାକ୍ତର ସାଢେ ପାଂଚବର୍ଷ ପାଠ ପଢି ଏଲୋପାଥି ମେଡିସିନ୍ ଲେଖୁଛନ୍ତି । ସମାନ ଭାବେ ସାଢେ ପାଂଚ ବର୍ଷ ପାଠ ପଢୁଥିବା ଓ ସମାନ ଭାବେ ଏଲୋପାଥି ଔଷଧ ଲେଖୁଥିବା ପ୍ରାଣୀ ଚିକିତ୍ସକମାନଙ୍କୁ କନିଷ୍ଠ ପ୍ରଥମ ଶ୍ରେଣୀ ଦିଆନଯାଇ ପକ୍ଷପାତ କରାଯାଉଛି ବୋଲି ସଂଘ ପକ୍ଷରୁ ଅଭିଯୋଗ କରାଯାଉଛି । ଏହି ପରିପ୍ରେକ୍ଷୀରେ ସଂଘର କର୍ମକର୍ତାମାନେ ଜିଲାପାଳଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଯଦି ରାଜ୍ୟ ସରକାର ସଂଘର ଦାବି ଯଥାଶୀଘ୍ର ପୂରଣ ନକରନ୍ତି, ତେବେ ଏପ୍ରିଲ ୨୫ ରୁ ଡିଜିଟାଲ ସେବା କାର୍ଯ୍ୟ ବର୍ଜନ ସହ ମଇ ୧ ତାରିଖ ଠାରୁ କଲମ ଛାଡ କରାଯିବ । ଚିକିତ୍ସାଳୟ ପରିସର, କାର୍ଯ୍ୟନିର୍ଘଂଟ ଓ କାର୍ଯ୍ୟ ଦିବସ ବାହାରେ ସେବା ବିରତି, ମଇ ୧୫ ତାରିଖ ଠାରୁ ସମୂହ ଛୁଟି ତଥା ମଇ ୨୫ ତାରିଖ ଠାରୁ ସମୂହ ଇସ୍ତଫା ଦେବାପାଇଁ ରାଜ୍ୟ ପ୍ରାଣୀ ଚିକିତ୍ସକ ସେବା ସଂଘ ଭଦ୍ରକ ଶାଖା ପକ୍ଷରୁ ନିଷ୍ପତି ନିଆଯାଇଛି । ପ୍ରକାଶ ଥାଉକି ବର୍ତମାନ ଜିଲାର ୨୫ ଜଣ ପ୍ରାଣୀ ଚିକିତ୍ସକ କଳା ବ୍ୟାଚ୍ ପରିଧାନ କରି ବିରୋଧ ପ୍ରଦର୍ଶନ କରିଆସୁଛନ୍ତି ।

## ବାପା କୁ ହାତ କରି ବଡଭାଇ ବିକୁଛି ଜମି: ସାନ ୩ଭାଇ ହତାଶ

କେନ୍ଦ୍ରାପଡ଼ା, ୨୫/୪ (ନି.ପ୍ର.): କେନ୍ଦ୍ରାପଡା ଜିଲ୍ଲା ରାଜନଗର ତହସିଲ ଅନ୍ତର୍ଗତ ବଡପାଲି ଗ୍ରାମର ଜଣେ ବୃଦ୍ଧଙ୍କୁ ତାଙ୍କର ବଡପୁଅ ନିଜ ଅକ୍ତିଆରରେ ରଖି ବାପାଙ୍କ ନାମରେ ଥିବା ଜମି ବିକ୍ରି କରୁଥିବା ନେଇ ୩ଭାଇ ଅତିରିକ୍ତ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଅଭିଯୋଗରୁ ପ୍ରକାଶ ଯେ, ରାଜନଗର ତହସିଲ ଅନ୍ତର୍ଗତ ବଡପାଲି ଗ୍ରାମର ନିକୁଞ୍ଜ ବିହାରୀ ବଳ, କାର୍ତିକ ଚନ୍ଦ୍ର ବଳ ଓ ମନୋଜ କୁମାର ବଳ ତାଙ୍କ ବାପାଙ୍କୁ ୮୦ ବର୍ଷରୁ ଉର୍ଦ୍ଧ୍ୱ ହୋଇଥିବା ବେଳେ କୋର୍ଟରେ ମାମଲା ବିଚାରଧିନ ଥିବାବେଳେ ସେ ବଡପୁଅ ପାଖରେ ରହି ଜମି ଗୁଡିକୁ ବିକ୍ରି କରିଦେଉଥିବା ଅତିରିକ୍ତ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି । ସମସ୍ତ ଜମି ବିକ୍ରି ହୋଇଗଲେ ଏହି ୩ଭାଇ ଅସୁବିଧାର ସମ୍ମୁଖୀନ ହେବେ ବୋଲି ବାପାଙ୍କର ସମ୍ପତି ବିକ୍ରି ବନ୍ଦ କରିବା ପାଇଁ ଅତିରିକ୍ତ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି ।

# ବାରହା ଆକ୍ରମଣରେ ଜଣେ ଗୁରୁତର

ଗଞ୍ଜାମ, ୨୫/୪ (ନି.ପ୍ର.): ଗତକାଲି ଅପରାହ୍ନରେ ଭଞ୍ଜନଗର ନିକଟସ୍ଥ କାଳିଆମ୍ବା ଜଙ୍ଗଲରୁ ବ୍ରହ୍ମପୁର ଭଞ୍ଜନଗର ରାସ୍ତା ଉପରକୁ ଏକ ବାରହା ଚାଲି ଆସିଥିଲା । ପ୍ରଥମେ ସେ ଶାଳୁଆପଲ୍ଲୀ ନିକଟରେ ଥିବା ଏକ କଲଭର୍ଟ ତଳେ ଲୁଚି ରହିଥିବା ଏକ ବୁଲା କୁକୁରକୁ ଆକ୍ରମଣ କରିବାକୁ ଉଦ୍ୟମ କରି ମୁଦୁଲିପଲ୍ଲୀ ଗାଁ ଆଡକୁ ମୁହାଁଇଥିଲା । ପୋଖରୀକୁ ଯାଉଥିବା କିଛି ଗ୍ରାମବାସୀ ବାରହାଟିକୁ ଦେଖି ଘଉଡାଇବାକୁ ଚେଷ୍ଟା କରିବାରୁ ସେ ଏକ ବୁଦା ମୂଳରେ ଲୁଚି ଯାଇଥିଲା । ଏହି ଖବର ପ୍ରଚାରିତ ହେବା ପରେ ବାରହାଟିକୁ ଦେଖିବାକୁ ସେଠାରେ ଲୋକଙ୍କ ଭିଡ଼ ଜମିଥିଲା । ୨ ଘଂଟା ଧରି ଲୋକେ ତା ଉପରକୁ ଢ଼େଲା ପଥର ମାରିଥିଲେ । ଆଉ କେତେକ ମୋବାଇଲରେ ବାରହାର ଫଟୋ ଓ ଭିଡ଼ିଓ ଉତୋଳନ କରିଥିଲେ । ମଝିରେ ମଝିରେ ଢ଼େଲା ମାଡରେ ଉତକ୍ଷିପ୍ତ ବାରହାଟି ଲୋକଙ୍କ ଆଡକୁ ମାଡି ଆସୁଥିଲା । ସେହି ରାସ୍ତା ଦେଇ ଯାନବାହନରେ ଯାଉଥିବା ଲୋକେ ସେଠାରେ ବାରହା ଦେଖିବାକୁ ଅଟକି ଥିଲେ । ପରେ କୌଣସି ସୂତ୍ରରୁ ଖବର ପାଇ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଂଚି ଲୋକଙ୍କୁ ସେଠାରୁ ଘଉଡାଇବା ସହ ବାରହକୁ ଜଙ୍ଗଲକୁ ଯିବାକୁ ରାସ୍ତା ଛାଡିବାକୁ ଲୋକଙ୍କୁ ଅନୁରୋଧ କରିଥିଲେ । ତଥାପି ଲୋକେ ଏହାକୁ ମାନି ନଥିଲେ । ବାରହାଟି ଉତକ୍ଷିପ୍ତ ହୋଇ ରାସ୍ତା ଉପରେ ଛିଡା ହୋଇଥିବା ସୁବାଷ ବିଶୋୟୀ (୫୫)ଙ୍କୁ ଆକ୍ରମଣ କରିଥିଲା । ସମସ୍ତେ ସେଠାରେ ଉପସ୍ଥିତ ରହିଥିଲେ ମଧ ହିଂସ୍ରମୁଖା ବାରହା କବଳରୁ ସୁବାଷଙ୍କୁ ଉଦ୍ଧାର କରିବାକୁ କେହି ସାହାସ ଜୁଟାଇ ପାରିନଥିଲେ । ରାସ୍ତା କଡ଼ରେ ବାରହାଟି ତାଙ୍କୁ ଝୁଣି ପକାଇ ଥିଲା । ନିକଟରେ ଥିବା କୁକୁର ବାରହା ପାଖକୁ ଯିବାକୁ ଚେଷ୍ଟା କରୁଥିବା ବାରହାଟି ତାକୁ ମଧ ଆକ୍ରମଣ କରିଥିଲା । ଲୋକେ ପାଟିତୁଣ୍ଡ କରିବା ସହ ପଥର ମାଡ଼ କରିଥିଲେଫ । ସୁବାଷ ଅଚେତ୍ ହୋଇଯିବାରୁ ବାରହାଟି ତାଙ୍କୁ ଛାଡି ଜଙ୍ଗଲ ଆଡକୁ ପଳାଇ ଯାଇଥିଲା । ଏହାପରେ କାଳିଆମ୍ବା ବନପାଳ ଶରତ କୁମାର ମହାନ୍ତି ବନରକ୍ଷୀ ଓ ଗ୍ରାମବାସୀଙ୍କ ସହାୟତାରେ ସୁବାଷଙ୍କୁ ସେଠାରୁ ଉଦ୍ଧାର କରାଯାଇ ଚିକିତ୍ସା ନିମନ୍ତେ ଭଞ୍ଜନଗର ଡ଼ାକ୍ତରଖାନାରେ ଭର୍ତି କରାଯାଇଛି ।

# ଦମନକ ଉତ୍ସବ



ଡକ୍ଟର ଶ୍ରୀହରି ପଣ୍ଡା



ଜଗନ୍ନାଥଙ୍କ ଦ୍ୱାଦଶଯାତ୍ରା ମଧ୍ୟରୁ ଅନ୍ୟତମ ଯାତ୍ରା ହେଉଛି ଦମନକ ଯାତ୍ରା । ଚୈତ୍ରମାସ ଶୁକ୍ଳ ଚତୁର୍ଦ୍ଦଶୀ ଦିନ ଉକ୍ତ ଯାତ୍ରା ପାଳିତ ହୋଇଥାଏ । ଯାତ୍ରା ଭାଗବତରେ ଉଲ୍ଲେଖ ଅଛି,

"ଚୈତ୍ରମାସି ସିତେପକ୍ଷେ ଚତୁର୍ଦ୍ଦଶ୍ୟଂ ବିଶେଷତଃ
ଶ୍ରୀକୃଷ୍ଣସ୍ୟ ନ ପ୍ରୀତାର୍ଥଂ କାର୍ଯ୍ୟ ଦମନ-କାର୍ପଣ୍ୟମ୍ ।"

ତ୍ରୟୋଦଶୀଯୁକ୍ତ ଚତୁର୍ଦ୍ଦଶୀ ତିଥିକୁ ଦଅଁଣା (ଦୟଣା) ଲାଗିର ନିର୍ଦ୍ଦିଷ୍ଟ ଦିନ ରହିଛି । କିନ୍ତୁ ଚତୁର୍ଦ୍ଦଶୀ କ୍ଷୟ ଥିଲେ ସେହି କ୍ଷୟା ତିଥିରେ ହିଁ କାର୍ଯ୍ୟ ହୋଇଥାଏ । ଯାତ୍ରା ପୂର୍ବଦିନ ଅର୍ଥାତ୍ ତ୍ରୟୋଦଶୀରେ ମଧ୍ୟାହ୍ନ ଧୂପ, ଦକ୍ଷିଣ ଘର ଭୋଗ ହେବାପରେ ରାମକୃଷ୍ଣ ରତ୍ନବେଦୀକୁ ବିଜେ କରିଥାନ୍ତି । (ଏହି ତ୍ରୟୋଦଶୀ ହେଉଛି ଅନଙ୍ଗ ତ୍ରୟୋଦଶୀ, କନ୍ଦର୍ପର ପ୍ରମତ୍ତ ଉତ୍ସବ । ଭବିଷ୍ୟ ପୁରାଣ ଅନୁସାରେ ଚୈତ୍ରଶୁକ୍ଳ ତ୍ରୟୋଦଶୀ ରତି, କନ୍ଦର୍ପ, ବସନ୍ତ ପ୍ରଭୃତିଙ୍କୁ ଉପାସନାକରି ଦମ୍ପତି ସୁଖ, ସୌଭାଗ୍ୟ କାମନା ସହିତ ସନ୍ତାନ କାମନା କରିଥାନ୍ତି ।) ଯାତ୍ରାପାଇଁ ଆଜ୍ଞାମାଳ ପାଇବାକୁ ଜଗନ୍ନାଥ, ବଳଭଦ୍ରଙ୍କୁ ପ୍ରାର୍ଥନା କରାଯାଏ । ଆଜ୍ଞାମାଳ ପାଇବା ପରେ ରାମକୃଷ୍ଣ ଓ କାମଦେବ ପଟ୍ଟଚିତ୍ରକୁ ପାଲିଙ୍କିରେ ବସାଇ ଜଗନ୍ନାଥବଲ୍ଲଭ ମଠର ଦେବ ଉଦ୍ୟାନକୁ ନିଆଯାଏ । ରାମକୃଷ୍ଣ ବିଜେପରେ କନ୍ଦର୍ପଟିକୁ ତାଙ୍କ ଆଗରେ ରଖାଯାଏ । ହୋମ, ଭୋଗ, ବନ୍ଦାପନା ଓ ଅନ୍ୟାନ୍ୟ ବିଧିବିଧାନ ପରେ ରାମକୃଷ୍ଣ ମନ୍ଦିରକୁ ଫେରନ୍ତି । ଚୈତ୍ରଶୁକ୍ଳ ତ୍ରୟୋଦଶୀ ରାତିରେ ଦମନାସୁରକୁ ଭଗବାନ ବିଷ୍ଣୁ ନିଧନ କରିଥିବା ପରିପ୍ରେକ୍ଷୀରେ ଏହି ଯାତ୍ରା ବିଧି ରାତିରେ ପାଳନ କରାଯାଏ । ଚୈତ୍ରଶୁକ୍ଳ ଚତୁର୍ଦ୍ଦଶୀ ଦିନ ଠାକୁରଙ୍କ ସକାଳ ଧୂପ, ମହାସ୍ନାନ, ସର୍ବାଙ୍ଗ ବେଶ ଅନୁଷ୍ଠିତ ହୋଇଥାଏ । ଠାକୁରଙ୍କ ଦୟଣା ଲାଗି ମଧ୍ୟ କରାଯାଇଥାଏ । ଏହି ଦୟଣା ଦମନକ ଅସୁର ଦେହରୁ ଜାତ ହୋଇଥିଲା । ଏହା ଦମନକ ତୃଣ ଭାବେ ପରିଚିତ । ଜଗନ୍ନାଥଙ୍କୁ ଦୟଣା ଅର୍ପଣ ଏକ ପବିତ୍ର ବିଧି । ଦୟଣା ଲାଗି ସରିବା ପରେ ଷୋଡଶ ଉପଚାରରେ ଭୋଗ, ବନ୍ଦାପନା ହୁଏ ଓ ମଦନମୋହନ ଦକ୍ଷିଣ ଘରକୁ ବିଜେକରନ୍ତି । ପରମପୂଜ୍ୟମୟ ଏହି ଯାତ୍ରା । ବିଭିନ୍ନ ଶାସ୍ତ୍ର, ପୁରାଣରେ ଏହାର ମହିମା ବର୍ଣ୍ଣିତ । ଯେଉଁମାନେ ଏହି ଯାତ୍ରାକୁ ନିଷ୍ଠା ଓ ପବିତ୍ରତାର ସହିତ ଦର୍ଶନ କରନ୍ତି, ଅଶେଷ ପୁଣ୍ୟଫଳ ଭୋଗନ୍ତି । ପ୍ରସାଦ ଦୟଣା ଭକ୍ଷଣ, ମସ୍ତକରେ ଧାରଣ କଲେ ସର୍ବପାପରୁ ମୁକ୍ତିମିଳେ ।

+ଗୌଡ଼ଗାଁ,
କପ୍ତିପଦା, ମୟୂରଭଞ୍ଜ
ମୋ.୯୮୫୩୯୪୮୪୫୮

## ୨୫୦୦ ବର୍ଷ ପୁରୁଣା ସ୍ମରଣ ପୁସ୍ତିକାରୁ ହେଲା ଖୁଲାସା

ଗ୍ରୀସ୍‌ରେ ୨୫୦୦ ବର୍ଷ ପୂର୍ବେ ଜୀବନର ବିଭିନ୍ନ କ୍ଷେତ୍ରରେ ସଫଳତା ପାଇଥିବା ବ୍ୟକ୍ତିଙ୍କୁ ଘୃଣା କରୁଥିବା ବ୍ୟକ୍ତି ତାଙ୍କ ମୃତ୍ୟୁ ପରେ ମଧ୍ୟ ନିନ୍ଦା କରୁଥିବା ଭଳି ତଥ୍ୟ ଜଣାପଡ଼ିଛି । ଏହି ଖୁଲାସା ପ୍ରାଚୀନ ଏଥେନ୍ସର ୨୫୦୦ ବର୍ଷ ପୁରୁଣା ୩୨ ଫୁଟ ଗଭୀର ଏକ କୁଆଁରୁ ୩୦ ଗୋଟି ସ୍ମରଣ ପୁସ୍ତିକା (ଟାବ୍‌ଲେଟ୍) ମିଳିବା ପରେ ଜଣାପଡ଼ିଛି । ଏଥିରେ ସେମାନେ ମୃତକଙ୍କ ବିଷୟରେ ଲେଖିଥିବା ଅଭିଶାପ ସମ୍ପର୍କରେ ଉଲ୍ଲେଖ ରହିଛି । ଏହି ସ୍ମରଣ ପୁସ୍ତିକାକୁ 'ଗଡ୍‌ସ ଅଫ୍ ଦ ଅଣ୍ଡରୱାର୍ଲ୍ଡ' ନାମରେ ମଧ୍ୟ ଜଣାଯାଏ । ବ୍ରିଟିଶ୍ ମିଡିଆ ରିପୋର୍ଟ ଅନୁସାରେ, ଏହି ଅଭିଶାପ ନୀତି ନିୟମର ଅଂଶବିଶେଷ ଥିଲା । ସ୍ମରଣ ପୁସ୍ତିକାରେ ଲୋକେ ନିଜର ବିରୋଧି (ଅକାଳ ମୃତ୍ୟୁ ହୋଇଯାଉଥିବା ଲୋକ)ଙ୍କ ପାଇଁ ବାର୍ତ୍ତା ଲେଖୁଥିଲେ । ଏଥିରେ ବିରୋଧୀଙ୍କ ନାମ ଉଲ୍ଲେଖ ହେଉନଥିଲା । କେବଳ ଅଭିଶାପ ଦିଆଯାଉଥିବା ବ୍ୟକ୍ତିଙ୍କ ନାମ ଏଥିରେ ଉଲ୍ଲେଖ କରାଯାଉଥିଲା । ବିଶେଷଜ୍ଞଙ୍କ ମତରେ ମୃତକଙ୍କୁ ଅଭିଶାପ ଦେବାରେ ଚାରୋଟି କାରଣ ଥିବା ଦର୍ଶାଇଛନ୍ତି । ଏଗୁଡ଼ିକ କୌଣସି ମକଦ୍ଦମା ଜିତିବା, ବାଣିଜ୍ୟରେ ସଫଳତା ହାସଲ କରିବା, ଆଥୋଲେଟିକ୍ସ ପ୍ରତିଯୋଗିତା ଜିତିବା, ପ୍ରେମ ଓ ଘୃଣା ମାମଲା ହୋଇଥାଇପାରେ । ସ୍ମରଣ ପୁସ୍ତିକା ମିଳିଥିବା କୁଅଁଟି ବହୁ ପୁରାତନ ଗାଧୁଆ ଘରର ଅଂଶ ଅଟେ ।

## ବାସ୍ତୁ ବିଚାରରେ ଗ୍ୟାରେଜ

ଗ୍ରାମାଞ୍ଚଳ ଅପେକ୍ଷା ସହରାଞ୍ଚଳରେ ଚାରିଚକିଆ ଯାନର ବ୍ୟବହାର ଅଧିକ । ଅଧିକାଂଶ ଲୋକ ନିଜ ସୁବିଧା ପାଇଁ ଗାଡ଼ି ତ କିଣନ୍ତି, ହେଲେ ତା' ପୂର୍ବରୁ ତାକୁ ରଖିବା ପାଇଁ ଉପଯୁକ୍ତ ସ୍ଥାନ ନିର୍ଦ୍ଧାରଣଣ କରନ୍ତି ନାହିଁ । ଗାଡ଼ି, କିଣି ସାରିବା ପରେ ମନଇଚ୍ଛା ସ୍ଥାନରେ ଗ୍ୟାରେଜ ନିର୍ମାଣ କରନ୍ତି । ଭୁଲିବା ଉଚିତ୍ ନୁହେଁ ଯେ ଆମେ ବ୍ୟବହାର କରୁଥିବା ଅନ୍ୟ ସମସ୍ତ ବସ୍ତୁ ଓ ଦ୍ରବ୍ୟ ପରି ଗାଡ଼ିର ମଧ୍ୟ ଉଭୟ ନକରାତ୍ମକ ଓ ସକରାତ୍ମକ ଶକ୍ତି ରହିଛି । ସେଥିପାଇଁ ଗାଡ଼ି କିଣିବା ପରେ ଅଧିକାଂଶ କ୍ରେତା ନାନାଦି ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳେ, ତେଣୁ ଗାଡ଼ି କିଣିବା ପୂର୍ବରୁ ପ୍ରଥମେ ତା' ପାଇଁ ବାସ୍ତୁ ତ୍ରୁଟୀରହିତ ସ୍ଥାନ ନିରୂପଣ କରିବା ସହ ବାସ୍ତୁ ପରାମର୍ଶ ଗ୍ରହଣ କରିବା ଉଚିତ୍ ।

**ପରାମର୍ଶ :**

୧. ଗ୍ୟାରେଜ ପାଇଁ ଘରର ଉତ୍ତର-ପଶ୍ଚିମ ଦିଗ ସର୍ବୋତ୍ତମ ।
୨. ଗ୍ୟାରେଜ ଭିତରେ ଗାଡ଼ିର ମୁହଁ ପୂର୍ବ ଦିଗକୁ ରହିବା ଉଚିତ୍ ।
୩. ପାର୍କ କରିବା ପରେ ଗ୍ୟାରେଜ ଚାରିପଟେ ଯେପରି ପର୍ଯ୍ୟାପ୍ତ ସ୍ଥାନ ରହିବ ସେଥିପ୍ରତି ଦୃଷ୍ଟି ଦିଅନ୍ତୁ ।
୪. ଗ୍ୟାରେଜର ଚଟାଣ ପୂର୍ବ ବା ଉତ୍ତର ଦିଗକୁ ସାମାନ୍ୟ ଗଡ଼ାଣି ରହିବା ଉଚିତ୍ ।
୫. ଗ୍ୟାରେଜର ପ୍ରବେଶ ଦ୍ୱାର ଉତ୍ତର କିମ୍ବା ପୂର୍ବ ମୁହାଁ ହେଲେ ଭଲ ।



# ଫ୍ୟାସନ ହେଲା ଫେସ୍ ମାସ୍କ

କରୋନାରୁ ବର୍ଞ୍ଚିବା ପାଇଁ ଲୋକମାନେ ବିଭିନ୍ନ ପ୍ରକାର ମେଡିକାଲ ଇକ୍ୱିପମେଣ୍ଟର ସାହାରା ନେଉଛନ୍ତି । ସେଥିରୁ ଫେସି ମାସ୍କ ଗୋଟିଏ । ଘରୁ ବାହାରିବା ସମୟରେ ଫେସ୍ ମାସ୍କ ପିନ୍ଧିବା ଏବେ ଜରୁରି ହୋଇଯାଇଛି । ତେଣୁ ବଜାରକୁ ଏବେ ବିଭିନ୍ନ ଡିଜାଇନ୍‌ର ଫେସ୍ ମାସ୍କ ଆସୁଛି ।



### ଫ୍ୟାସନ ସହ ସୁରକ୍ଷା :

ଏବେ ଅନଲାଇନ୍‌ରେ ବିଭିନ୍ନ ପ୍ରକାର ଡିଜାଇନର ଫେସ୍ ମାସ୍କ ମିଳୁଛି । ଯାହା ଦେଖିବାକୁ ସୁନ୍ଦର ଏବଂ ପିନ୍ଧିବାକୁ ଆରାମଦାୟକ । ଯେମିତିକି କାର୍ଟୁନ୍ ମାସ୍କ, ବ୍ରାଇଡାଲ ମାସ୍କ, ଫ୍ଲୋରାଲ ପ୍ରିଣ୍ଟ ମାସ୍କ ଆଦି । ଏହି ମାସ୍କକୁ ଲେୟାର୍ସ ସହିତ ତିଆରି କରାଯାଉଛି । କରୋନା ମହାମାରୀ ସମୟରେ ଅନେକ ଡିଜାଇନ୍‌ର ଡ୍ରେସ୍ କରିବା ସହିତ ମାସ୍କ ଡିଜାଇନ୍ ମଧ୍ୟ କରୁଛନ୍ତି । ଯେଉଁଥିପାଇଁ ମାସ୍କ ମଧ୍ୟ ଏବେ ଫ୍ୟାସନ୍ ଟ୍ରେଣ୍ଡ୍ ବନିଛି ।

### ଡ୍ରେସ୍ ସହ ମ୍ୟାଚିଙ୍ଗ୍ ମାସ୍କ :

କରୋନା ସମୟରେ ଗୋଟିଏ ପଟେ ମାସ୍କ ପିନ୍ଧିବା ଜରୁରି ହୋଇ ପଡ଼ିଥିବା ବେଳେ ଅନ୍ୟ ପଟେ ମହିଳାମାନେ ଫ୍ୟାଶନ୍ ପ୍ରତି ଧ୍ୟାନ ଦେବାକୁ ଭୁଲି ନାହାନ୍ତି । ଫ୍ୟାଶନେବଲ ଦିଶିବା ପାଇଁ ଡ୍ରେସ୍ ସହିତ ମ୍ୟାଚିଙ୍ଗ୍ ମାସ୍କ ବ୍ୟବହାର କରୁଛନ୍ତି । ଆଉଟଫିଟ୍ ସହିତ ମ୍ୟାଚିଙ୍ଗ୍ ମାସ୍କ ଷ୍ଟାଇଲିଶ୍ ଏବଂ କୁଲ୍ ଲୁକ୍ ଦେଉଛି ।



### କାର୍ଟୁନ୍ ମାସ୍କ :

ପିଲାମାନେ ମାସ୍କ ପିନ୍ଧିବାକୁ ଭଲ ପାଆନ୍ତି ନାହିଁ । କିନ୍ତୁ ସେମାନଙ୍କୁ କାର୍ଟୁନ ମାସ୍କ ପିନ୍ଧିବାକୁ ନିଶ୍ଚୟ ଭଲ ଲାଗିବ । ମାସ୍କ ଉପରେ ସେମାନଙ୍କ ମନପସନ୍ଦ କାର୍ଟୁନ୍ ଚରିତ୍ର ଡିଜାଇନ କରାଯାଉଛି । ଯେଉଁଥିପାଇଁ ଛୋଟ ପିଲାମାନେ ଆକର୍ଷିତ ହୋଇ ମାସ୍କ ପିନ୍ଧିବାକୁ ଆଗ୍ରହ କରିବେ ।

### ନେଟ୍ ମାସ୍କ :


ନେଟ୍‌ରୁ ମଧ୍ୟ ଷ୍ଟାଇଲିଶ୍ ମାସ୍କ ତିଆରି ହେଉଛି । ଏହାକୁ ଯେତେଦିନ ଚାହିଁବେ ପିନ୍ଧିପାରିବେ । ଏବେ ଆପଣ ଭାବୁଥିବେ ନେଟ୍ ମାସ୍କ ପିନ୍ଧିବାର କ'ଣ ଫାଇଦା ଅଛି ? କିନ୍ତୁ ନେଟ୍ କପଡ଼ା ଭିତରେ କଟନ୍ ଏବଂ ସିଲ୍କ କପଡ଼ାର ବ୍ୟବହାର କରାଯାଉଛି । ତେଣୁ ଏହି ଡିଜାଇନ୍‌ର ମାସ୍କ ପିନ୍ଧିବାରେ କୌଣସି ଅସୁବିଧା ନାହିଁ । ବରଂ ନେଟ୍ ଭିତରେ ଥିବା ସୂତା କପଡ଼ାର ପରସ୍ତ ଗରମରୁ ଆରାମ ଦେଇଥାଏ ।





### ଫ୍ଲୋରାଲ ପ୍ରିଣ୍ଟ୍ ମାସ୍କ :


ମହିଳାଙ୍କୁ ଫ୍ଲୋରାଲ ପ୍ରିଣ୍ଟ୍ ବହୁତ ପସନ୍ଦ । ଫ୍ଲୋରାଲ ଡିଜାଇନ୍‌ର ପୋଷାକ ହେଉ ବା ସୁଜ୍, ଫ୍ୟାଶନେବଲ ଲୁକ୍ ଦେଇଥାଏ । ତେଣୁ ଏହି ଡିଜାଇନ୍‌କୁ ମାସ୍କରେ ବି ସାମିଲ କରାଯାଇଛି । ଏହି ମାସ୍କକୁ ଥ୍ରି ଲେୟାର ଡିଜାଇନ୍‌ରେ ତିଆରି କରାଯାଉଛି, ଯାହାକୁ ପିନ୍ଧିବା ପରେ ସଂକ୍ରମଣର ବିପଦ ନଥାଏ । ଗରମ ଦିନେ ଫ୍ଲୋରାଲ ପ୍ରିଣ୍ଟ୍ ପୋଷାକ ଏବଂ ମାସ୍କକୁ ମ୍ୟାଚ କରି ପିନ୍ଧିପାରିବେ ।





### ବ୍ରାଇଡାଲ ମାସ୍କ :

କରୋନା ସମୟରେ ମଧ୍ୟ କପଲ୍ ବିବାହ କରୁଛନ୍ତି । କିନ୍ତୁ କଟକଣା ଭିତରେ । ମୁହଁରେ ମାସ୍କ ପିନ୍ଧୁଛନ୍ତି ଏବଂ ସାମାଜିକ ଦୂରତା ମାନୁଛନ୍ତି । ଯେଉଁଥିପାଇଁ ବ୍ରାଇଡାଲ ପୋଷାକକୁ ମ୍ୟାଚ୍ କରି ଫେସ୍ ମାସ୍କ ତିଆରି କରାଯାଉଛି । ମାସ୍କ ଉପରେ ଜର୍ଜେଟ ୱାର୍କ ରହୁଛି । ଏହା ଦେଖିବାକୁ ଷ୍ଟାଇଲିଶ୍ ଏବଂ ପିନ୍ଧିବାକୁ ଆରାମଦାୟକ ।



## ୩ଡି ଆର୍ଟ ମ୍ୟୁଜିୟମ୍



ବିଶ୍ୱରେ ବିଭିନ୍ନ ମ୍ୟୁଜିୟମ୍ ରହିଛି । ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ଶୈଳୀର ଜିନିଷକୁ ସଂଗ୍ରହ କରାଯାଇ ମ୍ୟୁଜିୟମ୍ ତିଆରି କରାଯାଇଛି । ପୁରାତନ ଯୁଗରୁ ଆରମ୍ଭ କରି ବର୍ତ୍ତମାନ ପର୍ଯ୍ୟନ୍ତ ଅନେକ ଜିନିଷ ମ୍ୟୁଜିୟମ୍‌ରେ ସ୍ଥାନିତ ଅଛି । କିନ୍ତୁ ଏମିତି ଏକ ନିଆରା ମ୍ୟୁଜିୟମ୍ ଅଛି



ଯାହାକୁ ଦେଖିବାକୁ ଯେ କେହି ଉତ୍ସାହିତ ହୋଇଉଠିବେ । ଏହା ବିଶ୍ୱର ପ୍ରଥମ ୩-ଡି ମ୍ୟୁଜିୟମ୍ । ଫିଲିପାଇନ୍‌ସ୍‌ସ୍ଥ ମାନିଲାର ଉତ୍ତର ଦିଗରେ ଥିବା ଏହି ୩-ଡି ମ୍ୟୁଜିୟମ୍‌ର ନାଁ ହେଉଛି 'ଆର୍ଟ ଇନ୍ ଆଇଲାଣ୍ଡ୍' । ଏହି ମ୍ୟୁଜିୟମ୍‌ରେ ୫୦ରୁ ଅଧିକ ୩-ଡି ପାଚେରି ରହିଛି । ଏହାକୁ ଦକ୍ଷିଣ କୋରିଆରେ ୧୮ ଜଣ ମାଷ୍ଟର ପେଣ୍ଟର୍ସ ଟିମ୍ ଦ୍ୱାରା ତିଆରି କରାଯାଇଛି । ୩-ଡି ମ୍ୟୁଜିୟମ୍‌ଟି ବିଶ୍ୱ ପ୍ରସିଦ୍ଧ ।

## ମା'ଲକ୍ଷ୍ମୀଙ୍କ ନାମରେ ଜାପାନୀ ସହର

ଜାପାନର ରାଜଧାନୀ ଟୋକିଓ ନିକଟସ୍ଥ ଏକ ଛୋଟ ସହର ହେଉଛି କିଚିଜୋଜି । ଜାପାନୀ ଭାଷାରେ କିଚିକୋଜିର ଅର୍ଥ ହେଉଛି ମା'ଲକ୍ଷ୍ମୀ । ସ୍ଥାନୀୟ ଅଞ୍ଚଳର ଲୋକ ଏ ବାବଦରେ ପର୍ଯ୍ୟଟକଙ୍କୁ ଅବଗତ କରାଇଥାନ୍ତି । ନିକଟରେ ଜାପାନର ଜନୈକ ଗବେଷକ ବେଙ୍ଗାଲୁରୁରେ ଆୟୋଜିତ ଏକ ସମ୍ମିଳନୀରେ ଯୋଗ ଦେବା ପାଇଁ ଆସିଥିବାବେଳେ ଏଇ ଜାପାନୀ ସହରର ନାମ ସମ୍ପର୍କିତ ସମସ୍ତ ତଥ୍ୟ ଦେଇଥିଲେ । ଜାପାନରେ ଏଭଳି ସଂଖ୍ୟାଧିକ ମନ୍ଦିର ଅଛି, ଯେଉଁଗୁଡ଼ିକ ହିନ୍ଦୁ ଦେବଦେବୀଙ୍କୁ ସମର୍ପିତ ବୋଲି ସେଠା ଲୋକ ପ୍ରକାଶ କରିଛନ୍ତି । ଗବେଷକଙ୍କ କହିବାନୁସାରେ, ଜାପାନର ପ୍ରାଚୀନ ଭାଷା ମଧ୍ୟ ସଂସ୍କୃତରୁ ଉଦ୍ଧୃତ । ଏହା ସହ ଜାପାନର ପ୍ରାୟ ୫୦୦ ଶବ୍ଦ ସଂସ୍କୃତ ଓ ତାମିଲ ଭାଷାର ମିଳନରୁ ଉତ୍ପତ୍ତି ହୋଇଥିବାର ଜଣାପଡ଼ିଛି । ଭାରତୀୟ ପରମ୍ପରା, ପୂଜାକୁ ଜାପାନୀମାନେ ଖୁବ୍ ସମ୍ମାନ ଦେଇଥାନ୍ତି ।





ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର ୪
୨୬ ଅପ୍ରେଲ ୨୦୨୧, ସୋମବାର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଶଙ୍କଟ ସମୟରେ ଭରସା...

ଦେଶ ତଥା ବିଶ୍ୱରେ କରୋନାର ଦ୍ୱିତୀୟ ଲହର କ୍ଷୀପ୍ର ବେଗରେ ମାଡ଼ି ଚାଲିଛି। ଆମ ଦେଶରେ ସ୍ଥିତି ପୂର୍ବବର୍ଷ ଅପେକ୍ଷା ବହୁଗୁଣ ବଢ଼ିଯାଉଥିବା ପରିପ୍ରେକ୍ଷୀରେ କିଭଳି ଅବସ୍ଥାର ସମ୍ମୁଖୀନ ହେବା, ତାହା ସମସ୍ତଙ୍କ ପାଇଁ ଘୋର ଚିନ୍ତାର ମୁଖ୍ୟ କାରଣ ହୋଇଛି। ଗତବର୍ଷର ତିକ୍ତ ଅଭିଜ୍ଞତା ତମାମ ବିଶ୍ୱରେ ଯେଉଁ କ୍ଷତ ସୃଷ୍ଟି କରିଯାଇଛି, ତାହାର ଭରଣା ଦୂରର କଥା, ଏ ବର୍ଷର ମହାସଂକ୍ରମଣ ସଂକଟକୁ ଅଧିକ ଗମ୍ଭୀର କରି ସାରିଲାଣି। ଏତିକି ହୋଇଛି ମାସ୍କ ପରିଧାନ, ସାମାଜିକ ଦୂରତା ରକ୍ଷା ଓ ହାତଧୁଆ ପରି ଉପଚାର ଆପଣାଇବା ସକାଶେ ବିଶ୍ୱବାସୀ ଶିଖିଲେ। ତାହା ବାଦ୍ ପ୍ରତିଷେଧକ ଟିକା ପାଇଁ ଅନବରତ ଗବେଷଣାରୁ କେତେକ ଔଷଧୀୟ ଉପଚାରର ବିକାଶ ଓ ପ୍ରୟୋଗ ସମ୍ଭବ ହୋଇପାରିଛି। ଭୂତାଣୁ ସଂକ୍ରମଣର ବ୍ୟାପକତା ବିଶ୍ୱବାସୀଙ୍କୁ ଥରହର କରି ରଖିଥିବା ସମୟରେ ଏବେ ନୂଆ ଅବତାରରେ କରୋନା ମୁଣ୍ଡ ଟେକୁଥିବା ସମସ୍ତଙ୍କ ଚିନ୍ତାକୁ ବଢ଼ାଇ ଦେଇଛି। ଯେଉଁ ଡବଲ ମ୍ୟୁଟାଂଟ କଥା କୁହାଯାଉଥିଲା, ତାହା ଟ୍ରିପଲ ମ୍ୟୁଟାଂଟ ରୂପ ନେଇ ପଶ୍ଚିମବଙ୍ଗ ଓ ଅନ୍ୟତ୍ର ମୁଣ୍ଡ ଟେକିଛି। କଟକଣାକୁ ବେଖାତିର କରି ଉପଚାର ଓ ପ୍ରତିବନ୍ଧକ ନମାନି ଚଳପ୍ରଚଳ କରୁଥିବାରୁ କଥିତ ତୃତୀୟ ଅବତାର ଉଗ୍ରରୂପ ଧରି ମାଡ଼ିଆସିଛି। ତାହା କୁମ୍ଭମେଳା ହେଉ କି' ବିଭିନ୍ନ ରାଜ୍ୟରେ ନିର୍ବାଚନୀ ସମାବେଶ, ସବୁ କ୍ଷେତ୍ରରେ ସଂକ୍ରମଣର ବିଷମଂଜି ବୁଣା ହୋଇଥିବା କାହାରିକୁ ଅଜଣା ନାହିଁ। ନେଢ଼ିଗୁଡ଼ କହୁଣିକୁ ବୋହିଯିବା ଭଳି ଅବସ୍ଥା ହେବାପରେ, ଦେଶବାସୀଙ୍କ ତ୍ରାହି ତ୍ରାହି ଡାକ ଶୁଣି ସେମାନଙ୍କ ପାଇଁ କେହି ବାହାରି ଆସିବାର ରାସ୍ତା ପାଉନାହାଁନ୍ତି। ତାହାରି ଭିତରେ ଗତ ସଂକ୍ରମଣ ସମ୍ପର୍କିତ ସଚେତନାର ଅଭାବ ଅବସ୍ଥାକୁ ଅଧିକ ସଂଗୀନ କରିଦେଲା ଭଳି ହୋଇଛି। ବିଭିନ୍ନ ରାଜ୍ୟରେ କୋଭିଡ ପାଇଁ ସ୍ୱତନ୍ତ୍ର ହସ୍ପିଟାଲ ପୂର୍ବଥର ଯେଉଁପରି ଖୋଲାଯାଇ ସ୍ୱତନ୍ତ୍ର ଚିକିତ୍ସା କରାଯାଉଥିଲା, ତାହା କରାଯିବାରେ କ'ଣ ପାଇଁ ଅନୁରୂପ ତତ୍ପରତା ଦେଖାଗଲା ନାହିଁ। ବ୍ୟବସ୍ଥାଠାରୁ ଅବ୍ୟବସ୍ଥା ଅଧିକ ହେବାର ଚିତ୍ର ଟିକାର ଅଭାବ, ଅକ୍ସିଜେନ୍ ଯୋଗାଣରେ ବିଭ୍ରାଟ, ଶଯ୍ୟା ତଥା ଔଷଧର ନିଅଂଟ ଦେଖିବାକୁ ମିଳିଲା। ଦେଶରେ ଅକ୍ସିଜେନ୍ ଅଭାବଜନିତ ସଙ୍କଟକୁ ଏଡ଼ାଇବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କେତେକ ପଦକ୍ଷେପ ନେଇଛନ୍ତି। କାରଖାନାରେ ବ୍ୟବହୃତ ଅକ୍ସିଜେନକୁ ଡାକ୍ତରଖାନାରେ କରୋନା ସଂକ୍ରମିତଙ୍କ ଚିକିତ୍ସା ପାଇଁ କୋର୍ଟ ପକ୍ଷରୁ ନିର୍ଦ୍ଦେଶ ମିଳିବା ପରେ ତୁରନ୍ତ ତାହା କରିବାକୁ ସମସ୍ତେ ଆଗେଇ ଆସିଲେ। ଓଡ଼ିଶା ସରକାର ପୂର୍ବଥର ପରି କରୋନା ବିରୋଧୀ ସଂଗ୍ରାମରେ ରୋଲ୍ ମଡେଲ ହୋଇ ଉଭା ହୋଇଥିଲା। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନଠାରୁ ଆରମ୍ଭ କରି ବିଭିନ୍ନ ଫୋରମରେ ଓଡ଼ିଶା ଓ ଏହାର ନେତୃତ୍ୱର ଯୋଗଦାନକୁ ଉଚ୍ଚ ପ୍ରଶଂସା ମିଳିଲା। କଥାରେ ନୁହେଁ, କାର୍ଯ୍ୟରେ ଏହା ପ୍ରମାଣିତ କରିଥିବାରୁ ଏବେ ପୁଣିଥରେ ଦେଶ ଓଡ଼ିଶାକୁ ଚାହିଁଛି। କାରଖାନା ପାଇଁ ଉର୍ଦ୍ଦିଷ୍ଟ ଅକ୍ସିଜେନ୍ ରୋଗୀଙ୍କ ଜୀବନରକ୍ଷା ସକାଶେ ବ୍ୟବହାର ପାଇଁ ମୁଖ୍ୟମନ୍ତ୍ରୀଙ୍କ ସହ ପ୍ରଧାନମନ୍ତ୍ରୀ କଥା ହେବା ପରେ କାରଖାନାଗୁଡ଼ିକରୁ ଅକ୍ସିଜେନ ଯୋଗାଣ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଥାକରେ ଏବଂ ଖୋଦ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜାତୀୟ ବିପତ୍ତି ସମୟରେ ମୁଖ୍ୟମନ୍ତ୍ରୀଙ୍କ ବଦାନ୍ୟତାର ପ୍ରଶଂସା କରିଛନ୍ତି। ଓଡ଼ିଶାରେ ବେଙ୍ଗଲ ଫେରନ୍ତାମାନେ ଚିନ୍ତା ବଢ଼ାଇଥିବାରୁ ସେମାନଙ୍କୁ ଚଉଦ ଦିନ କ୍ୱାରେଣ୍ଟାଇନରେ ରହିବାକୁ କୁହାଯାଇଛି। ଅମାନିଆଙ୍କୁ ସାବାଡ଼ କରିବା ପାଇଁ ଗୋଟିକ ପରେ ଗୋଟିଏ ଦଣ୍ଡ ବ୍ୟବସ୍ଥା ଖଂଜାଯାଇଛି। ତାହାରି ଭିତରେ ସାବାଳକ ଟିକାକରଣ ଭଳି ଆହ୍ୱାନ ଆସିଗଲାଣି। ଅର୍ଥନୀତି ପାଇଁ ଅଭିଶାପ ସାଜିଥିବା କରୋନା ସମସ୍ତଙ୍କୁ ଡରାଇ ରଖିଥିବା ହେତୁ କାହାରିକୁ ଠିକଣା ରାସ୍ତା ଦେଖାଯାଉନଥିବା ପରି ମନେ ହେଉଛି। ଏସ୍ଥିତିରେ ଜାତୀୟ ଅଭିବୃଦ୍ଧି ହାରରେ ନିମ୍ନଗତି କେମିତି ରୋକାଯାଇ ପାରିବ, ସେହି ଚିନ୍ତା କରୋନା ସମୟରେ ନେତୃତ୍ୱ ପାଇଁ ମୁଣ୍ଡବ୍ୟଥାର କାରଣ ଥିଲା। ଦ୍ୱିତୀୟ ଉଗ୍ର ଅବତାର ସେହି ସମସ୍ୟାକୁ ବଢ଼ାଇ ଦେବାର ଆଶଙ୍କାକୁ ବହୁଗୁଣିତ କରିଦେବ। ଜାତୀୟ କ୍ଷେତ୍ରରେ ସ୍ଥିତି ଯାହା ରାଜ୍ୟସ୍ତରରେ ତଦ୍ରୁପ। ସୁତରାଂ ରାଜ୍ୟ ଓ କେନ୍ଦ୍ର ହାତକୁ ହାତ ମିଶାଇ ସ୍ଥିତିର ମୁକାବିଲା କରିବା ଛଡ଼ା କିଛି ରାସ୍ତା ଆପାତତଃ ଦିଶୁନାହିଁ।

## ଟିକି ବିପ୍ଳବୀ : ନୀଳମଣି



ଅକ୍ଷୟ କୁମାର ରାଉତ

(ପୂର୍ବ ପ୍ରକାଶିତ ଉତ୍ତାରୁ)


ସେ ସମୟରେ ଆଇନ କଲେଜ ରେଭେନ୍ସା କଲେଜରେ ଚାଲୁଥିଲା। ଆଇନ କଲେଜର ଅଧକ୍ଷ ଜେ.ଏନ୍. ବାନାର୍ଜୀ ତାଙ୍କର ସ୍ୱତନ୍ତ୍ର କ୍ଷମତା ଅଧିକାର ପଦ ମର୍ଯ୍ୟାଦା ସଂପର୍କରେ ସରକାରକୁ ଜଣାଇଲେ। ସରକାର ଗ୍ରହଣ ନକରିବାରୁ ବାନାର୍ଜୀ ଅଧକ୍ଷ ପଦରୁ ଇସ୍ତଫା ଦେଇଦେଲେ। ବାନାର୍ଜୀକୁ ସମର୍ଥନ କରି ଛାତ୍ରସଂଘ ଧର୍ମଘର ଆରମ୍ଭ କଲେ। ଏହି ଧର୍ମଘଟର ନେତୃତ୍ୱ ନୀଳମଣି ନିଜେ ନେଇ ଆଇନ କଲେଜ ଅଧକ୍ଷଙ୍କୁ ସ୍ୱତନ୍ତ୍ର ମର୍ଯ୍ୟାଦା ଦେବାପାଇଁ ଦାବି କରିଥିଲେ। ହରେକୃଷ୍ଣ ମହତାବଙ୍କ ମଧ୍ୟସ୍ଥତାରେ ଛାତ୍ର ପ୍ରତିନିଧିମାନେ ପ୍ରଧାନମନ୍ତ୍ରୀ ବିଶ୍ୱନାଥ ଦାସଙ୍କ ସହ ଆଲୋଚନା କରି ବିଫଳ ହେଲେ। ଛାତ୍ର କ୍ରିୟାନୁଷ୍ଠାନ କମିଟି ଓ ଛାତ୍ରସଂଘର ମିଳିତ ଧର୍ମଘଟ ଅନ୍ୟ କଲେଜକୁ ବ୍ୟାପିଲା। ଛାତ୍ରମାନଙ୍କ ଉପରେ ଦଣ୍ଡମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା। ଛାତ୍ରମାନଙ୍କୁ ଜେଲରୁ ଖଲାସ ଓ ସେମାନଙ୍କ ବିରୁଦ୍ଧରେ ଥିବା ମୋକଦମା ନ ଉଠାଇବା ପର୍ଯ୍ୟନ୍ତ ଧର୍ମଘଟ ଓ ଆନ୍ଦୋଳନ ଚାଲୁ ରହିଲା। ଶେଷରେ ସରକାର ଛାତ୍ରମାନଙ୍କ ଦାବିଗୁଡିକୁ ଗ୍ରହଣ କଲାପରେ ଆନ୍ଦୋଳନ ବନ୍ଦ ହୋଇଥିଲା। ନୀଳମଣି ଛାତ୍ର ଆନ୍ଦୋଳନରେ ବହୁବାର ଜେଲ ଯାଇଥିଲେ। ୧୯୪୦ ମସିହା ଜାନୁଆରୀ ୨୬ ତାରିଖକୁ ସ୍ୱାଧୀନତା ଦିବସ ରୂପେ ପାଳନ କରିବା ପାଇଁ ଜାତୀୟ କଂଗ୍ରେସ ପକ୍ଷରୁ ସ୍ଥିର ହୋଇଥିଲା। ଏହି ସ୍ୱାଧୀନତା ଦିବସ ପାଳନ ପାଇଁ ଅଧକ୍ଷ ଡଃ. ପ୍ରାଣକୃଷ୍ଣ ପରିଜା ଅନୁମତି ଦେଇନଥିଲେ। ଛାତ୍ରନେତା ନୀଳମଣି ଓ ବିବୁଧେନ୍ଦ୍ର ମିଶ୍ରଙ୍କ ସହିତ ଅନ୍ୟ ଛାତ୍ରମାନେ ମହାସମାରୋହରେ ସ୍ୱାଧୀନତା ଦିବସ ପାଳନ କଲେ। ସଭାପତି ଭାବେ ନୀଳମଣି ଜାତୀୟ ପତାକା ଉତୋଳନ କଲେ। ନୀଳମଣି ଭାରତମାତାଙ୍କୁ ବିଦେଶୀ ଶାସନ କବଳରୁ ମୁକ୍ତ କରିବା ପାଇଁ ଆହ୍ୱାନ କରିଥିଲେ। ଏହାପରେ ଛାତ୍ରମାନଙ୍କ ଉପରେ ପୋଲିସ୍‌ର ଦମନ ଲୀଳା ଆରମ୍ଭ ହୋଇଗଲା। ବହୁ ଛାତ୍ର ଗିରଫ ହେଲେ। ନୀଳମଣି ଓ ବିବୁଧେନ୍ଦ୍ର ଉପରେ ୨୫ ଟଙ୍କା ଲେଖାଁଏ ଜୋରିମାନା ଓ କ୍ଷମା ପ୍ରାର୍ଥନା କରିବାକୁ ଅଧକ୍ଷ ପରୱାନ ଜାରି କଲେ। ଛାତ୍ରସଂଘ ଅନ୍ୟାୟ ଆଦେଶର ପ୍ରତିବାଦ କରି ଆନ୍ଦୋଳନ କରିବା ଓ ପରୀକ୍ଷା ବର୍ଜନ କରିବା ପାଇଁ ନିଷ୍ପତି ନେଲା। ରେଭେନ୍ସା କଲେଜ ପୋଲିସ୍ ଛାଉଣୀରେ ପରିଣତ ହେଲା। ବହୁ ଛାତ୍ର ଗିରଫ ହେଲେ। ଛାତ୍ରମାନେ ରାତିରେ ନିଜ ଜିନିଷପତ୍ର ମୁଣ୍ଡରେ ଧରି ଶୋଭାଯାତ୍ରା କରି ବାହାରି ଯିବା ସମୟରେ ପୋଲିସ୍ କଟକ ଜେଲଖାନା ନିକଟରେ ଛାତ୍ରମାନଙ୍କୁ ଗିରଫ କରିନେଲା। ନୀଳମଣି ଏକ ନାରୀ ବେଶରେ ପୋଲିସ୍‌କୁ ଚକ୍‌ମା ଦେଖାଇ ଖସିଗଲେ। ପରେ ନୀଳମଣି ଓ ବିଜୟ ଚନ୍ଦ୍ର ଦାସ ଗିରଫ ହୋଇ ଦଶ ଦିନ ଜେଲ୍‌ରେ ରହିଲେ। କେତେକ ବିଶିଷ୍ଟ ବ୍ୟକ୍ତି ସେମାନଙ୍କୁ ଜାମିନ୍‌ରେ ଆଣିଥିଲେ। ନୀଳମଣି ରେଭେନ୍ସା କଲେଜ ଓ ପାଟଣା ବିଶ୍ୱବିଦ୍ୟାଳୟରୁ ବହିଷ୍କାର ହେବାପରେ ଶେଷର ଡଃ. ଶ୍ୟାମପ୍ରସାଦ ମୁଖାର୍ଜୀଙ୍କ ଉଦ୍ୟମରେ ବିଦ୍ୟାସାଗର କଲେଜର ଚତୁର୍ଥ ବର୍ଷରେ ନାମ ଲେଖାଇଲେ। ବିଦ୍ୟାସାଗର କଲେଜରେ ଏକ ଛାତ୍ର ଧର୍ମଘଟ ହୋଇଥିଲା ସେଥିରେ ନୀଳମଣି ନେତୃତ୍ୱ ନେଇଥିଲେ। ଏହି ସମୟରେ ନେତାଜୀ ସୁବାଷ ଚନ୍ଦ୍ର ବୋଷ ନୀଳମଣିଙ୍କୁ ଡକାଇ ଓଡିଶାରେ କିପରି ଫରୱାର୍ଡ ବ୍ଲକ୍ ସଂଗଠିତ ହେବ ସେ ବିଷୟରେ ଆଲୋଚନା କରିଥିଲେ। ନୀଳମଣି ବିଦ୍ୟାସାଗର କଲେଜରୁ କୃତିତ୍ୱର ସହ ବି.ଏ. ପାଶ୍ କରି ବନାରସ୍ ବିଶ୍ୱବିଦ୍ୟାଳୟରେ ଏମ୍.ଏ. ଓ ଆଇନ ଶ୍ରେଣୀରେ ନାମ ଲେଖାଇଲେ। ସେ ସମୟରେ ଡଃ. ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍ ବନାରସ୍ ବିଶ୍ୱବିଦ୍ୟାଳୟର ପ୍ରୋ-ଚାନ୍‌ସେଲର ଥିଲେ। ନୀଳମଣି ବିରଳା ଛାତ୍ରାବାସରେ ରହି ଆଇନ କଲେଜର ଅଧକ୍ଷ ଶ୍ରୀ ସୁବ୍ରମଣ୍ୟମ୍ ଓ ରାଜନୀତି ବିଜ୍ଞାନର ମୁଖ୍ୟ ଶ୍ରୀମୁକୁଟ ବିହାରି ଲାଲ୍‌ଙ୍କ ତତ୍ୱାବଧାନରେ ପଢ଼ାପଢ଼ି କରୁଥିଲେ। ସେ ସମୟରେ ଭାରତୀୟ ଛାତ୍ରସଂଘର କର୍ମକର୍ତାମାନଙ୍କ ସହ ଭଲ ସଂପର୍କ ରଖିଥିଲେ। ରାଜ ନାରାୟଣ ଓ କେଦାର ପାଣ୍ଡଙ୍କ ସହ ମଧ ତାଙ୍କର ସୁସମ୍ପର୍କ ଥିଲା। ୧୯୪୧ ଜୁନ୍ ୨୨ ତାରିଖରେ ଜର୍ମାନୀ ଋଷ ଉପରେ ଆକ୍ରମଣ କରିବାରୁ ଏହାକୁ ଜନଯୁଦ୍ଧର ଆଖ୍ୟାଦେଲେ। ୧୯୪୨ ମସିହା ପାଟଣାଠାରେ ନିଖିଳ ଭାରତ ଛାତ୍ରସଂଘର ଏକ ଅଧିବେଶନ ବସିଲା। ଏଥିରେ ଓଡିଶାରୁ ସାମ୍ୟବାଦୀ ଛାତ୍ରନେତା ବିଜୟଚନ୍ଦ୍ର ଦାସ, ଗଙ୍ଗାଧର ରଥ, ଦୁର୍ଗାଚରଣ ମହାନ୍ତି ଓ ନୀଳମଣି ବନାରସ୍ ହିନ୍ଦୁ ବିଶ୍ୱବିଦ୍ୟାଳୟର ପ୍ରତିନିଧି ଭାବରେ ଯୋଗଦେଇଥିଲେ। ଛାତ୍ର ସଂଘ ସମ୍ମିଳନୀରେ ଜନଯୁଦ୍ଧ ପ୍ରସ୍ତାବକୁ ନୀଳମଣି ଘୋର ବିରୋଧ କରିଥିଲେ। ୧୯୪୨ ଅଗଷ୍ଟ ଆଠ ତାରିଖରେ ବମ୍ବେଠାରେ ଜାତୀୟ କଂଗ୍ରେସ 'ଭାରତଛାଡ଼' ପ୍ରସ୍ତାବ ଗ୍ରହଣ କରିଥିଲା। ବନାରସ୍‌ରେ ଛାତ୍ରମାନଙ୍କର ଏକ ଜରୁରୀ ବୈଠକ ବସି 'ଭାରତ ଛାଡ' ଆନ୍ଦୋଳନ କରାଯିବ ସ୍ଥିର ହେଲା। ନୀଳମଣିଙ୍କ ସହିତ ସମାଜବାଦୀ ଛାତ୍ରନେତା ରାଜନାରାୟଣ ଓ କେଦାର ପାଣ୍ଡେ ଛାତ୍ରମାନଙ୍କର ନେତୃତ୍ୱ ନେଇଥିଲେ। ନୀଳମଣି ଗିରଫ ହେବା ପୂର୍ବରୁ ଛାତ୍ରାବାସରୁ ଖସି ପଳାଇଲେ। ବନାରସରୁ ନୀଳମଣିଙ୍କୁ ବହିଷ୍କାର କରିବା ପାଇଁ ଡିଭିଜନାଲ କମିଶିନର ଆଦେଶ ଜାରି କରିଥିଲେ। ନୀଳମଣି ଲୁଚି ଛପି ଛାତ୍ରନେତାମାନଙ୍କ ସହ ବନାରସରେ 'ଭାରତ ଛାଡ' ଆନ୍ଦୋଳନକୁ ଆଗେଇନେବାର ପ୍ରଚେଷ୍ଟା ଜାରିରଖିଲେ। ବାଲେଶ୍ୱର ଜିଲ୍ଲା କଂଗ୍ରେସ କମିଟିର ସଭାପତି ମହମ୍ମଦ ହନିଫଙ୍କ ଠାରୁ ଭଦ୍ରକ ଆସି ଆନ୍ଦୋଳନରେ ସାହାର୍ଯ୍ୟ କରିବା ପାଇଁ ଖଣ୍ଡେ ଚିଠି ପାଇଲେ। ତେଣୁ ଲୁଚି ଛପି ଆସି ନିଜ ଗାଁରେ ପହଁଚିଲେ। କଂଗ୍ରେସ କର୍ମୀ ଓ ସମର୍ଥକମାନଙ୍କ ସଙ୍ଗେ ନୀଳମଣି ସଂପର୍କ ରଖି ଭାରତଛାଡ ଆନ୍ଦୋଳନକୁ ସକ୍ରିୟ କରିବାରେ ଲାଗିପଡିଲେ। ପୀରହାଟ, ତିହିଡି ପ୍ରଭୃତି ସ୍ଥାନରେ ଗୁପ୍ତ ବୈଠକ କରି ଭଦ୍ରକ - ବାନ୍ଦବାଲି ଟେଲିଫୋନ ଯୋଗାଯୋଗ ଓ ଡାକ ଚଳାଚଳ ବ୍ୟବସ୍ଥା ସଂପୂର୍ଣ୍ଣ ଅଚଳ କରିଦିଆଗଲା। ନୀଳମଣି ଡହଁରା ଗାଁରେ ଲୁଚିକରି ଆଶ୍ରୟ ନେଲେ। ପାଣି କାଦୁଅରେ ବୁଲିବୁଲି ଭିନ୍ନ ଭିନ୍ନ ଗାଁକୁ ଗଲେ। କର, ଟିକସ, ଖଜଣା, ସରକାରଙ୍କୁ ନ ଦେବାପାଇଁ ମତାଇଲେ। ନୀଳମଣି ଲୁଚିକରି ବିଲ ରାସ୍ତାରେ ଗାଁ କୁ ଗାଁ ବୁଲିବା ସମୟରେ ତାଙ୍କ ଗୋଡ କଟିଗଲା। ସେ ଅସୁସ୍ଥ ହୋଇପଡିଲେ। ତାଙ୍କ ଭାଇ ଖବର ପାଇ ଗାଁକୁ ନେଇଗଲେ। ପୋଲିସ୍ ଖବର ପାଇ ଅତର୍କିତ ଭାବେ ଘର ଉପରେ ଚଢ଼ାଉ କଲେ ଓ ନୀଳମଣିଙ୍କୁ ଗିରଫ କରିନେଲେ। ବିଚାରରେ ତାଙ୍କୁ ୧ ବର୍ଷ ଅଶ୍ରମ କାରାଦଣ୍ଡ ଦିଆଗଲା। ଅନ୍ୟ ବନ୍ଦୀମାନଙ୍କ ସହିତ ନୀଳମଣିଙ୍କୁ ହାତକଡି ଓ ଅଂଟାରେ ଦଉଡି ବାନ୍ଧି ଭଦ୍ରକ ଜେଲ୍‌ରୁ ରେଲଷ୍ଟେସନ୍ ପର୍ଯ୍ୟନ୍ତ ଚଲାଇ ଚଲାଇ ନିଆଗଲା।

ବାଲେଶ୍ୱର ଜେଲରେ ନୀଳମଣି ଉଚ୍ଚ ଶ୍ରେଣିର ବନ୍ଦୀ ରୂପେ ରାଜନେତା ମାନଙ୍କ ସହିତ ରହିଲେ। ୧୯୪୩ ମସିହା ଅଗଷ୍ଟ ୧୭ ତାରିଖରେ ନୀଳମଣି ଖଲାସ୍ ହେଲେ ପୋଲିସ୍ ଆସିଲା ବେଳକୁ ନୀଳମଣି ଚମ୍ପଟ୍। ରାତିରେ ଚାଲି ଚାଲି ଆଠ ମାଇଲ ଦୂର ହଳଦୀପଦା ଷ୍ଟେସନରୁ ରେଲଯୋଗେ କଲିକତା ଚାଲିଗଲେ। ଭାଇଙ୍କ ପାଖରେ ରହି ଆଇନ୍ ଶ୍ରେଣୀରେ ନାମ ଲେଖାଇ ପଢ଼ିଲେ ଓ ପାସ୍ କଲେ। ୧୯୪୭ରେ ଡିଗ୍ରୀ ହାସଲ କରି ନୀଳମଣି କଟକରେ ରାଜକିଶୋର ଦାସଙ୍କର ଜୁନିୟର ଓକିଲ ଭାବେ କାମ ଆରମ୍ଭକଲେ। ପ୍ରଜାତନ୍ତ୍ରର ମୁଖ୍ୟ ପରିଚାଳକ ଭାବେ ଦାୟିତ୍ୱ ଗ୍ରହଣ କଲେ। ତାଙ୍କ ଚେଷ୍ଟାରେ ପ୍ରଜାତନ୍ତ୍ର ଏକ ଟ୍ରଷ୍ଟରେ ପରିଣତ ହେଲା। ସେ ଜଣେ ଟ୍ରଷ୍ଟି ରହିଲେ। ନୀଳମଣି ସୋରୋ ବିଧାନସଭା ଆସନରୁ ନିର୍ବାଚିତ ହୋଇ ୧୯୪୮ ମସିହା ଜୁଲାଇ ୧୨ ତାରିଖ ଦିନ ଏଗାରଟା ବେଳେ ଓଡିଶା ବିଧାନସଭାରେ ସଦସ୍ୟଭାବେ ଶପଥ ନେଇଥିଲେ। ବାଚସ୍ପତି ଲାଲ୍ ମୋହନ ପଟ୍ଟନାୟକ ନୀଳମଣିଙ୍କୁ ଶପଥ ପାଠ କରାଇଥିଲେ।

୧୯୪୯ ମସିହାରେ ନୀଳମଣି ନଳିନୀ ଦେବୀଙ୍କୁ ଭଲ ପାଇ ବୈଦିକ ରୀତିରେ ନିରାଡମ୍ବର ଭାବେ ବିବାହ କରିଥିଲେ। ନଳୀନୀ ଦେବୀଙ୍କର ଓଡିଆ, ବଙ୍ଗଳା, ଓ ହିନ୍ଦି ସାହିତ୍ୟରେ ବିଶେଷ ଦଖଲ ଥିଲା। ତାଙ୍କ ସଂପାଦନାରେ 'ମରୁତୀର୍ଥ' ନାମକ ମାସିକ ପତ୍ରିକା ପ୍ରକାଶିତ ହେଉଥିଲା। ୧୯୫୦ ଜୁଲାଇ ୨୮ରେ ତାଙ୍କର ଏକମାତ୍ର ପୁତ୍ର ବିଜୟଶ୍ରୀ ରାଉତରାୟ ଜନ୍ମ ହୋଇଥିଲା। ୧୯୫୨ରେ ନୀଳମଣି ଧାମନଗର ନିର୍ବାଚନ ମଣ୍ଡଳୀରୁ କଂଗ୍ରେସ ପ୍ରାର୍ଥଭାବେ ବିଜୟ ଲାଭ କରି, ନବକୃଷ୍ଣ ଚୌଧୁରୀଙ୍କ ମନ୍ତ୍ରୀମଣ୍ଡଳରେ ଉପମନ୍ତ୍ରୀ ଭାବେ ଫେବୃୟାରୀ ୨୦ ତାରିଖରେ ଶପଥ ଗ୍ରହଣ କରିଥିଲେ। ୧୯୫୨ରୁ ୧୯୫୭ ପର୍ଯ୍ୟନ୍ତ ଘରୋଇ ବିଭାଗର ଉପମନ୍ତ୍ରୀ ରହି ଦକ୍ଷତାର ପରିଚୟ ଦେଇଥିଲେ। ୧୯୫୭ରେ ନୀଳମଣି ଚାନ୍ଦବାଲି ନିର୍ବାଚନ ମଣ୍ଡଳୀରୁ ବିଜୟ ଲାଭକରି ହରେକୃଷ୍ଣ ମହତାବଙ୍କ ମିଳିତ ମନ୍ତ୍ରୀମଣ୍ଡଳରେ ଯୋଗାଣ, ପରିବହନ ଓ ଶ୍ରମ ବିଭାଗର କ୍ୟାବିନେଟ୍ ମନ୍ତ୍ରୀଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ୧୯୫୯ରେ ମନ୍ତ୍ରୀମଣ୍ଡଳ ସଂପ୍ରସାରିତ ହେଲା। ନୀଳମଣି ସେଥିରେ ଯୋଗାଣ ଓ ବାଣିଜ୍ୟ ବିଭାଗର କ୍ୟାବିନେଟ ମନ୍ତ୍ରୀ ହେଲେ। ୧୯୬୧ରେ ବିଜୁ ପଟ୍ଟନାୟକଙ୍କ ମନ୍ତ୍ରୀମଣ୍ଡଳରେ ନୀଳମଣି ଘରୋଇ, ବାଣିଜ୍ୟ, ଶ୍ରମ ଓ ଯୋଗାଣ ବିଭାଗର କ୍ୟାବିନେଟ ମନ୍ତ୍ରୀ ହେଲେ। କାମରାଜ ଯୋଜନାରେ ବିଜୁ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ପଦରୁ ଗଲେ। ୧୯୬୩ ଅକ୍ଟୋବର ଦୁଇ ତାରିଖରେ ବୀରେନ୍ ମିତ୍ର ମୁଖ୍ୟମନ୍ତ୍ରୀ ହେଲେ। ଏହି ମନ୍ତ୍ରୀମଣ୍ଡଳରେ ନୀଳମଣି ରାଜନୈତିକ ଓ ପ୍ରଶାସନ, ଘରୋଇ, ଶ୍ରମ ଓ ଯୋଗାଣ ବିଭାଗର କ୍ୟାବିନେଟ୍ ମନ୍ତ୍ରୀ ହେଲେ। ୧୯୬୬ରେ ନୀଳମଣି ପ୍ରଦେଶ କଂଗ୍ରେସର ସଭାପତି ଭାବେ ଚାରିବର୍ଷ ରହିଲେ। ୧୯୭୧ ମସିହାରେ ବାସୁଦେବପୁର ନିର୍ବାଚନ ମଣ୍ଡଳୀରୁ ନିର୍ବାଚିତ ହୋଇ ଘରୋଇ, ଖଣି ଓ ଭୂତତ୍ୱ, ଯୋଗାଣ ବିଭାଗର ମନ୍ତ୍ରୀ ରହିଲେ। ନନ୍ଦିନୀ ଶତପଥୀଙ୍କ ମନ୍ତ୍ରୀମଣ୍ଡଳରେ ସେ ଉପମୁଖ୍ୟମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ। ୧୯୭୬ରେ ସେ ରାଜ୍ୟସଭା ସଦସ୍ୟ ଭାବେ ରହିଥିଲେ। କେନ୍ଦ୍ରରେ ଜନତା ସରକାର ଗଠିତ ହେବାପରେ ଓଡିଶା ସମେତ ୯ ଟି ରାଜ୍ୟର କଂଗ୍ରେସ ସରକାରଙ୍କୁ ଭାଙ୍ଗି ଦିଆଗଲା। ମଧବର୍ତୀକାଳୀନ ନିର୍ବାଚନ କରାଗଲା। ବାସୁଦେବପୁର ନିର୍ବାଚନ ମଣ୍ଡଳୀରୁ ପ୍ରାର୍ଥୀ ହୋଇ ନୀଳମଣି ବିଜୟ ଲାଭ କଲେ। ୧୯୭୭ ଜୁନ୍ ୨୬ ତାରିଖରେ ନୀଳମଣି ରାଉତରାୟ ଓଡିଶାର ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କଲେ। ୧୯୮୯ ନିର୍ବାଚନରେ ପୁରୀ ଲୋକସଭା ଆସନରୁ ନିର୍ବାଚିତ ହୋଇ ଭି.ପି. ସିଂହଙ୍କ ମନ୍ତ୍ରୀମଣ୍ଡଳରେ ପ୍ରଥମେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଓ ପରେ ଜଙ୍ଗଲ ଓ ପରିବେଶ ବିଭାଗର କ୍ୟାବିନେଟ ମନ୍ତ୍ରୀ ହୋଇଥିଲେ। ନୀଳମଣି ରାଉତରାୟ ପିଲାବେଳରୁ ଛୋଟ ବିପ୍ଳବୀ ଭାବେ ସ୍ୱାଧିନତା ଆନ୍ଦୋଳନରେ ଯୋଗଦେଇ ଓଡିଶାର ରାଜନୀତିରେ ଷାଠିଏ ବର୍ଷରୁ ଅଧିକ କାଳ ଜଡିତ ଥିଲେ। ସେ ବିଧାୟକରୁ ସାଂସଦ, ଉପମନ୍ତ୍ରୀରୁ ମନ୍ତ୍ରୀ, ଉପମୁଖ୍ୟ ମନ୍ତ୍ରୀରୁ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀ ଭାବେ ଆସନ ଅଳଙ୍କୃତ କରି ସେ ଜଣେ ଖ୍ୟାତନାମା ସମାଜସେବୀ, ସାମ୍ବାଦିକ, ରାଜନିତିଜ୍ଞ ଓ ପ୍ରଶାସକ ଭାବେ ଉଭା ହୋଇଥିଲେ। ତାଙ୍କର ସରଳ ଓ ନମ୍ର ବ୍ୟବହାର ପାଇଁ ସେ ଜନସାଧାରଣଙ୍କର ସ୍ନେହ ଓ ଶ୍ରଦ୍ଧା ଲାଭ କରିଥିଲେ। ଶେଷ ସମୟରେ ଲେଖା ପଢ଼ାରେ ସମୟ ଅତିବାହିତ କରିଥିଲେ। ଏହି ମହାନ୍ ଜନନାୟକ ୨୦୦୪ ମସିହା ଅକ୍ଟୋବର ମାସ ୪ ତାରିଖ ଦିନ ଇହଲିଳା ସମ୍ବରଣ କରିଥିଲେ। (ସମାପ୍ତ)

+ପାରାଦ୍ୱୀପଗଡ଼, କୁଜଙ୍ଗ,
ଜଗତ୍‌ସିଂହପୁର
ମୋ. : ୯୯୩୭୬୯୧୪୭୫

## କରୋନାର କରୁଣ ଚିତ୍ର



ସୁବାସ କୁମାର ତାରଣିଆଁ

ସାରା ବିଶ୍ୱରେ ଏବେ ଦେଖାଦେଇଛି ମହାମାରୀ କରୋନାର ଦ୍ୱିତୀୟ ଲହର। କରୋନାର ପ୍ରଥମ ଲହର ଠାରୁ ଏହା ବେଶୀ ଭୟଙ୍କର। ୨୦୨୦ ମସିହା ଫେବୃୟାରୀରୁ ଦେଖାଦେଇଥିବା ମହାମାରୀ କରୋନା କ୍ରମାଗତ ଭାବେ ଗୋଟିଏ ବର୍ଷ ଭୟର ବାତାବରଣ ସୃଷ୍ଟି କରିସାରିଥିଲା। ବହୁ ଲୋକଙ୍କ ଜୀବନ ହାନୀ ଘଟିବା ସହ ଲୋକମାନଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗି ପଡ଼ିଥିଲା। ଭାଙ୍ଗି ପଡ଼ିଥିବା ଆର୍ଥିକ ମେରୁଦଣ୍ଡକୁ ସଜାଡ଼ିବାକୁ ପ୍ରସ୍ତୁତ ହେଉଥିବା ବେଳେ କରୋନାର ଦ୍ୱିତୀୟ ଲହର ପ୍ରବେଶ କରିବା ଯୋଗୁଁ ସାରା ବିଶ୍ୱ ପାଇଁ ଘାତକ ସାଜିଛି। ସଂକ୍ରମିତଙ୍କ ସଂଖ୍ୟା ଭୟଙ୍କର ଭାବରେ ବୃଦ୍ଧି ପାଉଛି। କେବଳ ସଂକ୍ରମିତ ବଢୁନି, ଜୀବନ ମଧ ନେଉଛି ଯାହା ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କ ପାଇଁ ଏକ ଚ୍ୟାଲେଞ୍ଜ ସୃଷ୍ଟି କରିଛି। କରୋନାର କରୁଣ ଚିତ୍ରକୁ ଅନୁଧ୍ୟାନ କଲେ ମହାରାଷ୍ଟ୍ର, ଗୁଜୁରାଟ, ପଞ୍ଜାବ, କର୍ଣ୍ଣାଟକ, ତାମିଲନାଡୁ ଓ କେରଳରେ ସଂକ୍ରମଣ ସ୍ଥିତି ଜଟିଳ ହେବାରେ ଲାଗିଛି। କାରଣ କରୋନାର ପ୍ରଥମ ଲହରରେ ରେକର୍ଡ ସଂଖ୍ୟକ ସଂକ୍ରମିତ ସଂଖ୍ୟା ଛୁଇଁବାକୁ ଦୀର୍ଘ ୮ ମାସ ଲାଗିଥିବା ବେଳେ ଦ୍ୱିତୀୟ ଲହରରେ ଏହି ସଂଖ୍ୟା ଅତିକ୍ରମ କରିବାକୁ ମାତ୍ର ୩ ମାସ ଲାଗିଥିଲା। ୨୦୨୦ ଫେବୃୟାରୀରୁ ଦେଖା ଦେଇଥିବା କରୋନାର ରେକର୍ଡ଼ ସଂଖ୍ୟକ ସଂଖ୍ୟା ସେପ୍ଟେମ୍ବର ୧୫ ତାରିଖ ଦିନ ସର୍ବାଧିକ ୯୭ ହଜାର ୫୭୦ ଜଣ ସଂକ୍ରମିତ ଚିହ୍ନଟ ହୋଇଥିଲେ। ମାତ୍ର ବାୟୁରୁ ବ୍ୟାପୁଥିବା କରୋନାର ଦ୍ୱିତୀୟ ଲହରରେ ମାତ୍ର ୩ ମାସ ମଧ୍ୟରେ ୨୦୨୧ ଏପ୍ରିଲ ୨୪ ତାରିଖ ଦିନ ସର୍ବାଧିକ ୩ ଲକ୍ଷ ୪୯ ହଜାର ୬୯୧ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ୨୭୬୭ ଜଣଙ୍କ ମୃତ୍ୟୁ ଘଟିବା ଦେଶ ପାଇଁ ଏକ ଆହ୍ୱାନ ସୃଷ୍ଟି କରିଛି। ଦୈନିକ କରୋନା ସଂକ୍ରମଣରେ ଭାରତର ଏହା ଏକ ଅଲୋଡ଼ା କୀର୍ତ୍ତି। ନୂଆ ସଂକ୍ରମଣ ସହିତ ସାରା ବିଶ୍ୱରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୪ କୋଟି ୭୦ ଲକ୍ଷ ୪୧ ହଜାର ୫୯୨କୁ ବୃଦ୍ଧି ପାଇଥିବା ବେଳେ ମୃତ୍ୟୁ ସଂଖ୍ୟା ୩୧ ଲକ୍ଷ ୧୨ ହଜାର ୩୧୫ରେ ପହଞ୍ଚିଛି। ସେହିପରି ଦେଶରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧ କୋଟି ୬୯ ଲକ୍ଷ ୬୦ ହଜାର ୧୭୨କୁ ବୃଦ୍ଧି ପାଇଥିବା ବେଳେ, ମୃତ୍ୟୁ ସଂଖ୍ୟା୧ ଲକ୍ଷ ୯୨ ହଜାର ୩୧୧କୁ ବୃଦ୍ଧି ପାଇଛି ଓ ୧ କୋଟି ୪୦ ଲକ୍ଷ ୮୫ ହଜାର ୧୧୦ଜଣ ସୁସ୍ଥ ହୋଇଛନ୍ତି। ୨୬ ଲକ୍ଷ ୮୨ ହଜାର ୭୫୧ ରୋଗୀ ସକ୍ରିୟ ଅଛନ୍ତି। ଏକ ସର୍ଭେରୁ ଜଣାପଡ଼ିଛି ମହାମାରୀ କରୋନା ମୋଟ ୨୧୯ଟି ଦେଶକୁ ଗ୍ରାସ କରିସାରିଛି। କୋରୋନାର ପ୍ରଥମ ପର୍ଯ୍ୟାୟରେ ଲୋକମାନଙ୍କୁ ମାସ୍କ, ସାନିଟାଇଜର, ସାବୁନ ଏବଂ ରନ୍ଧାଖାଦ୍ୟ ଯୋଗାଇ ଦେଇ ସଚେତନ କରୁଥିବା କରୋନା ଯୋଦ୍ଧାମାନେ ଦ୍ୱିତୀୟ ଲହରରେ ଦୃତ ସଂକ୍ରମଣ ଯୋଗୁ ଘରୁ ଗୋଡ଼ କାଢୁନାହାଁନ୍ତି। କାରଣ ପ୍ରଥମ ପର୍ଯ୍ୟାରେ ଯେଉଁ ହାରରେ କରୋନା ଯୋଦ୍ଧା ଓ ସ୍ୱେଚ୍ଛାସେବୀ ସଂଗଠନ ଲୋକମାନଙ୍କୁ ସଚେତନ କରାଉଥିଲେ, ଦ୍ୱିତୀୟ ଲହରରେ ସେମାନଙ୍କ ସଂଖ୍ୟା ବହୁ ପରିମାଣରେ କମିଯାଇଛି। କରୋନାରୁ ରକ୍ଷା ପାଇବା ପାଇଁ ୪୫ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିମାନଙ୍କୁ ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟରେ ଟୀକା ଦିଆସରିଛି। ବର୍ତ୍ତମାନ ସୁଦ୍ଧା ୧୨ କୋଟି ୭୧ ଲକ୍ଷ, ୨୯ ହଜାର ୧୧୩ ଜଣରୁ ଉର୍ଦ୍ଧ୍ୱ ଲୋକ ଟୀକା ନେଇସାରିଲେଣି। ସରକାରଙ୍କ ତରଫରୁ ମେ ମାସ ୧ ତାରିଖରୁ ୧୮ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିମାନଙ୍କୁ ଟୀକା ଦେବା ପାଇଁ ନିଷ୍ପତ୍ତି ନିଆଯାଇଛି। ତଥାପି ଏହା କରୋନା ଉପରେ କୌଣସି ପ୍ରଭାବ ପକାଇବାର ପରିଲକ୍ଷିତ ହୋଇନାହିଁ। କରୋନା ଏକ ଏଭଳି ରୋଗ ଯାହା ଆଜି ପର୍ଯ୍ୟନ୍ତ ବୈଜ୍ଞାନିକ ଏହି ରୋଗ ବିଷୟରେ ସଠିକ୍ ତଥ୍ୟ ଦେଇପାରି ନାହାଁନ୍ତି କି ଏହାର ନିରାକରଣ ପାଇଁ ଏପର୍ଯ୍ୟନ୍ତ ପ୍ରତିଷେଧକ ଔଷଧ ତିଆରି ହୋଇପାରି ନାହିଁ। ଯେଉଁଥି ପାଇଁ କରୋନା ଯୋଦ୍ଧାମାନେ ଲୋକଙ୍କ ନିକଟରେ ପହଞ୍ଚି ସଚେତନ କରିବାକୁ ଆଉ ସାହସ କରୁନାହାଁନ୍ତି।

ଅନ୍ୟ ରାଜ୍ୟ ତୁଳନାରେ ଯଦିଓ ଓଡ଼ିଶାରେ କରୋନା ସଂକ୍ରମଣ ନିୟନ୍ତ୍ରଣରେ ଥିଲା, ତେବେ ସାମାଜିକ ଦୂରତ୍ୱକୁ ନ ମାନିବା, ମାସ୍କ ନ ପିନ୍ଧିବା ଫଳରେ ଏବେ କରୋନାର ଦ୍ୱିତୀୟ ଲହର ଓଡ଼ିଶାବାସୀଙ୍କ ପାଇଁ ଘାତକ ସାଜିଛି। ମୁଖ୍ୟମନ୍ତ୍ରୀଙ୍କ ବାରମ୍ବାର ଅନୁରୋଧ ସତ୍ତ୍ୱେ ସାଧାରଣ ଜନତା ସଚେତନ ହେଉନାହାଁନ୍ତି। ସରକାରଙ୍କ ସମସ୍ତ କଟକଣା ସତ୍ତ୍ୱେ କୋଭିଡ଼ ଆଇନର ଖୋଲାଖୋଲି ଉଲଂଘନ କରାଯାଉଛି।

(କ୍ରମଶଃ)

+କଣ୍ଟି, ବାହାରଣା, ବାଲିକୁଦା,
ଜଗତସିଂହପୁର
ମୋ : ୮୩୨୮୮୪୦୨୧୪

## କବିତା କୋଣାର୍କ

### ବସୁନ୍ଧରା...

ଦୀନବନ୍ଧୁ ବେଜ

ଶସ୍ୟ ଶ୍ୟାମଳା
ଗୁଣ ଅପାସୋରା
ଅଟେ ଆମ ବସୁନ୍ଧରା,
ବକ୍ଷରେ ତାହାର
ଅମୃତର ଝର
ଅମୂଲ୍ୟ ଅଟଇ ପରା।
ଜାତି ଜାତି ଫୁଲ
ପେନ୍ଥା ପେନ୍ଥା ଫଳ
ଦିଏ ଆମ୍ଭ ମାନଙ୍କୁ ବସୁଧା,
ତାହାରି ବୁକୁରୁ
ନୀର ପାଇବାକୁ
କରିନି କେବେହେଁ ବାଧା।
ଆମରି ସଂପଦ
ତା ଛାତିରେ ଗଛ
ବିଶୁଦ୍ଧ ପ୍ରାକୃତିକ ବାୟୁ ଦିଏ
ଜୀବନ ନୌକା
ଭାସିଭାସି ଚାଲେ
ଶେଷଲକ୍ଷ୍ୟ ପହଞ୍ଚିବା ଯାଏ।
ଆମେ ଅଧିବାସୀ
ରହୁ ଦିବା ନିଶି
ସେ ଅଟେ ଆମ ମାଟିମାଆ,
ତାହାର ସୁରକ୍ଷା
ହେଉ ଆମ ଦୀକ୍ଷା
ଶୁଭ୍ର ଯୁକ୍ତଏକାତାର ରାହା।
ମାଟିତଳ ଜଳ
ଅଟେ ସୁନିର୍ମଳ
ଅଟେ ବିଶୁଦ୍ଧ ପାନୀୟ,
ସୁନିର୍ମଳ ବାୟୁ
ଦୀର୍ଘ କରେ ଆୟୁ
ତା'ସୁରକ୍ଷା ଆମର ଧେୟ।
ନ ହେଲେ ତାଣ୍ଡବ
ନିମିଷେ ଘଟିବ
ପୋକମାଛି ସମ ପ୍ରାଣ
କ୍ଷଣକରେ ଯିବ
କେହି ନ ଜାଣିବ
ସତେକି ଯୁପରେ ହାଣ।
ଶୁଦ୍ଧପାଣି ପାଇଁ
କିଣୁ ଆମେ ଯାଇ
ବୋତଲରେ ଜଳଧାରା
ପାଣି କିଣୁ କିଣୁ
ପବନ କିଣିବା
ଏହା ବିଡମ୍ବନା ପରା।
କାଲି ଯାହାଥିଲା
ପ୍ରକୃତି ପ୍ରଦତ୍ତ
ଆଜି ତାହା ପଣ୍ୟ ଦ୍ରବ୍ୟ
ବେଳ ଥାଉଁ ବୁଝ
ମାନବ ସମାଜ
ଶୁଦ୍ଧ ପ୍ରକୃତିକୁ ଟିକେ ହେଜ।

+ମାଲକାନଗିରି, ଓଡ଼ିଶା
ମୋ: ୭୬୮୩୯୨୦୨୨୧

## କବିତା କୋଣାର୍କ

### ଗୋପନ କଥା...

ବିନୟ ମିଶ୍ର

କଙ୍କାଳ ତଳରେ ବିକଳ କାନ୍ଦଣା
ଗୋପନରେ ରହିଯାଏ
ସକାଳ ହୋଇଲେ ପଖାଳର ଚିନ୍ତା
ମଣିଷର ଗଣ୍ଡି ଖାଏ।

କିଛି କଥା ନୁହେଁ ସବୁକଥା ଆଜି
ଗୋପନରେ ରହିଅଛି
ପ୍ରକାଶରେ କିଏ ଆଜିକାଲି କଣ
ସତ ଅବା କହୁଅଛି?

ଯେତେ ଗୋପନରେ ରଖିଥାଆ କିଛି
ଉବୁକେଇ ହୁଏ ମନ,
ସିନିହ ସୋହାଗ ବାନ୍ଧବ ଗହଣେ
ପ୍ରକାଶ ହୁଏ ଗୋପନ।

କହିଦେଲେ ପୁଣି ହାଲୁକା ଲାଗଇ
କହନ୍ତି କେତେକ ଜନ,
ହାଲୁକା କରନ୍ତେ ଫୁଲୁକା ହୁଏ ସେ
କହି ହୁଏ ହୀନିମାନ।

ଲୁହ ଦେଖିଦେଲେ ହସନ୍ତି ସକଳେ
ହସ ଦେଖିଦେଲେ ଫିକା,
ଏ ଦୁନିଆଁ ଆଜି ଏମନ୍ତେ ଚାଲିଛି
ଲହୁ ଲୁହ ସବୁ ଏକା।

+ନିଆଳ, ଖୋର୍ଦ୍ଧା

### ପ୍ରେମ...

ପ୍ରଶାନ୍ତ କୁମାର ନାଥ

ପାଇବାକୁ କିଛି ଆଶା ବାନ୍ଧି ମନେ
ପାଇଥାଏ ଯିଏ ଭଲ
ସିଏକି ବୁଝିବ ପ୍ରେମର ମହତ୍ତ୍ୱ
ଭଲପାଇବାର ମୂଳ।

ଭଲପାଏ ବୋଲି କହିଲେ କାହାକୁ
ହୋଇଯାଏ ନାହିଁ ପ୍ରେମ
ମନର ସାଥିରେ ମନର ମିଳନ
ପ୍ରେମର ଯେ ଅନ୍ୟନାମ।

ପାଇବାକୁ କିଛି ଭଲ ପାଉଥିଲେ
ସ୍ୱାର୍ଥରେ ହୋଇବ ଗଣା
ପ୍ରେମର ନାମରେ କଳଙ୍କ ଲାଗିବ
ହୋଇଯିବ ବାଟବଣା।

ପ୍ରେମ ଯେ ଅଟଇ ପବିତ୍ର ଶବ୍ଦଟେ
ହୃଦୟୁ ଜାଗ୍ରତ ହୁଏ
ରୂପରେ ପଛରେ ପଡିଥାଏ ଯିଏ
ତାହା କେବେ ପ୍ରେମ ନୁହେଁ

+ବାଙ୍ଗାଲୋର
ମୋ-୦୮୮୯୨୩୦୧୧୪୩

### ଗୋଟେ ଭୂତାଣୁ ପାଇଁ...

ଶ୍ରୀ ସତ୍ୟବ୍ରତ ସାହୁ

ଗୋଟେ ଭୂତାଣୁ
କବଳିତ କରିଦେଲା ସାରା ବିଶ୍ୱ
ଭୟ ଓ ଆତଙ୍କରେ
ଶିହରି ଉଠିଲା ମାନବ ଜାତି
ତା କରାଳ ଆଁ'ରେ
ଗିଳି ପକେଇଲା ଅତ୍ୟାଧୁନିକ
ଉନ୍ନତ ବିଜ୍ଞାନ ବିମଣ୍ଡିତ
ଦେଶମାନଙ୍କ ସର୍ବାଙ୍ଗ।
କେହି ରୋକି ପାରିଲେନି ତା ରାସ୍ତା
ଏବେ ସେ ସର୍ବ ବ୍ୟାପକ
ସବୁ ଅହଙ୍କାର, ଦମ୍ଭ ଭାଙ୍ଗିଗଲା
ତା ପାଖରେ।

ତା ଡରରେ ଏବେ ସବୁଠି
ଲକ୍-ଡାଉନ୍
ରାସ୍ତା ଘାଟ ଶୂନଶାନ୍
ମନ୍ଦିର, ମସଜିଦ, ଗୀର୍ଜା,ଗୁରୁଦ୍ୱାର,
ଦପ୍ତର, ଛକ, ବଜାର,
ସହର ସବୁ ବନ୍ଦ
କାହାକୁ ଛୁଇଁବାକୁ ମନା
ଲୁହା, ପ୍ଲାଷ୍ଟିକ, କାଗଜ
ସବୁଠି ତା ଉପସ୍ଥିତିର ଭୟ
ମୁହଁରେ ପଟି, ହାତରେ ଗ୍ଲୋଭ,
ସାମାଜିକ ଦୂରତା
ସବୁ ତା ପାଇଁ
ତାକୁ ପରାହତ କରିବାର
କୌଶଳ ଟିକକ ଆୟ
କରିପାରିଲାନି ଅତ୍ୟୁନ୍ନତ ମାନବ।
ଆସ.. ଏବେ ସଙ୍ଗରୋଧରେ ରହିବା
ଏହାହିଁ ଗୋଟିଏ ବିକଳ୍ପ ମାତ୍ର
ଆମେ ସଂଯମୀ
ଆମ ସଂଯମତାକୁ ସଂକଳ୍ପରେ
ପରିଣତ କରିବା
ସାମାଜିକ ଦୂରତା ରଖିବା
ଭବିଷ୍ୟତର ସୁଖ ପାଇଁ
ଆଜି ସୁଖକୁ ବଳି ଦେବା।
ଆମେ ଶ୍ରେଷ୍ଠ ଜୀବ ପୃଥିବୀର
ଆମେ ଜିତିବା କରୋନା ହାରିବ
ଦିନେନା ଦିନେ
ଆମେ ସତର୍କ ରହିବା,
ସଂଯମୀ ହେବା
ତେବେ କରୋନା ବି କହିବ, ଏଠି
ରହିବା ମନା।

+ପଲ୍ଲୀସାହି, କମାଳପୁର,
ଅହିୟାସ, ଯାଜପୁର-୭୫୫୦୩୬
ମୋ-୯୩୩୮୧୬୫୬୧୯

## ● ଧାରାବାହିକ ଆତ୍ମଜୀବନୀ ●

ଭାଗ-୧୩

# ମୋ ସାହିତ୍ୟ ସାଧନା: ତିକ୍ତ ମଧୁର ଅନୁଭବ

ରମାକାନ୍ତ ବେହେରା



**(ପୂର୍ବ ପ୍ରକାଶିତ ଉତ୍ତାରୁ)**

ଧନ୍ୟୋ ବୈଦେଶିକୋ
ମୋହୋ ଧନ୍ୟା ଜାତି ବିନିର୍ଜିତା
ବିବେକ ବର୍ଜିତା
ବୁଦ୍ଧିର୍ଭିଦ୍ୟତେ ପରସଂଶୟ
ଉତ୍ତମଶ୍ଚଧମୋ ଜ୍ଞେୟୋ
ବିଦେଶେ ହୀୟତେଯଦି ॥
ଅଧମଶ୍ଚଉତ୍ତମୋ ଗଣ୍ୟଃ
ବିଦେଶେ ସ୍ତୂୟତେଭିଚେତ୍ ॥

ଅର୍ଥ ସରଳ ବ୍ୟାଖ୍ୟା କରୁନି, କେବଳ ପରାଧୀନ ଭାରତର ଅଧିକାଂଶ ଇଂରେଜୀ ଶିକ୍ଷିତଙ୍କ ମତିଭ୍ରଷ୍ଟ ହୋଇଥିଲା ତାନୁହେଁ, ଇଂରେଜ ଛାଡ଼ିଗଲା ପରେ ମଧ ଅଧିକାଂଶ ଇଂରେଜୀ ଶିକ୍ଷିତଙ୍କୁ ସେଇ ସମ୍ମୋହନ ଅଧିକ ଗ୍ରାସ କରି ରଖିଛି।

କିନ୍ତୁ ପୁନଃ ଅଭ୍ୟୁତ୍‌ଥାନର ଯୁଗ ଆସିଲା, ଦୟାନନ୍ଦ ସରସ୍ୱତୀଙ୍କ ଭଳି ବହୁ ଜ୍ଞାନ ତପସ୍ୱୀ ଋଷି ମନୀଷୀ ତଥା ବହୁ ବିଦେଶୀ ବିଦ୍ୱାନ ପ୍ରତିପାଦନ କଲେ ଭାରତର ସନାତନ ସଂସ୍କୃତିର ଚିରନ୍ତନତା, ମୌଳିକତା, ବିଶ୍ୱ ବ୍ୟାପକତା ଗଭୀର ଅରଣ୍ୟରୁ ପୁଷ୍ପ ଚୟନ କରି ସୁଦୃଶ୍ୟମାଳା ପ୍ରସ୍ତୁତ କଲା ଭଳି ପ୍ରାଗୈତିହାସିକ କାଳରୁ ଏଯାବତ୍ ଭାରତୀୟ ସଂସ୍କୃତିର ମହାନ ଐସିହାସିକ ସ୍ମୃତି ବିସ୍ମୃତିରୁ ଉଦ୍ଧାର କରି ଅନୁସନ୍ଧାନ, ଜ୍ଞାନ ଗବେଷଣା ପରେ ପୁସ୍ତକଟି ଲିଖିତ, ମୋ ଏ ଲେଖାରୁ ନୁହେଁ ସେହି ବହିକୁ ହାତରେ ଧରିଲେ, ଆଖି ପକାଇଲେ ପ୍ରତିଟି ଅକ୍ଷର ଧ୍ୱନି ତରଙ୍ଗରେ ଆମ ଅତୀତର ଶ୍ରୀ ସୌନ୍ଦର୍ଯ୍ୟର ସମ୍ମୋହନ ଅନୁଭବୀ ଦେଶ ପ୍ରାଣ ହୃଦୟକୁ ହିଁ ସ୍ପର୍ଶ କରିବ ନିଶ୍ଚୟ।

**ପଂଚଜନ୍ୟ : ଅଭୟ ଓଙ୍କାର :** ମୋର ଅନ୍ୟ ଏକ ରାଷ୍ଟ୍ରୀୟ ଭାବନାଦୀପ୍ତ ପ୍ରବନ୍ଧ ସଙ୍କଳନ। ନାମରୁ ହିଁ ଏଥିରେ ଥିବା ପ୍ରବନ୍ଧ ଗୁଡ଼ିକର ଆତ୍ମିକ ଆବେଦନ ସ୍ୱଷ୍ଟ, ଶ୍ରୀକୃଷ୍ଣଙ୍କ ଶଙ୍ଖର ନାମ ପାଞ୍ଚଜନ୍ୟ, ତାର ଧ୍ୱନି ହେଲା ଜାଗରଣ, ଉଦୀପ୍ତ ଚେତନାର ଆଗ୍ନେୟ ଓଙ୍କାର, ଅଭ୍ୟୁଥାନର ସ୍ୱନ୍ଦାୟିତ ଝଙ୍କାର, ଯୁଗ ଯୁଗର ଜଡ଼ତାର ଅନ୍ଧତମସା ଛିନ୍ନ କରି ଆଲୋକର ତେଜୋଦୀପ୍ତ ଔଜଲ୍ୟରେ ଅନ୍ତଶ୍ଚେତନାକୁ ଉର୍ଦ୍ଧ୍ୱାୟିତ କରିବାରେ ଏକ ବଜ୍ର ଶପଥ। ତାହାହିଁ ସ୍ୱାଭିମାନର ହୃଦ୍‌ସ୍ପନ୍ଦନ।

ସାଂପ୍ରତିକ ସମୟ ଓ ସମାଜରେ ବୈଜ୍ଞାନିକ ଚେତନାର ଅକାଳ ଅବକ୍ଷୟ, ସ୍ୱାର୍ଥାନ୍ଧ ବୁଦ୍ଧିଜୀବିଙ୍କ ବୌଦ୍ଧିକ ଆତ୍ମହନନର ଦୁଷ୍କ୍ରିୟା, ହୀନମନ୍ୟତା ବିରୁଦ୍ଧରେ ବିଷୋଦ୍‌ଗାର, ଭାରତୀୟ ଆର୍ଯ୍ୟ ଐଶ୍ୱର୍ଯ୍ୟର ପୌରୁଷଦୀପ୍ତ ଅଙ୍ଗୀକାରରେ ବହିଟି ଏକ ଜ୍ୱଳନ୍ତ ଅଗ୍ନିପିଣ୍ଡ, ଓଜଦୀପ୍ତ ଭାଷା ଓ ଭାବନାର ଯଥାର୍ଥ ଶଙ୍ଖନାଦରେ ଏହାର ପ୍ରତିଟି ପୃଷ୍ଠା ପରିସ୍ପନ୍ଦିତ।

ଶ୍ରୀ ଜଗନ୍ନାଥଙ୍କ ଅପାର ମହିମା ଉପରେ ଅସଂଖ୍ୟ ଲେଖକଙ୍କ କାଳଜୟୀ ରଚନା ରହିଛି। ବାଲେଶ୍ୱରର ବିଶିଷ୍ଟ ଜଗନ୍ନାଥ ଭକ୍ତ ବୈକୁଣ୍ଠ ମହାପାତ୍ର ଏକ ବୃହତ୍ ସଂକଳନ ପ୍ରକାଶ ପୂର୍ବରୁ ମୋତେ ଏକ ଲେଖାପାଇଁ ବହୁ ଆଗରୁ ଅନୁରୋଧ କରିଥିଲେ, ମାତ୍ର ମୁଁ ସ୍ତ୍ରୀଙ୍କ ଚିକିତ୍ସା ଓ ଅନ୍ୟ କାର୍ଯ୍ୟରେ ବ୍ୟସ୍ତ ରହି ଲେଖିପାରି ନଥିଲି। ପୁଣି ସେ ମହାଶୟ ଫୋନ କଲେ କଟକରେ ମୁଦ୍ରଣ ଶେଷପ୍ରାୟ, ମୋ ଲେଖାକୁ ତଥାପି ଅପେକ୍ଷା, ମୁଁ ଲଜ୍ଜିତ ହେଲି ଏବଂ ଗୋଟିଏ ଦିନରେ ତାଙ୍କ ପାଖରେ ଲେଖା ପହଞ୍ଚିବ ବୋଲି ପ୍ରତିଶ୍ରୁତି ଦେଲି। କିନ୍ତୁ ଜଗନ୍ନାଥ ଅଥଳ ସମୁଦ୍ର, ମୁଁ ବା କ'ଣ ଜାଣେ ? ତଥାପି ପରଦିନ ସକାଳେ ଜଗନ୍ନାଥଙ୍କୁ ସ୍ମରଣ କରି କଲମ ଧରି କଣ ଲେଖିଲି ମୁଁ ଜାଣେନା, ସେ କେଇ ମୁହୂର୍ତ୍ତ ମୁଁ ମୋ ଭିତରେ ନଥିଲି। ଯେତେବେଳେ ନିଜକୁ ଫେରି ପାଇଲି ଦେଖିଲି ତିନିଚାରିପୃଷ୍ଠା ଲେଖିଛି। ସଙ୍ଗେ ସଙ୍ଗେ କାଗଜଟି ନେଇ ତାଙ୍କ ଘରେ ପହଞ୍ଚିଲି। ମହାପାତ୍ର ବାବୁ ଆଶ୍ଚର୍ଯ୍ୟ ହେଲେ, ଏତେ ଶୀଘ୍ର, ? ଆଖି ପକାଇ ଯେଉଁ ମନ୍ତବ୍ୟ ଦେଲେ, ପାଠକେ ଦୟାକରି ଥରେ ପଢ଼ିଲେ ନିଜେ ଅନୁଭବ କରିବେ, ଐଶୀ କୃପାର ସେ ଏକ ଚମତ୍କାର। 'ପାଞ୍ଚଜନ୍ୟ : ଅଭୟ ଓଙ୍କାର' ରେ ଥିବା ପ୍ରତିଟି ପ୍ରବନ୍ଧ ଉପରେ ଆଲୋଚନା କଲେ ସ୍ୱତଃ ଏକ ପୁସ୍ତକ ହେବ। ମାତ୍ର ପାଞ୍ଚଜନ୍ୟ ଶଙ୍ଖର ଧ୍ୱନି କି ବ୍ୟର୍ଥ ଝଙ୍କାର ହୋଇପାରେ ? ମୋ ଭିତରେ ଅଗ୍ନି ନୁହେଁ ମସୀ ଚାଳନାର ରୁଦ୍ର ତାଣ୍ଡବ ଯେମିତି କିଏ ସୃଷ୍ଟିକଲା- ପ୍ରତିଟି ରଚନାରେ ସ୍ପନ୍ଦିତ ହେଲା ରାଷ୍ଟ୍ରୀୟ, ଐସିହ୍ୟ, ଅଭ୍ୟୁଥାନର ବଜ୍ର ନିର୍ଘୋଷ। ଦ୍ୱିତୀୟ ପ୍ରବନ୍ଧ ହେଲା 'ଗୀତାରେ ସାମ୍ୟଭାବ'।

ଶ୍ରୀକୃଷ୍ଣଙ୍କ ପାଞ୍ଚଜନ୍ୟ ଧ୍ୱନି ଯାହା ବିଶ୍ୱ ଚେତନାର ଅନନ୍ୟ ଉଚ୍ଚାରଣ ତାହା ହେଲା, 'ଗୀତା'। ତାହାହିଁ ଆଧାତ୍ମିକ ଜୀବନ ଦର୍ଶନର ଅମୃତମୟ ଭାଷ୍ୟ, ବିଶ୍ୱ ବିବେକର ଚୈତନ୍ୟ ଚାବୁକ୍। ଅତି ମାନସ ଭାବ ବ୍ୟଞ୍ଜନାର ବାଙ୍ମୟ ବିନ୍ୟାସ। ଯନ୍ତ୍ରଣା ଜର୍ଜର ହୃଦୟରେ ସାନ୍ତ୍ୱନାର ଚନ୍ଦନ, ବିଷାକ୍ତ ବିଦ୍‌ଗଧ ବେଳାର ଆଶାମୟ ଜ୍ୟୋତି, ସର୍ବୋପରି ସନ୍ଦିଗ୍ଧ ପ୍ରାଣରେ କର୍ମର ଉଦାର ପ୍ରେରଣା ଏହାହିଁ ମହାକାଳର ମର୍ମବାଣୀ, ବିଶ୍ୱ ଜୀବନର ସଞ୍ଜିବନୀ ସୁଧା, ଏହାହିଁ ବିଶ୍ୱର ସର୍ବପ୍ରାପ୍ତ ସର୍ବଶ୍ରେଷ୍ଠ ତତ୍ତ୍ୱଜ୍ଞାନ।

ଗୀତାର ସମ୍ୟଭାବ ଉପରେ ଆଲୋଚନାଟି ସେଇ ଐଶୀ ଆଶିଷର ପ୍ରତିଧ୍ୱନି ମାତ୍ର। ତା' ପରବର୍ତ୍ତୀ ରଚନା 'ସ୍ୱାଭିମାନ-ଏକ ରାଷ୍ଟ୍ରୀୟ ବିବେଚନ' - ହେଲା ହୃଦୟର ଗୌରବମୟ ଦିବ୍ୟସ୍ପନ୍ଦନ। ରାଷ୍ଟ୍ରୀୟତା ସଂକୀର୍ଣ୍ଣ ଅନେକଙ୍କ ମତରେ, ମାତ୍ର ବ୍ୟାପକ ଅର୍ଥରେ ଏହା ବିଶ୍ୱଚେତନାର ପରିପନ୍ଥୀ ନୁହେଁ। ସୁଦୂର ଅତୀତରୁ ସ୍ୱାଧୀନତା ସମୟ ଏବଂ ତତ୍ ପରବର୍ତ୍ତୀ କାଳଖଣ୍ଡରେ ସ୍ୱାଭିମାନର ଅବିଚ୍ଛିନ୍ନ ଧାରା କିପରି ଭାରତୀୟ ଜୀବନ ଚେତନା ଏବଂ ସାଧନାର ରାଷ୍ଟ୍ରୀୟ ତଥା ବିଶ୍ୱମାନବିକତାର ଆନ୍ତଃ ସ୍ପନ୍ଦନ ହୋଇ ଆସିଛି ବିଭିନ୍ନ ଦୃଷ୍ଟାନ୍ତ ମାଧ୍ୟମରେ ସେଇ ମହୋଜ୍ଜ୍ୱଳ ଆଲେଖ୍ୟ ପ୍ରବନ୍ଧଟିରେ ଅଙ୍କିତ। ପୁସ୍ତକଟିର ଅନ୍ୟାନ୍ୟ ପ୍ରବନ୍ଧ ଭଳି ଏହାବି ଉଦ୍ଦୀପ୍ତ ଚେତନାର ଏକ ଆଗ୍ନେୟ ଉଚ୍ଚାରଣ। ଯାର ସ୍ୱାଭିମାନ ଯେତେ ତାର ସ୍ୱପ୍ନ ସେତେ, ଯାର ସ୍ୱପ୍ନ ଯେତେ ତାର ସାଧନା ବି ସେତେ - ତାହେଲେ ସିଦ୍ଧି ବି କାଳଜୟୀ ମହତ୍ତ୍ୱର ଅଭିବ୍ୟଞ୍ଜିତା ହୁଏ, ଏହାହିଁ ପ୍ରବନ୍ଧଟିରେ ପ୍ରତିପାଦିତ।

ହୃଦୟର ଗଭୀର ପ୍ରଦେଶରେ ସ୍ୱାଭିମାନର ଅଗ୍ନିଉତ୍ତାପ ନଥିଲେ, କ୍ରାନ୍ତିକାରୀ କାର୍ତ୍ତିର ମହାନାୟକ ହେବା ସମ୍ଭବ ନୁହେଁ। ଜନ୍ମମାଟିର ଇଞ୍ଚେ ଶତ୍ରୁ କବଳରେ ଥିବାଯାଏ ସ୍ୱାଭିମାନୀକୁ ତାର ଅଂଗ ଖଣ୍ଡେ କଟିଗଲା ଭଳି ଲାଗେ। ପ୍ରକୃତରେ ସ୍ୱାଭିମାନ ହିଁ ଜୀବନର ପ୍ରାଣଶକ୍ତି। ଏହାହିଁ ବ୍ୟକ୍ତି ଓ ରାଷ୍ଟ୍ର ଜୀବନର ପ୍ରତିଷ୍ଠାର ଭିତ୍ତି।

'ସ୍ୱାଧୀନ ଭାରତ : ହିଂସା ଅହିଂସାର ଅନ୍ତରାଳେ' ସ୍ୱାଭିମାନ ଚେତନାର ଅନ୍ୟ ଏକ କଠୋର ସତ୍ୟର ଆଗ୍ନେୟ ଉଦ୍‌ଗୀରଣ। ଅହିଂସାର ପରିଣତି ହିଂସାଠୁଁ ଭୟଙ୍କର ତାହାହିଁ ମାତୃଭୂମିକୁ ତିନିଖଣ୍ଡ କରିଛି। ଏହାର ଫଳିତ ବାସ୍ତବଚିତ୍ର ପ୍ରବନ୍ଧଟିରେ ସଦୃଷ୍ଟାନ୍ତ ଅବତାରଣା କରାଯାଇଛି। ତଥା କଥିତ ଛଦ୍ମବେଶୀ ଅହିଂସାଙ୍କ ଚରିତ୍ରଟିର ବୀଭତ୍ସ ନଗ୍ନରୂପ ଉନ୍ମୋଚନ କରାଯାଇଛି। ଏମିତି ଭାବେ ଅନ୍ୟାନ୍ୟ ପ୍ରବନ୍ଧ ଗୁଡ଼ିକରେ ବାସ୍ତବ ସତ୍ୟର ସ୍ୱରୂପ ତାତ୍‌କାଳୀକ ଘଟନାଚକ୍ରର ବିଭିନ୍ନ ଦୃଷ୍ଟାନ୍ତ ମାଧ୍ୟମରେ ଆଲୋଚନା କରାଯାଇଛି।

ଉତ୍ତର ପୁରୁଷଙ୍କ ପ୍ରାଣରେ ସ୍ୱାଧୀନତା ପରବର୍ତ୍ତୀ ସମୟର ଦୁଷ୍ଟ ଶକ୍ତିର ଦୁଷ୍କ୍ରିୟାକୁ ଉପସ୍ଥାପନ କରାଯାଇ ଯଥାର୍ଥ ସ୍ୱାଭିମାନର ଶୌର୍ଯ୍ୟଦୀପ୍ତ ଝଙ୍କାର ପ୍ରବନ୍ଧ ଗୁଡ଼ିକରେ ଧ୍ୱନିତ କରାଯାଇଛି, ସେହିଭଳି କୋଡ଼ିଏଟି ନାତିଦୀର୍ଘ ବୌଦ୍ଧିକ ପ୍ରବନ୍ଧର ଏକ ଭବ୍ୟ ସଂକଳନ ୧୯୧୨ରେ ପ୍ରକାଶିତ, ଏହା ମୋର ଅନ୍ୟଏକ ସାର୍ଥକ ପ୍ରବନ୍ଧ ସଂକଳନ।

**'ପ୍ରତାରଣା ଓ ଆମେ'** : ଏକ ବୃହତ୍ ପ୍ରବନ୍ଧର ଏକ କ୍ଷୁଦ୍ର ପୁସ୍ତକ। ୧୯୮୨ରେ ଲେଖିଥିଲି। ତତ୍‌କାଳୀନ ସାମାଜିକ, ଆଧ୍ୟାତ୍ମିକ, ରାଜନୀତିକ ତଥା ପ୍ରଶାସନିକ ପୃଷ୍ଠଭୂମିରେ ଲିଖିତ ପ୍ରବନ୍ଧଟି ୧୯୮୪ ବିଷୁବ ବିଶେଷାଙ୍କ ଝଙ୍କାରରେ ପ୍ରକାଶ ପାଇଥିଲା। ଏ ସମସ୍ତ କ୍ଷେତ୍ରରେ ଆମର ସ୍ଖଳିତ ଚରିତ୍ରର ବାସ୍ତବ ଚିତ୍ର ଆଖିଦେଖା ଘଟନା ଭଳି ଲେଖିଥିଲି। ଆମେ କିପରି ପ୍ରତାରଣା ଭିତରେ ବୁଡ଼ି ରହିଛୁଁ ତାର ତଥ୍ୟଭିତ୍ତିକ ପ୍ରଭାବଶାଳୀ ଭାଷାର ବର୍ଣ୍ଣନା ଡ. ମହତାବଙ୍କ ମନକୁ ଛୁଇଁଥିଲା। କିନ୍ତୁ ପ୍ରଥମେ ଲେଖାଟିକୁ ପ୍ରଫେସର ଡ. ନିତ୍ୟାନନ୍ଦ ଶତପଥୀଙ୍କ ସଂପାଦିତ ଆଧୁନିକ ଓଡ଼ିଆ ସାହିତ୍ୟ ଉପରେ ଉଚ୍ଚତର ଗବେଷଣା ପ୍ରସୂତ ପ୍ରବନ୍ଧର ସଂକଳନ 'ଇସ୍ତାହାର' ପତ୍ରିକା ପାଇଁ ପଠାଇଥିଲି, ପ୍ରବନ୍ଧଟି ପଢ଼ି ଏକ ପତ୍ରରେ ପ୍ରଫେସର ଶତପଥୀ ଉଚ୍ଚ ପ୍ରଶଂସା ସୂଚକ ଅଭିନନ୍ଦନ ପଠାଇଥିଲେ, ମାତ୍ର ଇସ୍ତାହାରରେ ଏତେ ବୃହତ୍ ପ୍ରବନ୍ଧ ପ୍ରକାଶନ ସମ୍ଭବ ନହେଲେବି ଦିନେ କୌଣସି ପ୍ରସିଦ୍ଧ ସାହିତ୍ୟ ପତ୍ରିକାରେ ପ୍ରକାଶିତ ହେବ- ଏ ସାନ୍ତ୍ୱନା ଦେଇଥିଲେ। ତାଙ୍କ ଆଶୀର୍ବାଦ ସତ୍ୟ ହେଲା। ମାତ୍ର ଭଦ୍ରକ ମହାବିଦ୍ୟାଳୟର ୧୯୮୫ ବାର୍ଷିକ ଉତ୍ସବରେ ଅତିଥି ହୋଇ ଓଡ଼ିଆ ବିଭାଗର ମୁଖ୍ୟ ତଥା ଯଶସ୍ୱୀ କବି ପ୍ରଫେସର କମଳାକାନ୍ତ ଲେଙ୍କାଙ୍କଠାରୁ ଏ ଲେଖା ନେଇ ଭିନ୍ନ ପ୍ରକାର ସମାଲୋଚନା ଶୁଣିଲି। ସେମାନେ ମୋ ଭଳି ଜଣେ ତରୁଣ ଲେଖକର ଦୀର୍ଘ ୨୪ ପୃଷ୍ଠା ବ୍ୟାପୀ ବଡ଼ ପ୍ରବନ୍ଧ ଝଙ୍କାର ବିଷୁବ ସଂଖ୍ୟାରେ ପ୍ରକାଶ ପାଇଥିବାରୁ କ୍ଷୁବ୍ଧ ଓ ବିସ୍ମିତ ହୋଇଥିଲେ। କାରଣ ଏହା ପୂର୍ବରୁ କୌଣସି ପ୍ରତିଷ୍ଠିତ ଲେଖକର ଏମିତି ବଡ଼ ଲେଖା ପ୍ରକାଶ ପାଇନଥିଲା। କଣ ତାଙ୍କ ଉପରେ ଗବେଷଣା କରିଥିବାରୁ ଏ କରୁଣା ? କିଛିଦିନ ପରେ କଲେଜର ଏକ ବାର୍ଷିକ ଉତ୍ସବରେ ଉଦ୍‌ଘାଟକ ଥିଲେ ମହତାବ। ତାଙ୍କଠାରେ ନମ୍ରଭାବେ ସେମାନଙ୍କର ଆପତ୍ତି ଜଣାଇଥିଲେ, ସେଇ ଗୋଟିଏ ପ୍ରବନ୍ଧ ସ୍ଥାନରେ ଅନ୍ତତଃ ୨୫/୩୦ ଜଣଙ୍କ କ୍ଷୁଦ୍ର ଗଳ୍ପ ବାକବିତା ସ୍ଥାନ ପାଇଥାନ୍ତା।

ଡ. ମହତାବ କହିଥିଲେ - ଲେଖାଟି ପଢ଼ିଛ ?

ସେମାନେ ନିରୁତ୍ତର ରହିବାରୁ ଡ. ମହତାବ ମୃଦୁ ହସି କହିଥିଲେ- ନପଢ଼ି ସମାଲୋଚନା କରୁଛ ? ପଢ଼ ତାପରେ କହିବ।

ପ୍ରଫେସର ଲେଙ୍କା ଲଜ୍ଜିତ ହେଲେ ଏବଂ ପ୍ରବନ୍ଧଟି ପଢ଼ି ଡ. ମହତାବଙ୍କ କଥା ଠିକ୍ ବୋଲି ତାଙ୍କ ହୃଦ୍‌ବୋଧ ହେଲା। ସେଦିନ ସଭା ଆରମ୍ଭରେ ମୋର ପରିଚୟ ପ୍ରଦାନ ପ୍ରସଙ୍ଗରେ ତାଙ୍କର ଏ ମନ୍ତବ୍ୟ ମୋ ପାଇଁ ପ୍ରେରଣାପ୍ରଦ ହେଲା।

ପୁସ୍ତକ ଆକାରରେ ପ୍ରବନ୍ଧଟି ୨୦୧୨ ମସିହାରେ ପ୍ରକାଶିତ ହେଲା।

ସେମିତି ଆଉ ଏକ ରାଷ୍ଟ୍ରୀୟ ଚେତନା ଭିତ୍ତିକ ଆଗ୍ନେୟ ଉତ୍ତାପରେ ଉଦ୍ଦୀପ୍ତ ଆଲେଖ୍ୟର ଏକକ ପ୍ରବନ୍ଧ ପୁସ୍ତକ ହେଲା 'ରାଷ୍ଟ୍ରୀୟ ଆତ୍ମହତ୍ୟା'। ମୋର ବିଭିନ୍ନ ପ୍ରବନ୍ଧ ମଧ୍ୟରେ ଏହାର ଆବେଦନ ସ୍ୱତ। ଏ କ୍ଷୁଦ୍ର ପୁସ୍ତିକାର ଆନ୍ତଃ ସ୍ପନ୍ଦନରେ ରହିଛି ଏ ଭୂମିର ସ୍ୱାଧୀନତା ପ୍ରାକ୍ ଓ ପରବର୍ତ୍ତୀ ଅର୍ଦ୍ଧ ଶତାବ୍ଦୀ ଧରି ଜୀବନ ଜ୍ୱାଳାର ଅନ୍ତରୀଣ ପ୍ରାଣ ପ୍ରବାହ, ସ୍ୱାଧୀନତା ନାମରେ, ଅହିଂସା ନାମରେ ଅଖଣ୍ଡ ଭାରତ ଜନନୀ ଖଣ୍ଡିତ ହେଲା, ଯେଉଁମାନେ ମା'ର ରକ୍ତାପ୍ଲୁତ ଛାତି ଉପରେ ସିଂହାସନ ମଣ୍ଡନ ପାଇଁ ମାତୃହତ୍ୟାର ଆତତାୟୀ ସାଜିଥିଲେ ଏବଂ ଯେଉଁ ପୁରୋହିତ ମନ୍ତ୍ରପାଠ କରି ସେମାନଙ୍କୁ କ୍ଷମତାରେ ଅଭିଷିକ୍ତ କଲେ ସେଇ କ୍ଷତାକ୍ତ ଅତୀତରେ ଅଗ୍ନିଗର୍ଭ ହୃତପିଣ୍ଡର ଦହନ ଏହାର ପ୍ରତିଟି ଅକ୍ଷର, ଧ୍ୱନି ତରଙ୍ଗରେ ବହ୍ନିମାନ। ଯେଉଁମାନେ ଏଥିପାଇଁ ପ୍ରତ୍ୟକ୍ଷ ଭାବେ ଦାୟୀ ସେମାନଙ୍କ ବୀଭତ୍ସ ସ୍ୱରୂପକୁ ଭବିଷ୍ୟତ ପିଢ଼ିଙ୍କ ଆଗରେ ଉନ୍ମୋଚିତ କରାଯାଇଛି। କେବଳ ତଥାକଥିତ ରାଜନୀତିକ ଭାଗ୍ୟବିଧାତା ନୁହନ୍ତି ନକଲି ରାଷ୍ଟ୍ରଭକ୍ତ, ପୁରସ୍କାର ମୋହଗ୍ରସ୍ତ କଲମ ବାଜ ସାହିତ୍ୟରଥୀ, ବିଭ୍ରାନ୍ତ ଶିକ୍ଷାନୀତି ବିଶେଷତଃ ନିଜକୁ ଅବତାରୀ ଭଗବାନ ପ୍ରତିପନ୍ନ କରୁଥିବା ଭଣ୍ଡ ଗୁରୁକୁଳଙ୍କ ଉତ୍ପାତ ଏ ସମସ୍ତଙ୍କ ଉପରେ ଏକ ଉଦାତ୍ତ ଚେତନାଦୀପ୍ତ ଆଲେଖ୍ୟ ହେଲା ଏ କ୍ଷୁଦ୍ର ପୁସ୍ତିକା। ପରବର୍ତ୍ତୀ ସମୟରେ ଭଣ୍ଡ ବାବାମାନଙ୍କ ଦୁଷ୍କ୍ରିୟା ପ୍ରକାଶର ଯଥେଷ୍ଟ ପୂର୍ବରୁ ଏହା ପ୍ରକାଶ ପାଇଥିଲା। ରାଷ୍ଟ୍ରଦୀପରେ। ବହି ରୂପେ ୨୦୧୬ରେ ପ୍ରକାଶିତ ହେଲା।

ନିଜକୁ ଭାରତୀୟ ବା ବିଶ୍ୱମଣିଷର ଦିବ୍ୟ ଭାବନାରେ ଯୋଗ୍ୟ କରିବା ଯେଉଁମାନଙ୍କର ପ୍ରୟାସ, ବୟସ ଜାତି ଧର୍ମ ନିର୍ବିଶେଷରେ ସେମାନଙ୍କ ପାଇଁ ବିଶେଷତଃ ଯୁବପିଢ଼ିଙ୍କ ହାତରେ ପୁସ୍ତିକାଟି ପଡୁ ଏବଂ ମାତୃଭୂମିର ବେଦନା ସେମାନଙ୍କ ପ୍ରାଣକୁ ସ୍ପର୍ଶ କରୁ ଏଇ ସମର୍ପଣ ଭାବନା ନେଇ ହିଁ ପୁସ୍ତିକାଟିର ପରିକଳ୍ପନା।

(କ୍ରମଶଃ)


+ସାଧନାଳୟ, ବିକାଶନଗର,
ବାଲେଶ୍ୱର, ମୋ: ୯୪୩୭୭୫୪୭୯୬

## ● ଆଜିର୍ ଗଳ୍ପ ●

# ସମୟ

ପବିତ୍ର କୁମାର ସାହୁ
ଅତାସାହି,
ଆନନ୍ଦପୁର, କେନ୍ଦୁଝର
ମୋ: ୯୭୭୭୫୬୦୯୨୧

ଘରର ବାଲକୁନି ଉପରେ ଗୋଟିଏ ଦାମୀ କାଠ ଚୌକିରେ ପ୍ରଧାନବାବୁ ଗୋଡଲମ୍ବ କରି ବସିଛନ୍ତି। ସେ ଭାରି ସରଳ ନିରୀହ ଲୋକ। ଗାଁର ସମସ୍ତେ ତାଙ୍କୁ ଭାରି ମାନନ୍ତି। ଗୋଟିଏ ଝିଅ, ଦୁଇପୁଅ, ମନୋଜ ଆଉ ଶ୍ରୀକାନ୍ତ। ମନୋଜ ମୁମ୍ବାଇରେ ସଫ୍ଟଓୟାର ଇଞ୍ଜିନିୟର ଭାବେ କାମ କରେ, ଆଉ ଶ୍ରୀକାନ୍ତ ଆମେରିକାରେ ରହି ପାଠପଢୁଛି। ଅଲିଅଳିରେ ବଢ଼ିଥିବା ଝିଅ ରିତା ଏବେ ନବମ ଶ୍ରେଣୀ ଉତ୍ତୀର୍ଣ୍ଣ ହୋଇ ଦଶମ ହେଲା। ସେପଟେ ଗରଗର ହୋଇ ରିତାବୋଉ ରୋଷେଇ ଘରୁ ହାତରେ ଚା'କପେ ଧରି ବାହାରିଲେ । ଠିକ୍ ଏହି ସମୟରେ ରିତା ଖବରକାଗଜ ଖଣ୍ଡିଏ ହାତରେ ଧରି ବୋଉ ବୋଉ ଚିତ୍କାର କରି ସାରା ଘରଟାକୁ କମ୍ପାଇ ଦେଲା। ଏହାଶୁଣି ରିତା ବୋଉ ରାଗିଯାଇ କହିଲେ - ଏତେ ଜୋର୍‌ରେ କ'ଣ ଚିଲଉଛୁ ? ଆଜି କ'ଣ ତୁ ଟିଉସନ ଯାଇନାହୁଁ ? ରହ ତୋ ବାପାଙ୍କୁ କହୁଛି। ନାଇଁ ବୋଉ ତୁ ଟିକେ ମୋ କଥା ଶୁଣ ଆଗ। କ'ଣ କହୁଛୁ ଶୀଘ୍ର କହ। ବାଷ୍ପରୁଦ୍ଧ କଣ୍ଠରେ ରିତା କହିଲା - ବୋଉ ହରି ମଉସା ଆଉ ତାଙ୍କ ଗାଁରେ ନାହାଁନ୍ତି। ଏ କ'ଣ କହୁଛୁ ତୁ ରିତା ! ସତ କହୁଛୁ ତ ! ହଁ ବୋଉ ପୁରା ସତ। ଏଇ ଦେଖିନୁ ଖବର କାଗଜରେ ବି ବାହାରିଛି। ନିଜ ମା'ଙ୍କୁ କିଏ କ'ଣ ମିଛ କୁହେ ? ହରିମଉସା କାଳେ ଗୁଣିଗାରେଡି କରି ଲୋକମାନଙ୍କୁ ମାରି ଦେଉଛନ୍ତି ବୋଲି ଗାଁ ଲୋକମାନେ ସନ୍ଦେହ କରି ତାଙ୍କୁ ଗାଁରୁ ବାହାର କରିଦେଇଛନ୍ତି। କ'ଣ



ଗୁଣିଗାରେଡ଼ି ପାଇଁ ତାଙ୍କୁ ଗାଁରୁ ତଡିଦେଲେ ! ଗାଁ ଲୋକଙ୍କର ଏପରି ନିଷ୍ପତ୍ତି ଠିକ୍ ହେଲାନାହିଁ। ଗୁଣିଗାରେଡି ଦ୍ୱାରା ସତରେ କ'ଣ ଜୀବନ ଚାଲିଯାଏ ? ନାଁ ନାଁ ଏ ତ ଲୋକମାନଙ୍କର ଭ୍ରମ ଓ ଅନ୍ଧବିଶ୍ୱାସ। ଏହା କଦାପି ଉଚିତ୍ ହେଲା ନାହିଁ। ତୋ ହରି ମଉସାଙ୍କ ପ୍ରତି ଘୋର ଅନ୍ୟାୟ ହୋଇଛି।

ଏମିତିରେ ଦେଖିବାକୁ ଗଲେ ସେ ଭାରି ସୁନ୍ଦର ମଣିଷଟିଏ। ଆଖ ପାଖ ଗାଁରେ ଏମିତି ନିରୀହ, ଶାନ୍ତ, ସରଳ ଲୋକଟିଏ ମିଳିବା ବହୁତ କଷ୍ଟକର। ଭାରି ଅଭାବୀ ଓ ଦରିଦ୍ରତାରେ ଥାଇ ମଧ କେବେ ମୁଣ୍ଡ ନୁଆଇଁ ନାହାଁନ୍ତି।ଗରିବ ହେଲେ କ'ଣ ହେଲା ଧନ ସଂପତ୍ତି ପ୍ରତି ସେ କଦାପି ଲାଳାୟିତ ହୋଇନାହାନ୍ତି। ତାଙ୍କର ଦୁଇ ଝିଅ ମମତା ଓ ମାଳତୀ । ଦେଖିବାକୁ ଗୋରା ତକତକ ଚନ୍ଦ୍ରବଦନ ପରି ଭାରି ସୁନ୍ଦର। ଜଣଙ୍କର ବୟସ ୧୦ ବର୍ଷ ଓ ଆଉ ଜଣଙ୍କର ୮ବର୍ଷ। ଏବେବି ସେ ଦୁହେଁ ମାତୃକୋଳର ଆଶ୍ରିତ। କିନ୍ତୁ ବିଧାତାର କି ବିଚିତ୍ର ଲୀଳା ଦେଖ, ପତ୍ନୀ ବସୁଧା ଏଇ ବର୍ଷେ ହେଲା କର୍କଟ ରୋଗରେ ଆକ୍ରାନ୍ତ ହୋଇ ଶଯ୍ୟାଶାୟୀ। ଔଷଧ ଖର୍ଚ୍ଚ ପାଇଁ ସବୁତକ ବିଲବାଡ଼ି, ସୁନା, ରୂପା ଯାହାଥିଲା ସବୁ ବିକ୍ରି ହୋଇସାରିଛି। ଭଙ୍ଗା ଦଦରା ସାଇକେଲଟି ମଧ ବନ୍ଧା ପଡ଼ିଛି। ପିଲାଙ୍କ ପଢା ପାଇଁ ଭବିଷ୍ୟ ନିଧି ଆଉ କିଛି ନାହିଁ। ପଡ଼ିଛି କେବଳ ଅଧାଭଙ୍ଗା ଚାଳ ଛପର ଘର ଖଣ୍ଡିକ। ଏଭଳି ଅସହାୟ ଗରିବ ଲୋକ ପ୍ରତି ଭଗବାନ କାହିଁକି କେଜାଣି ଏତେ ନିର୍ଦ୍ଦୟ ହୁଅନ୍ତି ? ନିରୀହ ନିଷ୍କପଟ ଲୋକ ପାଇଁ କ'ଣ ଏହି ମୂଲ୍ୟ ? ବୋଝ ଉପରେ ନଳିତା ବିଡା ପରି ଦୁଃଖର ଘନ କଳାବାଦଲ ଘୋଟିଆସିଛି ଯେପରି ତୋ ହରି ମଉସାଙ୍କ ଉପରକୁ। ଏହା କହୁ କହୁ ରିତା ବୋଉ କେତେବେଳଠୁ ଭାବବିହ୍ୱଳିତ ହୋଇଯାଇଛି। କପ୍‌ରେ ଥିବା ଗରମ ଚା' ବି ଥଣ୍ଡା ହୋଇଯାଇଛି। ଦୁଇଆଖିର କୋଣରୁ ଲୁହ ଜକେଇ ଆସି ଥପ୍ ଥପ୍ ହୋଇ ଚା'କପ୍ ଉପରେ ପଡୁଥାଏ। ଏତିକିବେଳେ ରିତାର ସ୍ୱର ଶୁଭିଲା, ମା' ଏବେ କ'ଣ କରିବା ? ତାପରେ ରିତାବୋଉ ପ୍ରକୃତିସ୍ଥ ହୋଇ ଚା'କପ୍‌ଟା ଝିଅ ହାତକୁ ବଢ଼େଇ ଦେଲେ। ଅସ୍ତବ୍ୟସ୍ତ ହୋଇ ମୋବାଇଲ ଫୋନରେ ଯେତେଥର କଲ୍ କଲେ ମଧ କିଛିବି ଉତ୍ତର ପାଇଲେ ନାହିଁ। ସବୁଆଡେ ଖୋଜିଲେ କିନ୍ତୁ ହରିବାବୁ ଓ ତାଙ୍କ ପରିବାରର କିଛି ସନ୍ଧାନ ମିଳିଲା ନାହିଁ।

ଇତିମଧରେ ସମୟ ଅଖର ପ୍ରଖର ସ୍ରୋତରେ ଢେର ବର୍ଷ ଅତିକ୍ରାନ୍ତ ହୋଇଯାଇଛି। ପ୍ରଧାନବାବୁ ବାର୍ଦ୍ଧକ୍ୟର ଅପରାହ୍ନରେ। ଦୁଇପୁଅଙ୍କର ବିବାହ ସରିଛି, ଆଉ ରିତା ବି ବାହାହୋଇ ଗୋଟିଏ ପୁଅର ମା'ହୋଇସାରିଛି। ରିତା ବୋଉ ଏବେ ବାଡ଼ିର ଆଶ୍ରାରେ ଚାଲୁଛି। କେଶ ଗୁଡାକ ଧୋବ ଫରଫର ହୋଇ ଚକ୍ ମକ୍ କରୁଛି। ଦେହର ଚର୍ମସବୁ ଲୋଚାକୋଚା, ରୁକ୍ଷ ଓ ବନ୍ଧୁର। ଏପରି ପ୍ରତୀତ ହେଉଛି, ଯେପରି ଯୌବନ ତରୁଣୀକୁ ବାର୍ଦ୍ଧକ୍ୟ ରାକ୍ଷସ ସବୁଦିନ ପାଇଁ ଗ୍ରାସ କରିଛି। ଠିକ୍ ଏତିକିବେଳେ ରିତାବୋଉ ଠକ୍ ଠକ୍ ଶବ୍ଦ କରି ବାଡିଟିଏ ଧରି ଟିଭି ରୁମ୍‌ର ଏକ ଚେୟାରରେ ନଥ୍ କରି ବସିପଡିଲେ। ପୁଣି ଭାବନାର ଆବେଗରେ ଚିନ୍ତାମଗ୍ନ ହୋଇ - 'ଘର ଏବେ ବେଶ୍ ଆନନ୍ଦରେ ଚାଲିଛି। କିନ୍ତୁ ମୋ ମନ ଆଜିବି ହରି ବାବୁଙ୍କୁ ଝୁରୁଛି, ପ୍ରତି ମୁହୂର୍ତ୍ତରେ କାନ୍ଦୁଛି, କେମିତିବା କାନ୍ଦିବିନି ? କିପରି ବା ଭୁଲିଯିବି ସେଦିନ ରାତ୍ରିର ଘଟଣାକୁ ? ଯେଉଁଦିନ ମୁଁ ପ୍ରଧାନବାବୁଙ୍କ ପାଇଁ ମେଡିକାଲ ବାରଣ୍ଡାରେ ଚିତ୍କାର କରି କହୁଥିଲି - ମୋ ସ୍ୱାମୀଙ୍କୁ ଟିକିଏ ରକ୍ତ ଦିଅ ରକ୍ତ ଦିଅ.......ବୋଲି। କିନ୍ତୁ ସମୁଦ୍ରର ଭଟ୍ଟାଭଳି ସମସ୍ତେ ଦୂରେଇଗଲେ। ସେତେବେଳେ କେଉଁଠି ଥିଲେ କେଜାଣି ଜଣେ ଉଦାରହୃଦୟ ଓ ପରୋପକାରୀ ଲୋକଟିଏ ଦେବଦୂତ ସାଜି ସାହାଯ୍ୟର ହାତ ବଢାଇ ଦେଇଥିଲେ ଏବଂ ରକ୍ତ ଦେଇ ମୋ ମଥାର ସିନ୍ଦୂରକୁ ଉଜ୍ଜିବୀତ କରିଥିଲେ। ସେହିଦିନ ଠାରୁ ରିତା ସ୍ନେହରେ ହରି ମଉସା ବୋଲି ଡାକେ ଆଉ ତାଙ୍କର ପତ୍ନୀଙ୍କୁ ମୁଁ ନିଜ ଭଉଣୀ ପରି ସ୍ନେହ କରେ। ଆଜିବି ମାନବିକତା ବଞ୍ଚିଛି, ଏହି ସ୍ୱାର୍ଥପର ସମାଜରେ। ତାହାର ଜ୍ୱଳନ୍ତ ଉଦାହରଣ ଆମ ହରିବାବୁ। ଏହିପରି ଭାବନାସ୍ୱପ୍ନରେ ମଜ୍ଜିଥିବା ବେଳେ ଘରର ମୁଖ୍ୟ ଦର୍ଜାରୁ ଠକ୍ ଠକ୍ ଆବାଜ୍ ଶୁଭିଲା।

ଧୀରେ ଧୀରେ ଯାଇ କବାଟର ଖିଡକୀ ଖୋଲିଲା ବେଳକୁ ଡାକବାଲା ଚିଠି ଖଣ୍ଡିଏ ବଢାଇଦେଲା। ପଚାରିବାରୁ କହିଲା ସବ୍ କଲେକ୍ଟର ଅଫିସରୁ ଏହି ଚିଠି ଆପଣଙ୍କ ପାଇଁ ଆସିଛି। ଡାକବାଲା ଚାଲିଗଲା। କିନ୍ତୁ ରିତା ବୋଉ ମନ ପ୍ରଶ୍ନବାଣରେ ଛନ୍ଦି ହେଲାଭଳି ପ୍ରତୀତ ହେଉଥାଏ। ତାପରେ ଡାଇନିଂ ହଲର ଏକ ସୋଫାରେ ବସିପଡ଼ି କଣ୍ଠରେ ଝୁଲୁଥିବା ଚଷମାର ଲେନ୍ସକୁ ଶାଢିକାନୀରେ ସଫାକରି ପିନ୍ଧିଲେ। ଧିରେ ଧିରେ ଚିଠି ଖୋଲି ପଢିବାକୁ ଲାଗିଲେ - 'ରିତା ମାଉସୀ, ମୋର ପ୍ରଣାମ ନେବ ଆଉ ମଉସାଙ୍କୁ ମୋତରଫରୁ ନମସ୍କାର ଜଣାଇଦେବ। ମୁଁ ମମତା କହୁଛି, ହରି ନାଏକଙ୍କ ବଡ଼ ଝିଅ। ହଁ ଏବେ ନିଶ୍ଚୟ ଜାଣିପାରୁଥିବ। ଛୋଟବେଳେ ତୁମକୁ ଦେଖିଥିଲି। ବାପା ମଧ ସବୁବେଳେ ତୁମକଥା କୁହନ୍ତି। ଏଇ ପାଞ୍ଚଦିନ ହେବ ମୁଁ ଆପଣଙ୍କ ଅଞ୍ଚଳରେ ସବ୍ କଲେକ୍ଟର ଭାବେ ନିଯୁକ୍ତି ପାଇଛି। ଆଉ ମାଳତୀ ଏବେ ଇଟାଲୀରେ ଡାକ୍ତରୀ ପାଠପଢୁଛି। ଅର୍ଥାଭାବରୁ ମା'ଙ୍କୁ ବଞ୍ଚାଇ ପାରିଲୁନି। ଆଉ ଆମକୁ ମଣିଷ କରିବା ପାଇଁ ବାପା ଏକ ହୋଟେଲରେ କାମ କରି ଦିନରାତି ଏକକରିଦେଲେ। ଶେଷ ଆଶା ଓ ଭରସା ମୋ ବାପା ଥିଲେ। ସେ ମଧ ସମୟ ସ୍ରୋତରେ ଆମକୁ ଛାଡି ସବୁଦିନ ପାଇଁ ଚାଲିଗଲେ। ତାହା ବୋଧହୁଏ ବିଧିର ବିଧାନ ଥିଲା.....। ଠିକ୍ ଏତିକିବେଳେ ରିତା ବୋଉର ହୃଦୟ ଆନ୍ଦୋଳିତ ହୋଇଉଠିଲା। ନୟନଯୁଗଳୁ ଅଶ୍ରୁର ବର୍ଷା ଥମୁନଥାଏ। ମୁକ୍ତ ଗବାକ୍ଷଦେଇ ଆସୁଥିବା ପବନରେ ହାତରୁ ଲୁହଭିଜା ଚିଠିଟି ଉଡିଗଲା। ଭୋଃ ଭୋଃ ହୋଇ କାନ୍ଦିବାକୁ ଲାଗିଲେ। ଏମିତି କାନ୍ଦ ସେ ଦୀର୍ଘ ୮୫ବର୍ଷ ମଧରେ କେବେ କାନ୍ଦି ନାହାନ୍ତି। ସତେ ଯେପରି ସୁଖ ଓ ଦୁଃଖର ମିଶ୍ରିତ ଆନନ୍ଦର ଶିହରଣ ଖେଳିଗଲା ତାଙ୍କ ହୃଦୟରେ। କମ୍ପିତ କଣ୍ଠରେ କହିଉଠିଲେ - 'ବାଃ ବାଃ ରେ ସମୟ ! ସ୍ୱର୍ଗରେ ଥାଇ ହରିବାବୁ ଆଜି ନିଶ୍ଚୟ ଖୁସି ହେଉଥିବେ। କାରଣ ସେ ଦୁଃଖ,କଷ୍ଟ,ଅଭାବର ସମୟ ଆଜି ନାହିଁ। ପରିବର୍ତ୍ତନଶୀଳ ସମୟ ଚକ୍ରରେ ତାହା ବଦଳି ଯାଇଛି। 'କାଳକ୍ରମେଣ ଜଗତଃ ପରିର୍ତ୍ତମାନା'। ସତରେ ସମୟ ବଡ଼ ବଳବାନ୍। ଆଜି ଯିଏ ରାଜା କାଲି ସେ ଫକୀର। ସମୟର କରାଳ ସ୍ରୋତରେ କେତେବେଳେ ଯେ, କ'ଣ ହେବ ତାହା କିଏ ବା କହିବ ? ତେବେ କ'ଣ ପାଇଁ ଏ ରାଗ, ହିଂସା, ଅଭିମା' ? ତେବେ କାହିଁକି ନିରୀହ ଉପରେ ଅତ୍ୟାଚାର ? ଏପରି କହୁ କହୁ ହଠାତ୍ ନିରବୀଗଲା ମୁଖ, କଣ୍ଠ ଅବରୁଦ୍ଧ ହୋଇଗଲା, ଆଖିର ପଲକ ପଡ଼ିଗଲା, ନାସାରନ୍ଧ୍ରରେ ପ୍ରବାହମାନ ପବନବି ମୁହଁ ଫେରାଇନେଲା, ରିତା ବୋଉର ଜୀବନ ଦୀପଟି ସବୁଦିନ ପାଇଁ ଲିଭିଗଲା।

# କରୋନା ଔଷଧ କଳାବଜାରୀ ରୋକିବାକୁ ଫ୍ଲାଇଙ୍ଗ୍ ସ୍କ୍ୱାର୍ଡର ଯାଂଚ ଆରମ୍ଭ



ଭୁବନେଶ୍ୱର,୨୫/୪ (ନି.ପ୍ର): ରାଜ୍ୟରେ କରୋନା ଅତ୍ୟାବଶ୍ୟକ ସାମଗ୍ରୀର ବେଆଇନ ମହଜୁଦ ଓ କଳାବଜାରୀ ରୋକିବାକୁ ଗଠିତ ଫ୍ଲାଇଙ୍ଗ୍ ସ୍କ୍ୱାର୍ଡ ବିଭିନ୍ନ ସ୍ଥାନରେ ଯାଂଚ ଆରମ୍ଭ କରିଛି। ଫ୍ଲାଇଙ୍ଗ୍ ସ୍କ୍ୱାର୍ଡରେ ଡ୍ରଗ୍ ଇନ୍ସପେକ୍ଟର, କ୍ରାଇମ ବ୍ରାଂଚର ଅଧିକାରୀ, ସ୍ପେଶାଲ୍ ଟାସ୍କ ଫୋର୍ସ ଏବଂ ସ୍ଥାନୀୟ ପୁଲିସ ରହିଛନ୍ତି। ଏହି ସ୍କ୍ୱାର୍ଡ ଗତ ୨୪ଘଂଟା ମଧ୍ୟରେ ଚାନ୍ଦନୀ ଚୌକ୍, କଟକରେ ଥିବା ବିଭିନ୍ନ ଫାର୍ମାସ୍ୟୁଟିକାଲ୍ ସଂସ୍ଥା ସହ ଭୁବନେଶ୍ୱରର ଏକ ହସ୍ପିଟାଲ୍, ବାଲେଶ୍ୱରର ୧୪ଟି ମେଡିକାଲ୍ ଷ୍ଟୋର୍ , ସମ୍ବଲପୁର, କୋରାପୁଟ, ଭଦ୍ରକ, ବଲାଙ୍ଗୀର ଏବଂ ଅନ୍ୟାନ୍ୟ ମେଡିକାଲ ଷ୍ଟୋର / ଷ୍ଟକିଷ୍ଟ ଡିପୋ / ଅମ୍ଳଜାନ ଭରିବା କେନ୍ଦ୍ରରେ ମଧ୍ୟ ଯାଂଚ କରିଛି । କରୋନା ଔଷଧ ଏବଂ ଆନୁଷଙ୍ଗିକ ସାମଗ୍ରୀର ପ୍ରବେଶ, ଯୋଗାଣର ରେକର୍ଡ, ଷ୍ଟକ୍ ଯାଂଚ କରିବା, ବଂଟନ ବିବରଣୀ ସଂଗ୍ରହ କରିବା ସହ କରୋନା ଔଷଧ ବିତରଣ ଉପରେ ଦୈନିକ ଅପଡେଟ୍ ଦାଖଲ କରିବାକୁ ମେଡିକାଲ୍ ଫାର୍ମ / ଡାକ୍ତରଖାନାଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ଉଲ୍ଲେଖ୍ୟଯୋଗ୍ୟ ଯେ ରାଜ୍ୟରେ କରୋନା ଔଷଧର ବେଆଇନ ମହଜୁଦ ଓ କଳାବଜାରୀକୁ ରୋକିବା ପାଇଁ ଏଡିଜିପି, ଚେୟାରମ୍ୟାନ୍ ତଥା ଯୁଗ୍ମ ସଚିବ ଭାବରେ କ୍ରାଇମବ୍ରାଂଚ, ସ୍ୱାସ୍ଥ୍ୟ ବିଭାଗ ଏବଂ ଡ୍ରଗ୍ସ ନିୟନ୍ତ୍ରକଙ୍କୁ ନେଇ ଗଠିତ ରାଜ୍ୟ ସ୍ତରୀୟ କମିଟି ଓଡ଼ିଶା ସରକାର ଗଠନ କରିଛନ୍ତି। କଟକ-ଭୁବନେଶ୍ୱରରେ ୦୭ ଫ୍ଲାଇଙ୍ଗ ସ୍କ୍ୱାର୍ଡ ଏବଂ ବାକି ରାଜ୍ୟରେ ୧୫ଜଣ ସକ୍ରିୟ ଭାବରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି। ସି ଆଣ୍ଡ ଏଫ୍ ଏଜେଂଟ / ଷ୍ଟକିଷ୍ଟମାନେ ରାଜ୍ୟ ବାହାରେ ଥିବା ରୋଗୀ / ଡାକ୍ତରଖାନାଗୁଡ଼ିକୁ କୋଭିଡ୍ ଇଞ୍ଜେକ୍ସନ୍ (ରିମେଡସଭିର) ଯୋଗାଉଛନ୍ତି, କୌଣସି ପ୍ରାମାଣିକିକରଣ ବିନା, ଓଡ଼ିଶାର ସମସ୍ତ ସି ଆଣ୍ଡ ଏଫ୍ ଏଜେଂଟ ଏବଂ ଷ୍ଟକିଷ୍ଟମାନଙ୍କୁ ଏଭଳି ଅନିୟମିତତା ଠାରୁ ଦୂରେଇ ରହିବାକୁ ପରାମର୍ଶ ଦିଆଯାଉଛି। କରୋନା ଔଷଧର ବେଆଇନ ମହଜୁଦ ଓ କଳାବଜାରୀ କିମ୍ବା କୌଣସି ବେଆଇନ କାର୍ଯ୍ୟରେ ଲିପ୍ତ ଥିବା ବ୍ୟକ୍ତିଙ୍କ ବିରୋଧରେ ଅପରାଧିକ ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଅଧିକ ଘରୋଇ ଲ୍ୟାବ୍‌କୁ ସାମିଲ ଯୋଜନା : ଦିନକୁ ହେବ ୨୫ହଜାର ଆରଟି-ପିସିଆର ପରୀକ୍ଷା

ଭୁବନେଶ୍ୱର ,୨୫/୪ (ନି.ପ୍ର): ରାଜ୍ୟରେ ଏବେ ଦ୍ୱିତୀୟ ଲହରରେ ଦ୍ରୁତ ସଂକ୍ରମଣ ଜାରି ରହିଛି। ଦୈନିକ ସଂକ୍ରମଣ ୬ହଜାର ପାର୍ କରିଥିବା ବେଳେ ଏହି ସଂକ୍ରମଣ ଆହୁରି ବଢ଼ିବ ବୋଲି ଆଶଙ୍କା କରାଯାଉଛି। ଏଭଳି ପରିସ୍ଥିତିରେ ଅଧିକରୁ ଅଧିକ କୋଭିଡ୍ ନମୁନା ପରୀକ୍ଷା ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ଆଗକୁ ଦୈନିକ ୫୦ହଜାର ନମୁନା ପରୀକ୍ଷା କରିବା ଲାଗି ଲକ୍ଷ୍ୟ ରହିଥିବା ବେଳେ ଆରଟି-ପିସିଆରର ପରୀକ୍ଷା ପାଇଁ ଅଧିକ ସଂଖ୍ୟାରେ ଘରୋଇ ଲ୍ୟାବ୍‌କୁ ସାମିଲ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ବିଶେଷକରି ପଶ୍ଚିମ ଓଡ଼ିଶାରେ ଆରଟି-ପିସିଆର ପରୀକ୍ଷା କରୁଥିବା ଲ୍ୟାବ୍‌କୁ ସରକାରୀ ପରୀକ୍ଷା ବ୍ୟବସ୍ଥାରେ ସାମିଲ କରିବା ଲାଗି ଆଲୋଚନା ଜାରି ରହିଥିବା ସୂଚନା ମିଳିଛି।

ରାଜ୍ୟ ସରକାର ନିକଟରେ ଘରୋଇ ଲ୍ୟାବ୍‌ଙ୍କୁ ସାମିଲ କରିବା ଲାଗି ଟେଣ୍ଡର କରିଥିଲେ। ହେଲେ ଏଥିରେ ଦୈନିକ ୧ହଜାର ନମୁନା ପରୀକ୍ଷା କରିବା ଲାଗି ମାନଦଣ୍ଡ ଧାର୍ଯ୍ୟ କରାଯାଇଥିଲା। ଏଭଳି ମାନଦଣ୍ଡକୁ ଦେଖି ଅଧିକ ଘରୋଇ ଲ୍ୟାବ୍ ଏଥିରେ ସାମିଲ ହୋଇ ନ ଥିଲେ। ମାତ୍ର ରାଜଧାନୀର ୩ଟି ଲ୍ୟାବ୍ ଏଥିରେ ହଁ ଭରିଥିଲେ। ହେଲେ ଲ୍ୟାବ୍ ସଂଖ୍ୟାକୁ ଆହୁରି ବଢ଼ାଇବା ଲାଗି ସରକାର ଯୋଜନା କରିଛନ୍ତି। ତେଣୁ ପୂର୍ବରୁ ରହିଥିବା ମାନଦଣ୍ଡକୁ ଏଥର ହଟାଇ ଦିଆଯାଇଥିବା ଜଣାପଡ଼ିଛି।

ସ୍ୱାସ୍ଥ୍ୟ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ପୂର୍ବରୁ ଯେଉଁ ମାନଦଣ୍ଡ ରହିଥିଲା, ସେଥିରେ ଅନେକ ଘରୋଇ ହସ୍ପିଟାଲ ସାମିଲ ହୋଇ ନ ଥିଲେ। ତେଣୁ ଏବେ ଲ୍ୟାବ୍‌ର କ୍ଷମତା ଅନୁସାରେ ସେମାନଙ୍କୁ ସାମିଲ କରିବା ଲାଗି ଆଲୋଚନା ଜାରି ରହିଛି। ଆରଟି-ପିସିଆର ନମୁନା ରିପୋର୍ଟ ଯେପରି ଲୋକଙ୍କୁ କମ୍ ସମୟରେ ମିଳିପାରିବ, ସେଥିପାଇଁ ନମୁନାଗୁଡ଼ିକୁ



ଭୁବନେଶ୍ୱର କିମ୍ବା କଟକ ନ ପଠାଇ ଜିଲ୍ଲାରେ ପରୀକ୍ଷା କରିବା ଲାଗି ଜୋର ଦିଆଯାଉଛି। ପଶ୍ଚିମ ଓଡ଼ିଶାରେ ଏବେ ଦ୍ରୁତ ସଂକ୍ରମଣ ଦୃଷ୍ଟିରୁ ସେଠାରେ ଥିବା ଘରୋଇ ଲ୍ୟାବ୍‌କୁ ସରକାରୀ ପରୀକ୍ଷା ବ୍ୟବସ୍ଥାରେ ସାମିଲ କରାଗଲେ ଏହା ଫଳପ୍ରଦ ହୋଇପାରିବ। ଖୁବ୍‌ଶୀଘ୍ର ଆହୁରି ୨/୩ ଘରୋଇ ଲ୍ୟାବ୍ ସରକାରୀ ପରୀକ୍ଷା ବ୍ୟବସ୍ଥାରେ ସାମିଲ ହେବେ। ରାଜ୍ୟର ୭ଟି ମେଡିକାଲ କଲେଜ ଓ ୬ଟି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆରଟି-ପିସିଆର ପରୀକ୍ଷା ହେଉଛି। ଆଗକୁ ଆହୁରି ୨ଟି ଜିଲ୍ଲାକୁ ନୂଆ ମେସିନ୍ ଦିଆଯିବ। ମାତ୍ର ଜିଲ୍ଲାସ୍ତରରେ ଯେଉଁ ଲ୍ୟାବ୍‌ରେ ଆରଟି-ପିସିଆର ପରୀକ୍ଷା କରାଯାଉଛି, ତାହାର କିଭଳି କ୍ଷମତା ବୃଦ୍ଧି କରାଯିବ, ତାହା ଉପରେ ମଧ୍ୟ ଆଲୋଚନା ଜାରି ରହିଛି। ଏଥିପାଇଁ ଅଧିକ ସଂଖ୍ୟାରେ ଲ୍ୟାବ୍ ଟେକ୍‌ନିସିଆନଙ୍କୁ ନିଯୁକ୍ତି ଦେବା ସହ ଦିନକୁ ଅତି କମ୍‌ରେ ୩ଟି ପର୍ଯ୍ୟାୟରେ ପରୀକ୍ଷା ହୋଇପାରିଲେ ଦୈନିକ ପରୀକ୍ଷା ସଂଖ୍ୟା ବୃଦ୍ଧି ପାଇବ। ରାଜ୍ୟରେ ଆଗକୁ ଦୈନିକ ୨୫ ହଜାର ଆରଟି-ପିସିଆର ପରୀକ୍ଷା ଲକ୍ଷ୍ୟ ସମ୍ଭବ ହୋଇପାରିବ।

# ଓଡ଼ିଶାବାସୀଙ୍କର ସମସ୍ତ କରୋନା ଟିକା ଖର୍ଚ୍ଚ ରାଜ୍ୟ ସରକାର ବହନ କରନ୍ତୁ : ଡଃ ରାମଚନ୍ଦ୍ର ଖୁଂଟିଆ

ଭୁବନେଶ୍ୱର,୨୫/୪ (ନି.ପ୍ର): ୧୮ ବର୍ଷରୁ ଉର୍ଦ୍ଧ୍ୱ ସମସ୍ତ ଯୁବକ, ଯୁବତୀ, ସାଧାରଣ ଲୋକ, ନିର୍ମାଣ, କୃଷି ଓ ଅସଂଗଠିତ କ୍ଷେତ୍ରରେ କାମ କରୁଥିବା ସମସ୍ତ ଶ୍ରମିକ କର୍ମଚାରୀ ମାନଙ୍କୁ ମାଗଣାରେ ଟିକା ଦାନ ବ୍ୟବସ୍ଥା କରିବା ପାଇଁ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଜାତୀୟ ଉପସଭାପତି, ଓଡ଼ିଶା ଶାଖାର ସଭାପତି ତଥା ପୂର୍ବତନ ସାଂସଦ ଡକ୍ଟର ରାମଚନ୍ଦ୍ର ଖୁଂଟିଆ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି। କେନ୍ଦ୍ର ସରକାର ସମସ୍ତଙ୍କୁ ଟିକା ଦେବାର ବ୍ୟବସ୍ଥା କରିବା ପାଇଁ ପ୍ରାରମ୍ଭରେ କୁହାଯାଉଥିଲା। ମାତ୍ର କେନ୍ଦ୍ର ସରକାର ମାଗଣାରେ ସମସ୍ତଙ୍କୁ ଟିକାଦେବା ପାଇଁ ପଛଘୁଂଚା ଦେଉଛନ୍ତି ଓ ରାଜ୍ୟ ସରକାର ଯୁବକ, ଯୁବତୀ, ଛାତ୍ର/ଛାତ୍ରୀ, ଚାଷୀ, କୃଷି, ନିର୍ମାଣ ଓ ସମସ୍ତ ଅସଂଗଠିତ କ୍ଷେତ୍ରରେ କାମ କରୁଥିବା ଶ୍ରମିକ କର୍ମଚାରୀ ଏବଂ ତାଙ୍କ ପରିବାରକୁ ମାଗଣାରେ ଟିକା ଦେବା ପାଇଁ ଡକ୍ଟର ଖୁଂଟିଆ ଦାବୀ କରିଛନ୍ତି। ଅନ୍ୟପକ୍ଷରେ କେନ୍ଦ୍ର ସରକାର, ବ୍ୟାଙ୍କ, କେନ୍ଦ୍ର ଓ ରାଜ୍ୟ ସରକାରୀ ଉଦ୍ୟୋଗରେ କାର୍ଯ୍ୟ କରୁଥିବା ଶ୍ରମିକ କର୍ମଚାରୀ ଓ ତାଙ୍କ ପରିବାରର ଟିକା ଖର୍ଚ୍ଚ କମ୍ପାନୀ ବହନ କରିବା ପାଇଁ ଡକ୍ଟର ଖୁଂଟିଆ ଦାବୀ କରିଛନ୍ତି। ଦୀର୍ଘ ୧୪ ମାସ ଧରି କରୋନା ସଂକ୍ରମଣ ପରିସ୍ଥିତିରେ ସାଧାରଣ ଲୋକ, ଚାଷୀ ଓ ଅସଂଗଠିତ କ୍ଷେତ୍ରରେ କାମ କରୁଥିବା ଶ୍ରମିକମାନଙ୍କର ନିଜର ପରିବାର ଗୁଜୁରାଣ ମେଂଟାଇବା ପାଇଁ ରୋଜଗାର ନଥିବାବେଳେ କୋଭିଡ଼ ଇଞ୍ଜେକସନ୍ ନେବା ପାଇଁ ସେମାନେ ପଇସା ଖର୍ଚ୍ଚ କରିବା ପରିସ୍ଥିତିରେ ନାହାନ୍ତି। ଝାଡ଼ଖଣ୍ଡ ପରି କେତେକ ରାଜ୍ୟ ସାଧାରଣ ଲୋକଙ୍କର ଟିକା ଖର୍ଚ୍ଚ ବହନ କରୁଥିବାବେଳେ ରାଜ୍ୟ ସରକାର ସଂପୂର୍ଣ୍ଣ ଟିକା ଖର୍ଚ୍ଚ ବହନ କରିବା ପାଇଁ ଦାବୀ କରି ଡଃ ଖୁଂଟିଆ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଦ୍ୱାରା ଲେଖିଛନ୍ତି।

# ଅକ୍ସିଜେନ୍ ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ : ଜିଲ୍ଲାସ୍ତରୀୟ କୋଭିଡ୍ କେୟାର ସେଣ୍ଟର ପାଇଁ ଗାଇଡ୍‌ଲାଇନ୍

ଭୁବନେଶ୍ୱର,୨୫/୪ (ନି.ପ୍ର): ଜିଲ୍ଲା ସ୍ତରରେ ଖୋଲାଯାଇଥିବା କୋଭିଡ୍ କେୟାର ସେଣ୍ଟରଗୁଡ଼ିକୁ (ଡିସିଏଚ୍‌ସି, ଡିସିଏଚ୍ ଓ ସିସିସି) ଠିକ୍ ସମୟରେ ଅକ୍ସିଜେନ୍ ଯୋଗାଣ ପାଇଁ ସରକାର ଯୋଜନା ପ୍ରସ୍ତୁତ କରିଛନ୍ତି। କିପରି ଅକ୍‌ସଜେନ୍ ଯୋଗାଣ ହେବ, ତାହାର ଗାଇଡ୍‌ଲାଇନ୍ ଆଜି ଜାରି କରାଯାଇଛି। ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପି କେ ମହାପାତ୍ର ସବୁ ଜିଲ୍ଲାପାଳ, ମେଡିକାଲ୍ କଲେଜର ମେଡିକାଲ୍ ସୁପରିନ୍‌ଟେଣ୍ଡେଣ୍ଟ, ସିଡିଏମ୍ ଓ ପିଏଚ୍‌ଓଙ୍କୁ ଚିଠି ଲେଖି ତତ୍‌କାଳ ପଦକ୍ଷେପ ନେବା ପାଇଁ କହିଛନ୍ତି। ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଜିଲ୍ଲା ଡ୍ରଗ୍ସ ଇନ୍‌ସିପେକ୍ଟର ଠିକ୍ ସମୟରେ ଖାଲି ସିଲିଣ୍ଡରରଗୁଡ଼ିକୁ ଅକ୍ସିଜେନ୍ ଭର୍ତ୍ତି ପାଇଁ ପଠାଇବେ। ଠିକ୍ ସମୟରେ ଯେପରି ଅକ୍ସିଜେନ୍ ଭର୍ତ୍ତି ହୋଇ ଆସିବ, ତାହାକୁ ମଧ୍ୟ ନିଶ୍ଚିତ କରାଇବେ। ମେଡିକାଲ୍ ସୁପରିନ୍‌ଟେଣ୍ଡେଣ୍ଟ/ସିଡିଏମ୍/ପିଏଚ୍‌ଓଙ୍କ ସହ ପରାମର୍ଶ କରି ଡ୍ରଗ୍ସ ଇନ୍‌ସିପେକ୍ଟର ୩/୪ଟି ସିସିସି ପାଇଁ ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନ ସ୍ଥିର କରିବେ। ସେହି ସ୍ଥାନକୁ ସିଲିଣ୍ଡର ସଂଗ୍ରହ ପାଇଁ ଗାଡ଼ି ପଠାଯିବ। ମେଡିକାଲ୍ ସୁପରିନ୍‌ଟେଣ୍ଡେଂଟ/ସିଡିଏମ୍‌ଓ/ପିଏଚ୍‌ଓ ଅକ୍ସିଜେନ୍ ସିଲିଣ୍ଡର ପରିବହନ ପାଇଁ ଗାଡ଼ି ନିୟୋଜିତ କରିବେ।

# ଜରୁରୀ କାର୍ଯ୍ୟରେ ଆସୁଥିଲେ ସଙ୍ଗରୋଧ ନିୟମ ଲାଗୁ ହେବନି




ଭୁବନେଶ୍ୱର ,୨୫/୪ (ନି.ପ୍ର): ପଶ୍ଚିମବଙ୍ଗରୁ ଅତି ଜରୁରୀ କାର୍ଯ୍ୟରେ ଓଡ଼ିଶା ଆସୁଥିଲେ ୧୪ ଦିନିଆ ସଙ୍ଗରୋଧ ନିୟମ ଲାଗୁ ହେବ ନାହିଁ। ଆଜି ସ୍ୱତନ୍ତ୍ର ରିଲିଫ୍ କମିସନରଙ୍କ ପକ୍ଷରୁ ଏହି ନିର୍ଦ୍ଦେଶନାମା ଜାରି ହୋଇଛି। ତେବେ ଜରୁରୀ କାମକୁ ନିର୍ଦ୍ଦିଷ୍ଟ ଭାବେ ଦୁଇଟି ଭାଗରେ ସୀମିତ ରଖାଯାଇଛି। ସରକାରୀ କିମ୍ବା ଘରୋଇ ହସ୍ପିଟାଲ୍ ଦ୍ୱାରା କୋଭିଡ୍ ପରିଚାଳନା ସମ୍ପର୍କିତ କାର୍ଯ୍ୟରେ କୌଣସି ବ୍ୟକ୍ତି ପଶ୍ଚିମବଙ୍ଗରୁ ଆସୁଥିଲେ, ସେ ସଙ୍ଗରୋଧରେ ରହିବା ଆବଶ୍ୟକ ନାହିଁ। ସେହିପରି ନିର୍ବାଚନ କମିସନ୍ କିମ୍ବା ସିଇଓଙ୍କ ଦ୍ୱାରା ନିୟୋଜିତ ହୋଇ କୌଣସି ବ୍ୟକ୍ତି ନିର୍ବାଚନ କାର୍ଯ୍ୟରେ ଓଡ଼ିଶା ଆସୁଥିଲେ, ସେ ମଧ୍ୟ ସଙ୍ଗରୋଧ ନିୟମରୁ ବାଦ୍ ପଡ଼ିବେ। ତେବେ ସଂପୃକ୍ତ ବ୍ୟକ୍ତି ଅନ୍ୟାନ୍ୟ କୋଭିଡ୍ ଗାଇଡ୍‌ଲାଇନ୍ ମାନିବାକୁ କୁହାଯାଇଛି। ପଶ୍ଚିମବଙ୍ଗ ଫେରନ୍ତାଙ୍କ ପାଇଁ ସଙ୍ଗରୋଧ ନିୟମରେ ଛୋଟ ଛୋଟ ସଂଶୋଧନ ମଧ୍ୟ କରାଯାଇଛି। ଯେଉଁ ବ୍ୟକ୍ତି ଦୁଇ ଡୋଜ୍ ଟିକା ନେଇଥିବାର ପ୍ରମାଣପତ୍ର ଦେଖାଇବେ କିମ୍ବା ଓଡ଼ିଶାକୁ ପ୍ରବେଶ କରିବାର ପୂର୍ବ ୪୮ ଘଣ୍ଟା ଭିତରର ଆରଟିପିସିଆର ନେଗେଟିଭ୍ ରିପୋର୍ଟ ଦେଖାଇବେ, ସେହିମାନଙ୍କୁ ୧୪ ଦିନିଆ ଗୃହ ସଙ୍ଗରୋଧରେ ରହିବାକୁ ଅନୁମତି ଦିଆଯିବ ବୋଲି ପୂର୍ବରୁ ନିର୍ଦ୍ଦେଶ ଥିଲା। ଆଜି ଏହାକୁ ସଂଶୋଧନ କରାଯାଇ ସଙ୍ଗରୋଧ ସମୟସୀମାକୁ ୭ ଦିନ କରାଯାଇଛି। ତେବେ ଗୃହ ସଙ୍ଗରୋଧ ପାଇଁ ସୁବିଧା ନ ଥିଲେ, ସେ ସରକାରୀ କିମ୍ବା ଦେୟଯୁକ୍ତ ସଙ୍ଗରୋଧରେ ୭ ଦିନ ରହିପାରିବେ। ୨୨ ତାରିଖରେ ଏସ୍‌ଆରସିଙ୍କ ପକ୍ଷରୁ ଜାରି ନିର୍ଦ୍ଦେଶରେ କୁହାଯାଇଥିଲା ଯେ ବିମାନ, ନିଜ ଗାଡ଼ି, ଭଡ଼ା ଗାଡ଼ି ଯେ କୌଣସି ମାଧ୍ୟମରେ ଓଡ଼ିଶା ଆସିଲେ ୧୪ ଦିନ ସଙ୍ଗରୋଧ ବାଧ୍ୟତାମୂଳକ। ଏହି ନିର୍ଦ୍ଦେଶରେ ଟ୍ରେନ୍‌ରେ ଆସୁଥିବା ଯାତ୍ରୀଙ୍କ ବିଷୟରେ ଉଲ୍ଲେଖ କରାଯାଇ ନ ଥିଲା। ଟ୍ରେନ୍‌ରେ ଓଡ଼ିଶା ଆସୁଥିବା ଯାତ୍ରୀ ମଧ୍ୟ ୧୪ ଦିନ ସଙ୍ଗରୋଧରେ ରହିବା ବାଧ୍ୟତାମୂଳକ ବୋଲି ଆଜି ଏସ୍‌ଆରସି ସ୍ପଷ୍ଟ କରିଛନ୍ତି।

# ଓଡ଼ିଶାରେ ଥିବା ଅକ୍ସିଜେନ ମହଜୁଦର ପରିମାଣ, ଟିକା, କରୋନା ଔଷଧର ମହଜୁଦ ଓ ଆବଶ୍ୟକତା ସମ୍ବନ୍ଧରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ପଷ୍ଟିକରଣ ଦେବାକୁ ଇଣ୍ଡିଆନ୍ ସିଟିଜେନସ୍ ପାର୍ଟି ସଭାପତି ରମେଶ ଚନ୍ଦ୍ର ରାଉତଙ୍କ ଦାବି

ଭୁବନେଶ୍ୱର,୨୫/୪ (ନି.ପ୍ର): ଓଡ଼ିଶାରେ ମହଜୁଦ ଥିବା ଅକ୍ସଜେନର ପରିମାଣ, ପ୍ରତିଦିନର ଆବଶ୍ୟକତା, ଭବିଷ୍ୟତର ଆବଶ୍ୟକତା, ପ୍ରତିଦିନର ପ୍ରସ୍ତୁତିର ପରିମାଣ, ଟୀକା ଓ କରୋନା ଔଷଧର ପରିମାଣ ଏବଂ ବର୍ତ୍ତମାନ ଓ ଭବିଷ୍ୟତର ଆବଶ୍ୟକତା ସମ୍ବନ୍ଧରେ ପ୍ରତିଦିନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତଥ୍ୟ ପ୍ରଦାନ କରନ୍ତୁ ବୋଲି ଇଣ୍ଡିଆନ୍ ସିଟିଜେନ୍‌ସ୍ ପାର୍ଟି ପକ୍ଷରୁ ସଭାପତି ତଥା ଓଡ଼ିଶା ହାଇକୋର୍ଟର ଆଡ଼ଭୋକଟ ରମେଶ ଚନ୍ଦ୍ର ରାଉତ ଦାବି କରିଛନ୍ତି। ମହାମାରୀ କରୋନାର ଦ୍ୱିତୀୟ ଲହରରେ ସଂକ୍ରମିତ ଓ ମୃତକଙ୍କ ସଂଖ୍ୟା ଭୟଙ୍କର ଭାବେ ବୃଦ୍ଧି ପାଉଛି। ଲୋକମାନେ ନିଜର ଜୀବନ ଜୀବିକା ହରାଇ ଏକପ୍ରକାର ଭୟର ବାତାବରଣ ଦେଇ ଗତି କରୁଛନ୍ତି। ଅକ୍ସିଜେନର ଅଭାବ ହେତୁ ମୃତ୍ୟୁ ସଂଖ୍ୟା ଦ୍ରୁତଗତିରେ ବୃଦ୍ଧି ପାଉଛି। ତେଣୁ ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ଅକ୍ସିଜେନ ମହଜୁଦ ପରିମାଣ ଉପରେ ମୁଖ୍ୟମନ୍ତ୍ରୀ ନିଜର ସ୍ପଷ୍ଟି କରଣ ଦେବାକୁ ଶ୍ରୀ ରାଉତ ଦାବି କରିଛନ୍ତି।

# ୩ ଦିନରେ ଆଇସିୟୁରେ ବଢ଼ିଲେ ୩୩୬ ରୋଗୀ



ଭୁବନେଶ୍ୱର ,୨୫/୪ (ନି.ପ୍ର): ରାଜ୍ୟରେ ଧୀରେ ଧୀରେ ଆଇସିୟୁରେ କୋଭିଡ୍ ରୋଗୀଙ୍କ ସଂଖ୍ୟା ବଢୁଛି। ଗତ ୩ ଦିନରେ ରାଜ୍ୟରେ ୩୩୬ଜଣ ସଂକ୍ରମିତ ଆଇସିୟୁରେ ଭର୍ତ୍ତି ହୋଇଛନ୍ତି। ରାଜ୍ୟରେ ଚିକିତ୍ସାଧୀନ ଥିବା ୩୦ ପ୍ରତିଶତ ରୋଗୀ ଏବେ ଆଇସିୟୁରେ ଚିକିତ୍ସିତ ହେଉଛନ୍ତି। ଗତ ୨୦ତାରିଖରେ ରାଜ୍ୟରେ ୪୧୨ଜଣ ରୋଗୀ ଆଇସିୟୁରେ ଚିକିତ୍ସିତ ହେଉଥିଲେ। ମାତ୍ର ଗତକାଲି ସୁଦ୍ଧା ଏହି ସଂଖ୍ୟା ୭୪୮ରେ ପହଞ୍ଚି ଯାଇଛି। ଏଥିରେ ଘରୋଇ ହସ୍ପିଟାଲରେ ୬୦୮ଜଣ ଓ ସରକାରୀ ବ୍ୟବସ୍ଥାରେ ୧୪୦ଜଣ ରୋଗୀ ରହିଛନ୍ତି। କେବଳ ଘରୋଇ ହସ୍ପିଟାଲରେ ୧୦୩ ଓ ସରକାରୀରେ ୨୫ଜଣଙ୍କୁ ମିଶାଇ ସମୁଦାୟ ୧୨୮ଜଣ ଆଇସିୟୁ ଭେଣ୍ଟିଲେଟରରେ ଚିକିତ୍ସିତ ହେଉଛନ୍ତି।

ଝାରସୁଗୁଡ଼ାରେ ଭେଣ୍ଟିଲେଟରରେ ଆଉ ଜାଗା ନାହିଁ। ଗତକାଲି ସୁଦ୍ଧା ଝାରସୁଗୁଡ଼ାରେ ଥିବା ୧୭ଟି ଆଇସିୟୁ ଓ ଭେଣ୍ଟିଲେଟରରେ ୧୭ଜଣ ରୋଗୀ ଅଛନ୍ତି। ରାଜ୍ୟରେ ଉପଲବ୍ଧ ଥିବା ଆଇସିୟୁ ଭେଣ୍ଟିଲେଟର ମଧ୍ୟରୁ ୧୬ ପ୍ରତିଶତ ଭେଣ୍ଟିଲେଟରରେ ରୋଗୀ ରହିଥିବା ଜଣାପଡ଼ିଛି। କଟକସ୍ଥିତ ଅଶ୍ୱିନୀ ହସ୍ପିଟାଲରେ ୧୮ଟି ଭେଣ୍ଟିଲେଟରରୁ ୧୨ଜଣ ରୋଗୀ ରହିଛନ୍ତି। ପୁରୀର ଆଇଡିଏଚ୍‌ରେ ଥିବା ୧୧ଟି ଭେଣ୍ଟିଲେଟରରୁ ୬ଜଣ, କେନ୍ଦୁଝର ରାଙ୍କ କୋଭିଡ୍ ହସ୍ପିଟାଲରେ ୧୨ଭେଣ୍ଟିଲେଟରରୁ ୫ ଓ ଖୋର୍ଦ୍ଧାରେ ୩୫୦ ଭେଣ୍ଟିଲେଟର ମଧ୍ୟରୁ ୬୮ରେ ରୋଗୀ ରହିଛନ୍ତି। ରାଜ୍ୟରେ ୨୦ହଜାର ୩୪୭ କୋଭିଡ୍ କେୟାର ସେଣ୍ଟର ବା ସିସିସିରେ ଅକ୍ସିଜେନ୍ ବ୍ୟବସ୍ଥା ହୋଇଥିବା ବେଳେ ତହିଁରେ ୫୬୪ଜଣ ରୋଗୀ ଅଛନ୍ତି ଯାହାକି ସମୁଦାୟ ସିସିସିର ୩ ପ୍ରତିଶତ। ସେହିପରି ରାଜ୍ୟରେ ସରକାରୀ ଓ ଘରୋଇ ବ୍ୟବସ୍ଥାରେ ୮୭୮୨ ସାଧାରଣ ଶଯ୍ୟା ଥିବା ବେଳେ ଏଥିରେ ୨୧୪୦ ରୋଗୀ ରହିଛନ୍ତି। ସରକାରୀ ବ୍ୟବସ୍ଥାରେ ୪୦୫୪ ସାଧାରଣ ଶଯ୍ୟାରୁ ୧୩୮୧(୩୪%) ଓ ଘରୋଇ ବ୍ୟବସ୍ଥାରେ ୪୭୨୮ ସାଧାରଣ ଶଯ୍ୟାରେ ୭୫୯(୧୬%) ରୋଗୀ ଅଛନ୍ତି। ସମୁଦାୟ ଭାବେ ୨୪ ପ୍ରତିଶତ ରୋଗୀ ସାଧାରଣ ଶଯ୍ୟାରେ ରହି ଚିକିତ୍ସିତ ହେଉଛନ୍ତି। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଜଣେ ଅଧିକାରୀଙ୍କ କହିବା କଥା, ରାଜ୍ୟରେ ହସ୍ପିଟାଲରେ ଉପଲବ୍ଧ ହେଉଥିବା ଶଯ୍ୟାର ମାତ୍ର ୧୦ ପ୍ରତିଶତ ରୋଗୀ ସାଧାରଣ ଶଯ୍ୟା ଓ ଆଇସିୟୁରେ ଚିକିତ୍ସିତ ହେଉଛନ୍ତି।

# ମିଶନଶକ୍ତି ସହାୟତାରେ ରାଜ୍ୟର ୧୧୪ ପୌରାଂଚଳରେ ଜଳ ଅମଳ ପ୍ରକଳ୍ପ

## ୟୁଡବ୍ଲ୍ୟୁଇଆଇ ଯୋଜନାରେ କରିବାକୁ ସରକାରଙ୍କ ନିଷ୍ପତ୍ତି

ଭୁବନେଶ୍ୱର,୨୫/୪ (ନି.ପ୍ର): ସହରାଂଚଳ ମଜୁରୀ ନିଯୁକ୍ତି ପଦକ୍ଷେପ(ୟୁଡବ୍ଲ୍ୟୁଇଆଇ) ଅଧୀନରେ ଓଡିଶାର ସମସ୍ତ ୧୧୪ ପୌରାଂଚଳର ପ୍ରତ୍ୟେକ ୱାର୍ଡରେ ମିଶନ୍ ଶକ୍ତି ଗୋଷ୍ଠୀ ସହଯୋଗରେ ବର୍ଷାଜଳ ଅମଳ ପ୍ରକଳ୍ପ ନିର୍ମାଣ ପାଇଁ ରାଜ୍ୟ ସରକାର ନିଷ୍ପତି ଗ୍ରହଣ କରିଛନ୍ତି । ପୌରାଂଚଳରେ ଥିବା ପାର୍କ, ଖେଳପଡିଆ ଭଳି ଖୋଲାସ୍ଥାନଗୁଡିକୁ ତୁରନ୍ତ ଏଥିପାଇଁ ଚିହ୍ନଟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଜି.ମାଥିଭାଥନନଙ୍କ ନେତୃତ୍ୱରେ ଏକ ରାଜ୍ୟ ସ୍ତରୀୟ ଟାସ୍କ ଫୋର୍ସ ଏବଂ ପୌରସଂସ୍ଥାର କମିଶନର୍/କାର୍ଯ୍ୟନିବାହୀ ଅଧିକାରୀଙ୍କ ନେତୃତ୍ୱରେ ସିଟି ଲେଭଲ୍ କୋର ଗ୍ରୁପ୍ ଗଠନ କରାଯାଇଛି ଯାହାକି ଆସନ୍ତା ମୌସୁମୀ ଋତୁ ଆରମ୍ଭ ପୂର୍ବରୁ ୨ମାସ ମଧ୍ୟରେ ୫୦୦୦ ବର୍ଷା ଜଳ ଅମଳର ପ୍ରକଳ୍ପ ପ୍ରତିଷ୍ଠା କରିବରେ ସହାୟକ ହେବ। ଏପ୍ରିଲ ୨୩ ତାରିଖରେ ସମସ୍ତ ପୌରାଂଚଳ, ବିକାଶ ପ୍ରାଧିକରଣ ଏବଂ ଯୋଜନା ପ୍ରାଧିକରଣରୁ ଇଞ୍ଜିନିୟରମାନଙ୍କୁ ସ୍ୱଳ୍ପ ମୂଲ୍ୟରେ ବୈଷୟିକ ମଡେଲ ଉପରେ ତାଲିମ ଦେବା ପାଇଁ ବିଭାଗ ଦ୍ୱାରା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଗୃହ ଓ ନଗର ଉନ୍ନୟନ ବିଭାଗର ବିଭାଗର ବରିଷ୍ଠ ଅଧିକାରୀମାନେ ଧାର୍ଯ୍ୟ ସମୟସୀମା ମଧ୍ୟରେ ଲକ୍ଷ୍ୟଗୁଡିକ କିପରି ହାସଲ କରାଯିବ ସେନେଇ ଆଲୋଚନା କରିଥିଲେ। ବିଏମସିର ସିଟି ଇଞ୍ଜିନିୟର ସମସ୍ତ ପୌର କାର୍ଯ୍ୟକର୍ତାଙ୍କୁ ଭୁବନେଶ୍ୱର ମହାନଗର ନିଗମରେ ସ୍ଥାପିତ ଆରଡବ୍ଲ୍ୟୁଏଚଏସର ମଡେଲ ଉପରେ ଏକ ବୈଷୟିକ ଉପସ୍ଥାପନା କରିଥିଲେ। ମିଶନ୍ ଶକ୍ତି ଗୋଷ୍ଠୀକୁ ତୁରନ୍ତ କାର୍ଯ୍ୟାଦେଶ ପ୍ରଦାନ ସହିତ ସେମାନେ ଯେଭଳି ଶୀଘ୍ର କାର୍ଯ୍ୟ ଆରମ୍ଭ କରିବେ ସେଥିପାଇଁ ସେମାନଙ୍କୁ ସଚେତନପାଇଁ କୁହାଯାଇଛି । ସମସ୍ତ ୟୁଡବ୍ଲ୍ୟୁଇଆଇ କାର୍ଯ୍ୟକଳାପ ଉପରେ ନଜର ରଖିବା ଏବଂ ସୁବିଧା କରିବା ପାଇଁ ବିଭାଗୀୟ ସ୍ତରରେ ଉତ୍ସର୍ଗୀକୃତ ପିଏମ୍‌ୟୁ ସ୍ଥାପନ କରାଯାଇଛି । ଏତଦ୍‌ବ୍ୟତୀତ, ୟୁଡବ୍ଲ୍ୟୁଇଆଇକୁ କାର୍ଯ୍ୟକାରୀ କରିବା ପାଇଁ ଆବଶ୍ୟକ ମାନବ ସମ୍ବଳ ମଧ୍ୟ ଯୋଗାଇ ଦିଆଯାଇଛି । ପ୍ରମୁଖ ସଚିବ ଶ୍ରୀ ମାଥିଭାଥାନନ୍ ନିର୍ଦ୍ଦେଶ ଦେଇଛନ୍ତି ଯେ ଟାର୍ଗେଟଗୁଡିକ ୱାର୍ଡ-ୱାରୀ ଏବଂ ଇଞ୍ଜିନିୟର-ୱାରୀ ହେବ ଏବଂ ସେମାନଙ୍କ କାର୍ଯ୍ୟଦକ୍ଷତା ରାଜ୍ୟ ସ୍ତରୀୟ ଟାସ୍କ ଫୋର୍ସ ଦ୍ୱାରା ନିୟମିତ ସମୀକ୍ଷା କରାଯିବ । ଅଂଶଗ୍ରହଣକାରୀମାନଙ୍କୁ ପ୍ରମୁଖ ଶାସନ ସଚିବ ଶ୍ରୀ ମାଥିଭଥାନନ ସମ୍ବୋଧିତ କରିବାବେଳେ କହିଥିଲେ ଯେ ଜଳ ପରିଚାଳନା ରେ ବିଭାଗ ସର୍ବାଧିକ ଗୁରୁତ୍ୱ ଦେଉଛି ଏବଂ ଏହା କରିବାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପଦ୍ଧତି ବିଭିନ୍ନ ଆରଡବ୍ଲ୍ୟୁଏଚ୍‌ଏସ୍ ଦ୍ୱାରା କାର୍ଯ୍ୟକାରୀ ହେବ। ଭୂତଳ ଜଳ ରିଚାର୍ଜ ସୁନିଶ୍ଚିତ କରିବା ବ୍ୟତୀତ ଏହା ଜଳପ୍ରବାହ ଜନିତ ବନ୍ୟାକୁ ହ୍ରାସ କରିବାରେ ସହାୟକ ହେବ । ଏହା ପୌରାଂଚଳରେ ହାଇଡ୍ରୋଲୋଜିକାଲ୍ ସନ୍ତୁଳନକୁ ସ୍ଥିର କରିବାରେ ସାହାଯ୍ୟ କରିବ ଏବଂ ଜଳବାୟୁ ସ୍ଥିରତାକୁ ସୁନିଶ୍ଚିତ କରିବ। ପ୍ରମୁଖ ସଚିବ କହିଛନ୍ତି ଯେ ସମସ୍ତ ସହରାଂଚଳରେ ଜଳ ସଂରକ୍ଷଣ ମଡେଲ ସ୍ଥାପନ କରିବା ପାଇଁ ଆରମ୍ଭ ହେବାକୁ ଥିବା ପଦକ୍ଷେପଗୁଡ଼ିକର ଏହା ହେଉଛି ପ୍ରଥମ । ପ୍ରକଳ୍ପଗୁଡିକ କାର୍ଯ୍ୟକାରୀ କରିବା ସମୟରେ ସ୍ୱଚ୍ଛତା ଏବଂ ବିଭନ୍ନ ଗୋଷ୍ଠିର ଅଂଶଗ୍ରହଣ ନିଶ୍ଚିତ କରିବାକୁ ସେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି । ବିଭିନ୍ନ ଅନୁଷ୍ଠାନ ପରିସର, ପାର୍କ, ଖେଳ ପଡିଆ, ଖୋଲା ସ୍ଥାନ ଏବଂ ଖାଲି ପଡିଥିବା ସ୍ଥାନଗୁଡିକରେ ସର୍ବନିମ୍ନ ୫୦୦୦ ଆରଡବ୍ଲ୍ୟୁଏଚଏସ ଲକ୍ଷ୍ୟ ହାସଲ କରିବାକୁ ସେ ଗୁରୁତ୍ୱାରୋପ କରିଛନ୍ତି । ଛୋଟ ସହରଗୁଡିକର ପ୍ରତ୍ୟେକ ୱାର୍ଡରେ ୫ ରୁ ୧୦ ଆରଡବ୍ଲ୍ୟୁଏଚଏସ ଏବଂ ମହାନଗରଗୁଡିକରେ ପ୍ରତ୍ୟେକ ୱାର୍ଡରେ ୨୦ ରୁ ୨୫ ଆରଡବ୍ଲ୍ୟୁଏଚଏସ ରହିବା ଉଚିତ। ଶ୍ରେଷ୍ଠ ପ୍ରଦର୍ଶନକାରୀ ପୌରସଂସ୍ଥା ଏବଂ ଇଞ୍ଜିନିୟରମାନଙ୍କୁ ମଧ୍ୟ ପୁରସ୍କୃତ କରାଯିବ ବୋଲି କୁହାଯାଇଥିଲା। ଉଲ୍ଲେଖନୀୟ ଯେ ୧୮ ଏପ୍ରିଲ ୨୦୨୦ ରେ ସହରାଂଚଳ ବେତନ ନିଯୁକ୍ତି ପଦକ୍ଷେପ(ୟୁଡବ୍ଲ୍ୟୁଇଆଇ) ଆରମ୍ଭ କରାଯାଇଥିଲା ବେଳେ ଏହା ସହରାଂଚଳର ଗରିବ, ପ୍ରବାସୀ ଯେଉଁମାନେ କି କୋଭିଡ ଦ୍ୱାରା ପ୍ରଭାବିତ ସେମାନଙ୍କ ଲାଗି ବେଶ ସହାୟକ ହୋଇପାରିଛି । ୟୁଡବ୍ଲ୍ୟୁଇଆଇ ରାଜ୍ୟର ସମସ୍ତ ୧୧୪ ସହରାଂଚଳରେ ସ୍ଥାନୀୟ ସଂସ୍ଥାଗୁଡ଼ିକରେ ଗରିବ ଓ ସମ୍ବେଦନଶୀଳ ଲୋକଙ୍କ ଆବଶ୍ୟକତା ଅନୁଯାୟୀ ସେମାନଙ୍କୁ ଜୀବିକା ସୁଯୋଗ ଯୋଗାଇ ଦେଉଛି। ଏହି ଯୋଜନା ସବୁ ସ୍ତରର ଲୋକଙ୍କ ପାଇଁ ଅତ୍ୟନ୍ତ ଅତୁଳନୀୟ । ସହରୀ ବିକାଶର ଅନେକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରର ସମ୍ମିଶ୍ରଣ ହାସଲ କରିବାକୁ ସହରାଂଚଳରେ ରହୁଥିବା ଗରିବ, ଅସୁରକ୍ଷିତ ତଥା ସମ୍ବେଦନଶୀଳ ବର୍ଗର ଲୋକଙ୍କ ପାଇଁ ନିରନ୍ତର ଜୀବିକା ନିର୍ବାହ, ପରିବେଶର ସୁରକ୍ଷା, ଜଳବାୟୁ ସହନଶୀଳ ପାଇଁ ଗୋଷ୍ଠିଗୁଡିକର ସ୍ଥାୟୀ ସମ୍ପତି ସୃଷ୍ଟି, ଗୋଷ୍ଠି ସହିତ ବିଶ୍ୱାସ-ଆଧାରିତ ସହଭାଗିତା ଗଠନ ହେବ ଯାହାଦ୍ୱାରା ଶାସନର ଚତୁର୍ଥ ପର୍ଯ୍ୟାୟକୁ ମଜବୁତ ଏବଂ ଗୋଷ୍ଠି କେନ୍ଦ୍ରିକ ତଥା ଗୋଷ୍ଠିର ନେତୃତ୍ୱ ବିକାଶ ହାସଲ କରିବ।

# ବାଲିଆପାଳ ବ୍ଲକରେ ମଧ୍ୟାହ୍ନ ଭୋଜନ ଯୋଜନା ବାଟବଣା

## ମିଳୁଛି ବସ୍ତା ପ୍ରତି ୨ ରୁ ୩ କିଲୋଗ୍ରାମ ଚାଉଳ କମ, ଚାଉଳ ବାଣ୍ଟି ଶିକ୍ଷକମାନେ ସହୁଛନ୍ତି କ୍ଷତି

ବାଲିଆପାଳ,୨୫/୦୪ (ନି.ପ୍ର): ବାଲିଆପାଳ ବ୍ଲକରେ ମଧ୍ୟାହ୍ନ ଭୋଜନ ଯୋଜନା ବାଟବଣା ହୋଇଛି । ସ୍କୁଲ ଗୁଡିକୁ ଯୋଗାଇ ଦିଆଯାଉଥିବା ଚାଉଳ ପ୍ରତି ବସ୍ତାରେ ୨/୩ କିଲୋଗ୍ରାମ କମ ରହୁଥିବା ଅଭିଯୋଗ ହେଉଛି । ବ୍ଲକର ଶିକ୍ଷା ବିଭାଗ ସୂତ୍ରରୁ ଜଣାଯାଇଛି ଯେ ଏହି ବ୍ଲକର ୧୧୭ଟି ପ୍ରାଥମିକ ବିଦ୍ୟାଳୟ, ୬୨ଟି ନୋଡାଲ ୩୬ଟି ୟୁଜି.ଏମ.ଇ, ୧୭ ଟି ହାଇସ୍କୁଲ, ୨୩ଟି ବ୍ଲକ ଗ୍ରାଣ୍ଟ, ୧୫ଟି ଏଡେଡ ସ୍କୁଲ, ଗୋଟିଏ ଆଶ୍ରମ ସ୍କୁଲ ଏବଂ ୨ଟି ସଂସ୍କୃତ ବିଦ୍ୟାଳୟ କୁ ମିଶାଇ ୨୭୩ଟି ବିଦ୍ୟାଳୟକୁ ମଧ୍ୟାହ୍ନ ଭୋଜନ ଯୋଜନାରେ ସାମିଲ କରାଯାଇଛି । ପ୍ରତିଦିନ ୨୭ ହଜାରରୁ ଊର୍ଦ୍ଧ୍ୱ ପିଲାଙ୍କ ପାଇଁ ମାସକୁ ପାଖା ପାଖି ପ୍ରାୟ ୮୦୦ କ୍ୟୁଣ୍ଟାଲ ଚାଉଳ ଆସୁଛି । ଟେଣ୍ଡର ଠିକା ନେଇଥିବା ପରିବହନ ଏଜେଣ୍ଟ ପ୍ରତି ତିନି ମାସରେ ସ୍କୁଲ ମାନଙ୍କୁ ଏହି ଚାଉଳ ଯୋଗାଉଛି । କରୋନା ଯୋଗୁଁ ସ୍କୁଲ ବନ୍ଦ ରହୁଥିବାରୁ ଖଅଦ୍ୟ ରନ୍ଧା ନଯାଇ ପ୍ରତ୍ୟେକ ପିଲାକୁ ମୁଣ୍ଡ ପିଛା ହିସାବ କରି ଚାଉଳ ଦିଆଯାଉଛି । ଚଳିତ ବର୍ଷ ଜାନୁଆରୀ, ଫେବୃଆରୀ, ମାର୍ଚ୍ଚ ମାସ ପାଇଁ ମଧ୍ୟାହ୍ନ ଭୋଜନ ଯୋଜନାରେ ୨୩୯୮ କ୍ୟୁଣ୍ଟାଲ ଚାଉଳ ଆସିଛି । ପୂର୍ବରୁ ଚାଉଳ ବଣ୍ଟନ ଦାୟିତ୍ୱ ସ୍ଥାନୀୟ ଅଂଚଳର କଣ୍ଟ୍ରୋଲ ଡିଲର ମାନଙ୍କୁ ଦିଆଯାଇଥିଲା । କିନ୍ତୁ ଚଳିତ ଥର ଶିକ୍ଷକ ମାନଙ୍କୁ ଏହି ଚାଉଳ ବଣ୍ଟନ ଦାୟିତ୍ୱ ଦିଆଯାଇଛି । ଯୋଗାଣକାରୀ ସଂସ୍ଥା ଦେଉଥିବା ଚାଉଳ ବସ୍ତାରେ ୨ ରୁ ୩ କିଲୋଗ୍ରାମ ଚାଉଳ କମ ରହୁଥିବା ବହୁ ଶିକ୍ଷକ ଅଭିଯୋଗ କରିଛନ୍ତି । ଉକ୍ତ ସଂସ୍ଥାକୁ ଓଜନ କରି ଚାଉଳ ଦେବା ପାଇଁ ନିର୍ଦ୍ଦେଶ ଥିଲେ ମଧ୍ୟ ଓଜନ କଣ୍ଟା ନାହିଁ କହି ସେ ଓଜନକୁ ଏଡାଇ ଯାଉଛି । ଅନ୍ୟ ପକ୍ଷରେ ସ୍କୁଲ ମାନଙ୍କରେ ମଧ୍ୟ ଓଜନ କରିବାର ସେଭଳି ସୁବିଧା ନଥିବାରୁ ଶିକ୍ଷକ ମାନେ ଚାଉଳ ବସ୍ତା ଓଜନ କରି ପାରୁନାହାନ୍ତି । ଏବେ ପ୍ରଥମରୁ ପଂଚମ ଶ୍ରେଣୀ ପିଲାଙ୍କ ଅଭିଭାବକ ମାନଙ୍କୁ ମୁଣ୍ଡ ପିଛା ୭ କିଲୋଗ୍ରାମ ଏବଂ ଷଷ୍ଠ ରୁ ଅଷ୍ଟମ ଶ୍ରେଣୀ ପିଲାଙ୍କ ଅଭିଭାବକ ମାନଙ୍କୁ ମୁଣ୍ଡ ପିଛା ୧୦ କିଲୋ ୫୦୦ ଗ୍ରାମ ଲେଖାଁଏ ଚାଉଳ ଦେବା ପାଇଁ ନିର୍ଦ୍ଦେଶ ରହିଛି । ସ୍କୁଲରେ ଓଜନ କଂଟା ନଥିବାରୁ ଶିକ୍ଷକ ମାନେ ଧାରରେ ଓଜନ କଂଟା ଆଣି ଚାଉଳ ବାଣ୍ଟିବାରେ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି । ପୁଣି ପ୍ରତି ବସ୍ତାରେ ୨ ରୁ ୩ କିଲୋଗ୍ରାମ ଚାଉଳ କମ ରହୁଥିବାରୁ ହାତରୁ ଚାଉଳ କିଣି ମଧ୍ୟ ଦେବାକୁ ପଡୁଛି । ଏକ ହିସାବ ଅନୁସାରେ ଯୋଗାଣକାରୀ ସଂସ୍ଥା ପ୍ରତି ବସ୍ତାରେ ୨ କିଲୋଗ୍ରାମ ଲେଖାଁଏ ଚାଉଳ କମ ଦେଲେ ପ୍ରତି ତନି ମାସରେ ହାରା ହାରି ୨ ଲକ୍ଷ ଟଙ୍କା ସିଧା ସଳଖ ମୁନାଫା କମଉଛି । ଅନ୍ୟପକ୍ଷରେ ଚାଉଳ ବସ୍ତା ଓଜନ କରି ଦେଉନଥିବାରୁ ଶିକ୍ଷକ ମାନେ କ୍ଷତି ସହୁଛନ୍ତି । ଜଣେ ଶିକ୍ଷକଙ୍କ କହିବା ଅନୁସାରେ ଚଳିତ ଥର ତାଙ୍କ ସ୍କୁଲକୁ ୨୫ କ୍ୟୁଣ୍ଟାଲ ଚାଉଳ ମିଳିଛି । ଓଜନ କରିବାରୁ ୧ କ୍ୟୁଣ୍ଟାଲ ୨୦ କିଲୋଗ୍ରାମ ଚାଉଳ କମ ହେଲା । ପ୍ରତ୍ୟେକ ଅଭିଭାବକଙ୍କୁ ଓଜନ କରି ନିର୍ଦ୍ଦିଷ୍ଟ ପରିମାଣ ଚାଉଳ ଦିଆଯାଉଥିବାରୁ ସେ ଓଜନରେ କମ ଥିବା ଏହି ଚାଉଳ କିଣି ଭରଣା କରିଥିବା କହିଛନ୍ତି । ଦାୟିତ୍ୱରେ ଥିବା ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ଦୁଃଖୀଶ୍ୟାମ ଦାସଙ୍କୁ ଏ ବିଷୟରେ ପଚାରିବାରୁ ଚାଉଳ ଓଜନ କରି ସ୍କୁଲ ମାନଙ୍କୁ ଦେବା ପାଇଁ ଯୋଗାଣକାରୀ ସଂସ୍ଥାକୁ ନିର୍ଦ୍ଦେଶ ରହିଛି । ଶିକ୍ଷକ ମାନେ ଏହି ସଂସ୍ଥା ଓଜନ କରି ଦେଉନଥିବାର ଅଭିଯୋଗ ତାଙ୍କ ଦୃଷ୍ଟିକୁ ଆଣିଲେ ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି ।

### ହିଞ୍ଜିଳିକାଟୁ ପୌରାଚଂଳର ଦୁଇ ସାହିକୁ ମିନି କଂଟେନମେଂଟ ଜୋନ୍ ଘୋଷଣା

ଗଞ୍ଜାମ,୨୫/୦୪ (ନି.ପ୍ର): ଗଞ୍ଜାମ ଜିଲ୍ଲା ହିଞ୍ଜିଳିକାଟୁ ପୌରାଚଂଳ ଗୋପବନ୍ଧୁ ମାର୍ଗ (କେଉଟ ସାହି, ଥାନା ତୋଟା ସାହି) ରୁ ୧୫ରୁ ଉର୍ଦ୍ଧ୍ୱ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ଫଳରେ ସଂକ୍ରମଣକୁ ରୋକିବା ପାଇଁ ପ୍ରଶାସନ ପକ୍ଷରୁ ସମ୍ପୃକ୍ତ ଅଂଚଳକୁ ମିନି କଂଟେନମେଂଟ ଜୋନ୍ ଘୋଷଣା କରାଯାଇଛି । ତେବେ ନିଷିଦ୍ଧାଚଂଳରେ କେବଳ ଔଷଧ ଦୋକାନ ହିଁ ଖୋଲା ରହିବ ବୋଲି ସୂଚନା ମିଳିଛି । ଉଭୟ ସାହିର ପ୍ରବେଶ ପଥରେ ବ୍ୟାରିକେଡ କରାଯାଇଛି । କରୋନାର ଦ୍ୱିତୀୟ ଲହରରେ ବର୍ତମାନ ସୁଦ୍ଧା ହିଞ୍ଜିଳି ପୌରାଚଂଳ ଓ ବ୍ଲକ୍ ଅଂଚଳରୁ ୫୦ ରୁ ଅଧିକ କରୋନା ପଜିଟିଭ୍ ଚିହ୍ନଟ ହୋଇ ସାରିଲେଣି ।

### ଶିଳ୍ପୀ ଅଜୟ ଘୋଷଙ୍କ ଚକ୍‌ଖଡିରେ ଦୀନକୃଷ୍ଣଙ୍କୁ ଶ୍ରଦ୍ଧାଞ୍ଜଳି



ଜଳେଶ୍ୱର, ୨୫/୪ (ନିପ୍ର) : ରାଇବଣିଆ ଅଂଚଳର ବିଶିଷ୍ଟ ଶିଳ୍ପୀ ଅଜୟ ଘୋଷ ଭକ୍ତକବି ଦୀନକୃଷ୍ଣ ଦାସଙ୍କ ସାମ୍ବତ୍ସରିକ ଉତ୍ସବରେ ଯୋଗଦେଇ କବିଙ୍କ ପ୍ରତିମୂର୍ତ୍ତି ଏକ ଚକ୍‌ଖଡିରେ ତିଆରି କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ଶିଳ୍ପୀ ଅଜୟ ଘୋଷଙ୍କ ଏହି କଳାକୃତି କବିଙ୍କ ଜନ୍ମପୀଠରେ ପ୍ରଶଂସିତ ହୋଇଥିଲା ।

## ମୁଣ୍ଡଫଟା ଖରାରୁ ସପ୍ତାହାନ୍ତ ବନ୍ଦ ସଫଳ ପରିଲକ୍ଷିତ

### ରାସ୍ତାରେ ପୁଲିସ ନଥାଇ ବି ଲୋକେ ରହିଲେ ଘରେ



ବାଲେଶ୍ୱର,୨୫/୦୪ (ନି.ପ୍ର): କରୋନା ସଂକ୍ରମଣ ରୋକିବା ପାଇଁ ବାଲେଶ୍ୱରରେ ସପ୍ତାହାନ୍ତ ବନ୍ଦର ଦ୍ୱିତୀୟ ଦିନରେ ସଫଳତା ପରିଲକ୍ଷିତ ହୋଇଛି । ଜିଲାର ୪ ସହରାଞ୍ଚଳ ଓ ସହର ଉପକଣ୍ଠ ପଞ୍ଚାୟତରେ ଜାରି ହୋଇଥିବା ଏହି ବନ୍ଦକୁ ଲୋକ ଗୁରୁତ୍ୱର ସହ ପାଳନ କରିଛନ୍ତି ।ଏହି ସପ୍ତାହାନ୍ତ ବନ୍ଦରେ ସାଧାରଣ ଚଳ ପ୍ରଚଳ ନିଷିଦ୍ଧ କରାଯାଇଥିବା ବେଳେ ପ୍ରାଶାସନିକ ଅଧିକାରୀ, ଡାକ୍ତର ଓ ଡାକ୍ତରଖାନା କର୍ମଚାରୀ, ଡାକ୍ତରଖାନା ଯାଉଥିବା ଯାଉଥିବା ରୋଗୀ ଓ ତାଙ୍କ ପରିବାର, ବିଦ୍ୟୁତ, ପାନୀୟଜଳ ଯୋଗାଣ, ସଫେଇ କର୍ମଚାରୀ, ଔଷଧ ଦୋକାନ, ପେଟ୍ରୋଲ ପମ୍ପ, ଗଣମାଧ୍ୟମକୁ ଏହି କଟକଣାରୁ ବାଦ ଦିଆଯାଇଛି । ସପ୍ତାହାନ୍ତ ସଟଡାଉନର ପ୍ରଥମ ଦିବସ ଭଳି ବାଲେଶ୍ୱର ସହରର ସମ୍ପୂର୍ଣ୍ଣ ଜନଶୁନ୍ୟ ଭଳି ଲାଗୁଥିଲା । ଜରୁରୀକାଳୀନ ସେବା ପାଇଁ ଲୋକେ କାଁ ଭାଁ ରାସ୍ତାକୁ ବାହାରୁଥିବା ଦେଖିବାକୁ ମିଳିଛି । ତେବେ ଦ୍ୱିତୀୟ ଦିନରେ ମୁଣ୍ଡଫଟା ଖରା ସାଙ୍ଗକୁ ବାଲେଶ୍ୱରରେ ପାଖାପାଖି ୪୦ ଡିଗ୍ରୀ ଉତାପ ଯୋଗୁଁ ଲୋକେ ପୂର୍ବାହ୍ନରୁ ଲୋକେ ଘରୁ ବାହାରି ନଥିଲେ । ଏମିତିକି ସହର ରାସ୍ତାରେ ପୁଲିସ ନଥିଲେ ମଧ୍ୟ ଲୋକେ ବୁଲୁ ନଥିବା ପରିଲକ୍ଷିତ ହୋଇଛି । ଅନ୍ୟପକ୍ଷରେ କିଛି ଅମାନିଆ ବାଇକ ଧରି ଯା'ଆସ କରୁଥିବା ଦେଖିବାକୁ ମିଳିଛି । ସେମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ ବୁଦ୍ଧିଜୀବୀ ମହଲରୁ ଦାବି ହୋଇଛି । ମୋଟ ଉପରେ ବାଲେଶ୍ୱରେ ଦୁଇଦିନିଆ ସପ୍ତାହାନ୍ତ ବନ୍ଦ ସଫଳ ହୋଇଛି ।

## ୨୪ ଘଂଟାରେ ସୁସ୍ଥ ହେଲେ ୩୪୬୪ ଆକ୍ରାନ୍ତ

ଭୁବନେଶ୍ୱର,୨୫/୦୪ (ନି.ପ୍ର): ରାଜ୍ୟରେ ରବିବାର ଆଉ ୩୪୬୪ କରୋନା ସଂକ୍ରମିତ ସୁସ୍ଥ ହୋଇଛନ୍ତି । ନୂତନ ସୁସ୍ଥଙ୍କୁ ମିଶାଇ ରାଜ୍ୟରେ ମୋଟ ସୁସ୍ଥଙ୍କ ସଂଖ୍ୟା ୩୬୨୯୩୧କୁ ବୃଦ୍ଧି ପାଇଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଟୁଇଟ୍ କରି ଏହି ସୂଚନା ଦିଆଯାଇଛି । ରବିବାର ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୫୪୧ ଜଣ ସୁସ୍ଥ ହୋଇଛନ୍ତି । ସେହିପରି ସୁନ୍ଦରଗଡ଼ରୁ ୫୨୬, ନୂଆପଡ଼ାରୁ ୩୪୦, ଝାରସୁଗୁଡ଼ାରୁ ୨୩୮, କେନ୍ଦୁଝରରୁ ୧୯୯, ସମ୍ବଲପୁରରୁ ୧୫୩, କଟକରୁ ୧୫୨, ବରଗଡ଼ରୁ ୧୪୦, ପୁରୀରୁ ୧୨୮, ନବରଙ୍ଗପୁରରୁ ୯୭ ଓ ବଲାଙ୍ଗୀରରୁ ୮୭ ଜଣ କରୋନା ସଂକ୍ରମିତ ସୁସ୍ଥ ହୋଇଛନ୍ତି । ଏହା ବ୍ୟତୀତ ବାଲେଶ୍ୱରରୁ ୮୪ , ମୟୁରଭଂଜର ୬୯ , ରାୟଗଡାରୁ ୬୨, ଗଜପତି ରୁ ୫୯, ଗଂଜାମରୁ ୫୮, ଦେବଗଡ ଓ କଳାହାଣ୍ଡିରୁ ୫୪ ଲେଖାଏଁ , ଭଦ୍ରକରୁ ୫୩ , ଅନୁଗୁଳରୁ ୪୯, ଯାଜପୁରରୁ ୪୧, ନୟାଗଡରୁ ୩୩, ଜଗତସିଂହପୁରରୁ ୩୦ , କୋରାପୁଟ ଓ ସୋନପୁରରୁ ୨୪ ଲେଖାଏଁ , କେନ୍ଦ୍ରାପଡାରୁ ୨୨ , କନ୍ଧମାଳରୁ ୧୦ , ମାଲକାନଗିରିରୁ ୪ ଓ ଷ୍ଟେଟ୍ ପୁଲ ରୁ ୧୧୮ ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି ।

## ଆମକୋସିମକୋଙ୍କ ବଳିଦାନକୁ ସ୍ମରଣ କଲେ ଜୁଏଲ

ରାଉରକେଲା,୨୫/୦୪ (ନି.ପ୍ର): ପୂର୍ବତନ ସୁନ୍ଦରଗଡ଼ ଏମ୍‌ପି ତଥା ମନ୍ତ୍ରୀ ଜୁଏଲ ଓରାମ ଆମକୋସିମକୋ ବଳିଦାନକୁ ସ୍ମରଣ କରିଛନ୍ତି । ସେ ଟୁଇଟ୍ କରି କହିଛନ୍ତି ଯେ, ସୁନ୍ଦରଗଡ଼ ଜିଲ୍ଲାରେ ଥିବା ଆମକୋସିମକୋକୁ ଓଡ଼ିଶାର ଜାଲିଆନାୱାଲା ବାଗ କୁହାଯାଏ । ଇତିହାସରେ ଜାଲିଆନାୱାଲା ବାଗ ଠାରୁ ଏହାର ମହତ୍ୱ କୌଣସି ଗୁଣରେ କମ୍ ନୁହେଁ । ୨୫ ଏପ୍ରିଲ ୧୯୩୯ରେ ଏଠାରେ ୩୬ଟି ମୌଜାର ଆଦିବାସୀ ଲୋକ ବ୍ରିଟିଶ ସରକାର ବିରୋଧରେ ଆନ୍ଦୋଳନ ପାଇଁ ସଭା କରୁଥିବାବେଳେ ତାଙ୍କ ଉପରେ ଗୁଳିଚାଳନା କରାଯାଇଥିଲା । ସେ ଆହୁରି କହିଛନ୍ତି ଯେ ବ୍ରିଟିଶ ସୈନିକଙ୍କ ଗୁଳିରେ ୪୯ଜଣ ଆଦିବାସୀ ସହିଦ ହୋଇଥିଲେ । ଦେଶ ଜାତିର ହକ୍ ପାଇଁ ଲଢ଼ି ନିଜର ପ୍ରାଣ ବିସର୍ଜନ କରିଥିବା ଏହି ଅମ୍ଳାନ ସହିଦମାନେ ଆମ୍ଭମାନଙ୍କ ପାଇଁ ସର୍ବଦା ସ୍ମରଣୀୟ । ସେମାନଙ୍କ ପ୍ରତି ତାଙ୍କର ଗଭୀର ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଛନ୍ତି ।

### ମୁଖ୍ୟମନ୍ତ୍ରୀଙ୍କୁ ଯୋଜନା ବୋର୍ଡ଼ ଉପାଧ୍ୟକ୍ଷଙ୍କ କୃତଜ୍ଞତା

ଭୁବନେଶ୍ୱର,୨୫/୦୪ (ନି.ପ୍ର): ରାଜ୍ୟବାସୀଙ୍କୁ ମାଗଣା ଟିକା ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବଡ଼ ଘୋଷଣା କରିଥିବାରୁ ରାଜ୍ୟ ଯୋଜନା ବୋର୍ଡ଼ ଉପାଧ୍ୟକ୍ଷ ତଥା ବିଜେଡି ସାଧାରଣ ସମ୍ପାଦକ (ମୁଖ୍ୟାଳୟ) ସଞ୍ଜୟ କୁମାର ଦାସବର୍ମା ଧନ୍ୟବାଦ ଏବଂ କୃତଜ୍ଞତା ଜଣାଇଛନ୍ତି । କୋଭିଡ଼ର କଠିନ ସମୟରେ ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କ ପାଇଁ ଏଭଳି ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନେଇଥିବାରୁ ୨ କୋଟି ଜନସାଧାରଣ ଉପକୃତ ହେବେ । ମାଗଣା ଟିକା ପାଇଁ ନିଜସ୍ୱ ବଜେଟ୍‌ରୁ ରାଜ୍ୟ ସରକାର ୨ ହଜାର କୋଟି ଟଙ୍କା ଖର୍ଚ୍ଚ ବହନ କରିବେ । ଶ୍ରୀ ଦାସବର୍ମା କହିଛନ୍ତି, ବିଭିନ୍ନ ରାଜ୍ୟରେ ଅକ୍ସିଜେନ୍ ଅଭାବରୁ ବହୁ ରୋଗୀ ପ୍ରାଣ ହରାଉଥିବାବେଳେ ଓଡ଼ିଶା ସହାୟତାର ହାତ ବଢ଼ାଇଛି । ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ୬ଟି ରାଜ୍ୟକୁ ଓଡ଼ିଶା ଅମ୍ଳଜାନ ପଠାଇ ନୂଆ ଉଦାହରଣ ସୃଷ୍ଟି କରିଛି । ଓଡ଼ିଶାରେ କୋଭିଡ୍ ସ୍ଥିତି ଅନ୍ୟ ରାଜ୍ୟ ତୁଳନାରେ ଭଲ ଅଛି । ଓଡ଼ିଶାରେ ଅକ୍ସିଜେନ୍‌ର ମଧ ଅଭାବ ହୋଇନାହିଁ । ମୁଖ୍ୟମନ୍ତ୍ରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରାଜ୍ୟରେ କୋଭିଡ୍ ପରିଚାଳନା ଜାରି ରହିଛି । ଆଗକୁ ଏହି କଠିନ ସ୍ଥିତିର ମୁକାବିଲା କରିବା ପାଇଁ ମୁଖ୍ୟମନ୍ତ୍ରୀ ଗୋଷ୍ଠୀ ଓ ସମାଜର ପ୍ରତ୍ୟେକ ବର୍ଗଙ୍କର ସହଯୋଗ କାମନା କରିଛନ୍ତି ।

### ମୟୂରଭଞ୍ଜ ଜିଲ୍ଲାରୁ ନୂଆ ୧୫୮ କରୋନା ପଜିଟିଭ ଚିହ୍ନଟ

ବାରିପଦା,୨୫/୦୪ (ନି.ପ୍ର): ଓଡ଼ିଶାରୁ ଆଜି ଚିହ୍ନଟ ହୋଇଥିବା ୬,୧୧୬ କରୋନା ପଜିଟିଭ ମଧ୍ୟରେ ମୟୂରଭଞ୍ଜ ଜିଲ୍ଲାରୁ ୧୫୮ ଜଣ କରୋନା ଆକ୍ରାନ୍ତ ରହିଥିବା ସମୟରେ ଜିଲ୍ଲାରେ ସଂକ୍ରମିତମାନଙ୍କ ସଂଖ୍ୟା ବୃଦ୍ଧି ପାଇ ୧୫,୮୯୩ରେ ପହଁଚିଛି । ସେହିପରି ଏପ୍ରିଲ ୨୪ ପର୍ଯ୍ୟନ୍ତ ଜିଲ୍ଲାରୁ ୧୪,୮୨୬ ଜଣ ସୁସ୍ଥ ହୋଇ ଫେରିଥିବା ସମୟରେ ଆଜି ସୁଦ୍ଧା ୯୭୪ ଜଣ ସକ୍ରିୟ ଥାଇ ହୋମ ଆଇସୋଲେସନ, କୋଭିଡ୍ କେୟାର ସେଂଟର, କୋଭିଡ୍ ହସପିଟାଲ, ବାରିପଦା ପିଆରଏମ ମେଡ଼ିକାଲ ସ୍ଥିତ ସ୍ୱତନ୍ତ୍ର ୱାର୍ଡ୍ ଓ କଟକ-ଭୁବନେଶ୍ୱର ମେଡିକାଲରେ ଚିକିତ୍ସା ହେଉଛନ୍ତି । ଜିଲ୍ଲାରୁ ଚଳିତ ଏପ୍ରିଲ ମାସର ୨୫ ତାରିଖ ମଧ୍ୟରେ ୧,୪୬୮ ପଜିଟିଭ କେଶ ସମ୍ମୁଖକୁ ଆସିଥିବା ବେଳେ ଆଜି ପର୍ଯ୍ୟନ୍ତ ଜିଲ୍ଲାରୁ କୋଭିଡ୍-୧୯ ଭୂତାଣୁରେ ଆକ୍ରାନ୍ତ ଥାଇ ଚିକିତ୍ସାଧୀନ ଅବସ୍ଥାରେ ମୋଟ୍ ୯୩ ଜଣଙ୍କର ମୃତ୍ୟୁ ହୋଇଥିବାର ଜଣାପଡ଼ିଛି ।

# ବିବାହିତା ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

## ବାପଘର ଲୋକ ଆଣିଲେ ହତ୍ୟା ଅଭିଯୋଗ



ବାଲିଆପାଳ,୨୫/୦୪ (ନି.ପ୍ର): ବାଲିଆପାଳଥାନା ଅନ୍ତର୍ଗତ ମଧୁପୁରା ପଞ୍ଚାୟତ ଖାଳଡିହା ଗ୍ରାମରେ ଆଜି ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି । ଶାଶୁଘର ପରିବାର ପକ୍ଷରୁ ଏହାକୁ ଏକ ଆତମହତ୍ୟା ଘଟନା କୁହାଯାଉଥିବା ବେଳେ ପାରିପାର୍ଶ୍ୱିକସ୍ଥିତି ଦେଖି ବାପଘର ଲୋକ ଥାନରେ ହତ୍ୟା ଅଭିଯୋଗ କରିଛନ୍ତି ।ତେବେ ଥାନାଠାରୁ ମାତ୍ର ୩ କିମି ଦୂରରେ ଏହି ଘଟଣା ଘଟିଥିଲେ ମଧ୍ୟ ଅପରାହ୍ନ ପର୍ଯ୍ୟନ୍ତ ପୋଲିସ ଶବ ବ୍ୟବଚ୍ଛେଦ ନକରି ମୃତଦେହକୁ ପକାଇ ରଖିବା ଘଟଣାକୁ ନେଇ ପୋଲିସର ପାରିବା ପଣିଆ ଉପରେ ପ୍ରଶ୍ନ ଉଠାଇଛି । ମିଳିଥିବା ଅଭିଯୋଗ ମୁତାବକ ଡଗରା ଗ୍ରାମର ମନ୍ମଥ ଜେନାଙ୍କ ସାନଝିଅ ଅନୁସୟାଙ୍କ ସହିତ ଖାଳଡିହା ଗ୍ରାମର ପଞ୍ଚାନନ ବେହେରାଙ୍କ ପୁଅ ସରୋଜ ବେହେରାଙ୍କର ୨୦୧୪ ମସିହାରେ ବୈଧିକ ରିତିରେ ବିବାହ ହୋଇଥିଲା । ବିବାହ ସମୟରେ ବରପକ୍ଷ ଦାଭୀ ମୁତାବକ ନଗଦ ୫୦ ହଜାର ଟଙ୍କା ୩୦ ଗ୍ରାମ ଓଜନର ସୁନାଗହଣା ଏବଂ ସମସ୍ତ ଅନ୍ୟାନ୍ୟ ଆସବାପତ୍ର ଦିଆଯାଇଥିଲା । ବିବାହର କିଛି ଦିନ ପରେ ସ୍ୱାମୀ ସରୋଜ ଏକ କମ୍ପାନୀରେ କାର୍ଯ୍ୟକରିବା ପାଇଁ ହରିଆନା ଚାଲିଯାଇଥିଲେ ।ଗ୍ରାମରେ ପତ୍ନୀ ଅନୁସୟା ଦୁଇ ପିଲା ସହ ରହୁଥିଲେ । ସ୍ୱାମୀଙ୍କ ଅନୁପସ୍ଥିତିରେ ଶାଶୁ ପାର୍ବତୀ ବେହେରା ଏବଂ ଦିଅର ମନୋଜ ବେହେରା ବ୍ୟବସାୟ ପାଇଁ ବାପଘରୁ ଟଙ୍କା ଆଣିବାକୁ ଅନୁସୟାଙ୍କ ଉପରେ ଚାପ ପକାଉଥିଲେ ।ବାପଘରର ଅର୍ଥିକ ପରିସ୍ଥିତି ଖରାପଥିବାରୁ ଅନୁସୟା ଏଥିରେ ଅରାଜି ହେବାରୁ ତାଙ୍କ ଉପରେ ଶାରିରୀକ ଏବଂ ମାନସିକ ନିର୍ଯ୍ୟାତନା ଦେଉଥିଲେ ।ଗତକାଲି ରାତ୍ରିରେ ଅନୁସୟାଙ୍କ ସନ୍ଦେହ ଜନକ ଭାବରେ ମୃତ୍ୟୁ ହୋଇଥିଲା । ମୃତଦେହ ଫାଶିରେ ଝୁଲୁଥିବା ବେଳେ ଶବଟି ଆଣ୍ଠୁମାଡି ରହିଥିଲା । ତେଣୁ ଅନୁସୟାଙ୍କ ଭାଇ ସରୋଜ କୁମାର ଜେନା ତାଙ୍କ ଭଉଣୀଙ୍କୁ ହତ୍ୟା କରି ଟଙ୍ଗାଇଦିଆଯାଇଥିବା ଅଭିଯୋଗ କରିଛନ୍ତି । ଅନ୍ୟପକ୍ଷରେ ବ୍ୟବଚ୍ଛେଦପରେ ଶବ ହସ୍ତାନ୍ତକୁ ନେଇ ଡାକ୍ତରଖାନାରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା ବାପ ଘରର ଲୋକ ଶବ ନେବାକୁ ମ୍ନ ପୁଲିସ ସେମାନଙ୍କ ଉପରେ ଚାପ ପ୍ରୟୋଗ କରିଥିଲା । ଏହାକୁ ନେଇ ଯୁକ୍ତିତର୍କ ହେବାରୁ ପୁଲିସ ମାଡରେ ଅନୁସୂୟାଙ୍କ ମାମୁଁ ଏବଂ ସମ୍ପର୍କୀୟ ମାନେ ଆହତ ହୋଇଥିବା ଅଭିଯୋଗ କରିଛନ୍ତି । ଆହାତ ଅନୁସୟାଙ୍କ ମାମୁଁ ଏବଂ ତାଙ୍କ ପୁଅକୁ ପୋଲିସ ଥାନାକୁ ଧରିନେଇ ଅଟକରଖିରଥିବା ଜଣାଯାଇଛି । ସେହିପରି ଅଭିଯୁକ୍ତ ଦିଅର ଅନୁଜକୁ ମଧ୍ୟ ଥାନାରେ ଅଟକ ରଖିବା ସହ ଶବ କୁ ଶାଶୁ ଘର ଖାଳଡିହା ଗ୍ରାମକୁ ପଠାଇଥିବା ଜଣାଯାଇଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ଚିନ୍ତା ବଢ଼ାଉଛି ପଶ୍ଚିମବଙ୍ଗ....

ପରିବାର ଭିତରେ ଜଣେ ସଂକ୍ରମିତ ହେଲେ, ସମ୍ପୂର୍ଣ୍ଣ ପରିବାର ସଂକ୍ରମିତ ହେଉଛନ୍ତି । ପଡୋଶୀ ପଶ୍ଚିମବଙ୍ଗରେ ସ୍ଥିତି ବିଗୁଡିଥିବା ବେଳେ ସତର୍କ ହୋଇଯାଇଛି ଓଡ଼ିଶା । ପ୍ରତିଦିନ ଓଡ଼ିଶାକୁ ପଶ୍ଚିମବଙ୍ଗରୁ ଲୋକେ ଯିବା ଆସିବା କରିଥାନ୍ତି । ତେଣୁ ସୀମା ସିଲ କରିବା ସହ ଯାଂଚକୁ ମଧ କଡାକଡ଼ି କରାଯାଉଛି । ଓଡ଼ିଶା ଭିତରକୁ ଆସୁଥିବା ଲୋକଙ୍କ ପାଇଁ ସଙ୍ଗରୋଧ ବାଧ୍ୟତାମୂଳକ କରାଯାଇଛି । ଡିଜିପି ଅଭୟ, ବାଲେଶ୍ୱର ଓ ଭଦ୍ରକ ଯାଇ ପରିସ୍ଥିତିର ସମୀକ୍ଷା କରିଛନ୍ତି । ଭଦ୍ରକ, ବାଲେଶ୍ୱର ଓ ମୟୂରଭଂଜ ଜିଲ୍ଲା ଉପରେ ସ୍ୱତନ୍ତ୍ର ନଜର ରଖାଯାଇଛି । ଡବଲ୍ ମ୍ୟୁଟାଂଟ ଭୂତାଣୁ, ସମସ୍ତଙ୍କ ନିଦ ହଜାଇ ଦେଇଥିବା ବେଳେ ପଶ୍ଚିମବଙ୍ଗର ଟ୍ରିପିଲ ମ୍ୟୁଟାଂଟ ଏବେ ନୂଆ ଆତଙ୍କ ସୃଷ୍ଟି କରିଛି ।

### ଗୋଟିଏ ଦିନରେ ୬୧୧୬ କରୋନା....

ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୧୫୧ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୧୦୨ ଜଣ, ବରଗଡ଼ରୁ ୨୬୨ ଜଣ, ଭଦ୍ରକରୁ ୮୭ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ୧୮୯ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ ୩୨, କଟକରୁ ୩୪୩ ଜଣ, ଦେବଗଡ ଜିଲ୍ଲାରୁ ୩୯ ଜଣ, ଢେଙ୍କାନାଳ ଜିଲ୍ଲାରୁ ୦୮ ଜଣ, ଗଜପତି ଜିଲ୍ଲାରୁ ୭୮, ଗଞ୍ଜାମରୁ ୧୩୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୭୩ ଜଣ, ଯାଜପୁରରୁ ୩୨୪ ଜଣ, ଝାରସୁଗୁଡ଼ାରୁ ୨୫୪ ଜଣ, କଳାହାଣ୍ଡିରୁ ୩୨୧ ଜଣ, କନ୍ଧମାଳ ଜିଲ୍ଲାରୁ ୩୬ ଜଣ. କେନ୍ଦ୍ରାପଡ଼ାରୁ ୪୬ ଜଣ, କେନ୍ଦୁଝରରୁ ୧୧୮ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୮୭୫ ଜଣ, କୋରାପୁଟରୁ ୭୧ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୨୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜରୁ ୧୫୮ ଜଣ, ନବରଙ୍ଗପୁରରୁ ୩୧୮ ଜଣ, ନୟାଗଡ଼ରୁ ୯୯ ଜଣ, ନୂଆପଡ଼ାରୁ ୪୩୦ ଜଣ, ପୁରୀରୁ ୧୮୦ ଜଣ, ରାୟଗଡ଼ାରୁ ୧୦୪ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସମ୍ବଲପୁରରୁ ୨୮୦ ଜଣ, ସୋନପୁରରୁ ୦୮ ଜଣ, ସୁନ୍ଦରଗଡ଼ରୁ ୭୮୫ ଜଣ ଓ ଷ୍ଟେଟ୍ ପୁଲରୁ ୧୭୯ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

### ୧୮ରୁ ୪୪ ବର୍ଷର ସମସ୍ତଙ୍କୁ ....

କର୍ଣ୍ଣାଟକ, ଗୁଜୁରାଟ, ମହାରାଷ୍ଟ୍ର , ଛତିଶଗଡ ଆଦି ରାଜ୍ୟମାନଙ୍କରେ ଭୟଙ୍କର ସ୍ଥିତି ରହିଛି । ସେଠାରେମେଡିସିନ୍, ଅମ୍ଳଜାନ ଓ ହସ୍ପିଟାଲରେ ବେଡ୍ ର ଅଭାବ ରହିଥିବା ବେଳେ ଶବ ଦାହ ପାଇଁ ଶ୍ମଶାନରେ ମଧ୍ୟ ଜାଗାର ଅଭାବ ରହିଛି । ଏଭଳି କଠିନ ପରିସ୍ଥିତି ଭାରତ ଇତିହାସରେ କେବେ ଆସିନଥିଲା । ଏସମ୍ପର୍କରେ ସେ ପ୍ରଧାନମନ୍ତ୍ରୀ ଓ କେତେକ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହ କଥା ହୋଇ ସହଯୋଗର ହାତ ବଢାଇଛନ୍ତି । ସେ କହିଛନ୍ତି କେହି ଲକ୍ ଡାଉନ୍ , ସଟ୍ ଡାଉନ୍ ଚାହିଁବେ ନାହିଁ । ଏହା ଦ୍ୱାରା ଆମ ଅର୍ଥନୀତି ଦୁର୍ବଳ ହେଉଛି । କିନ୍ତୁ ଅର୍ଥନୀତି ସହ ଜୀବନ ରକ୍ଷା ମଧ୍ୟ ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ । ଆମେ ଯଦି ନିୟମ ମାନିବା ଏବଂ ସାବଧାନ ରହିବା ତେବେ ବିନା ଲକ ଡାଉନ୍ ରେ ଏହି ଯୁଦ୍ଧ ଜିତି ପାରିବା । ତେଣୁ ସମସ୍ତେ ସତର୍କ ରୁହନ୍ତୁ, ମାସ୍କ ପିନ୍ଧନ୍ତୁ, ସାମାଜିକ ଦୂରତା ରକ୍ଷା କରନ୍ତୁ ଏବଂ କୋଭିଡ୍ ନିୟମ ମାନନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି ।

### ଦିଲ୍ଲୀରେ ବଢିଲା ଲକଡାଉନ୍....

ଅଭାବକୁ ନେଇ ସେ କହିଥିଲେ କି ଦିଲ୍ଲୀ ପାଇଁ କେନ୍ଦ୍ରସରକାର ଅକ୍ସିଜେନ କୋଟାକୁ ୪୮୦ ମେଟ୍ରିକ୍ ଟନରୁ ବୃଦ୍ଧି କରି ୪୯୦ ମେଟ୍ରିକ ଟନ କରିଛନ୍ତି । ହେଲେ ଦିଲ୍ଲୀ ପାଇଁ ଏବେ ଦୈନିକ ୭୦୦ ମେଟ୍ରିକ ଟନ୍ ଅକ୍ସିଜେନର ଆବଶ୍ୟକତା ପଡୁଛି । ଅନ୍ୟପଟେ କରୋନା ମୁକାବିଲାରେ ନିଜର ବିଫଳତାକୁ ସ୍ୱୀକାର କରିଛନ୍ତି ମୁଖ୍ୟମନ୍ତ୍ରୀ । ସେ କହିଛନ୍ତି କି କିଛି ସ୍ଥାନକୁ ଅକ୍ସିଜେନ ପହଂଚାଇବାରେ ବିଫଳ ହେଉଛୁ । ଅନ୍ୟପଟେ ଅକ୍ସିଜେନ ଓ କରୋନା ସଂପର୍କରେ ସୂଚନା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ୱେବ୍ ସାଇଟ ପ୍ରସ୍ତୁତ କରାଯାଇଛି । ଯେଉଁ ସାଇଟ୍ ରେ ଲୋକମାନେ କେଉଁଠି ବେଡ ଖାଲି ଅଛି, କେଉଁ ହସ୍ପିଟାଲରେ କେତେ ଅକ୍ସିଜେନ ମହଜୁତ ଅଛି ଏ ବାବଦରେ ଜାଣିପାରିବେ । ଏହାସହ ଏହି ପୋର୍ଟାଲ ମାଧ୍ୟମରେ ପ୍ରତି ହସ୍ପିଟାଲ ଓ ଅକ୍ସିଜେନ ପ୍ରସ୍ତୁତକାରୀ କମ୍ପାନୀଙ୍କ ତରଫରୁ ସୂଚନା ଦିଆଯିବ କି ପ୍ରତି ୨ ଘଂଟାରେ କେତେ ଅକ୍ସିଜେନ ବ୍ୟବହାର ହୋଇଛି ଓ କେଉଁ ହସ୍ପିଟାଲକୁ କେତେ ଯୋଗାଣ ହୋଇଛି । ଫଳରେ ରାଜ୍ୟ ସରକାର ସହଜରେ ଅକ୍ସିଜେନର ପରିଚାଳନା କରିପାରିବେ ।

# ଦ୍ୱିତୀୟ ଦିନରେ ଶ୍ରୀମନ୍ଦିରରେ ଶ୍ରଦ୍ଧାଳୁଙ୍କ ଦର୍ଶନ ବନ୍ଦ

## ପୁରୀ ସହରରେ ସପ୍ତାହନ୍ତ ସଟ୍ ଡାଉନ୍‌ର ପ୍ରଭାବ, ବଡ଼ଦାଣ୍ଡ ଜନଶୂନ୍ୟ

ପୁରୀ,୨୫/୦୪ (ନି.ପ୍ର): ଆଜି ଦ୍ୱିତୀୟ ଦିନରେ ଭକ୍ତ ମାନେ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିପାରିନାହାଁନ୍ତି । କରୋନା କଟକଣା ଯୋଗୁଁ ଶନିବାର ଓ ରବିବାର ଦୁଇ ଦିନ ପାଇଁ ଶ୍ରୀମନ୍ଦିରରେ ଶ୍ରଦ୍ଧାଳୁଙ୍କ ଦର୍ଶନ ବନ୍ଦ ରହିଛି । କେବଳ ପାଳିଆ ସେବାୟତ ମାନେ ମହାପ୍ରଭୁଙ୍କ ନୀତିକାନ୍ତି ସମାପନ କରୁଛନ୍ତି । ବରାଦି ଅବଢ଼ା ରନ୍ଧା ମଧ ବନ୍ଦ ରହିଛି । କେବଳ କୋଠ ଭୋଗ ମହାପ୍ରଭୁଙ୍କୁ ଲାଗି ହୋଇଛି । ମନ୍ଦିର ଚର୍ତୁପାର୍ଶ୍ୱ ଶୂନଶାନ୍ ରହିଥିବା ବେଳେ ନିସ୍ତବ୍ଧତାର ବାତାବରଣ ସୃଷ୍ଟି ହୋଇଛି । ଅଧରାତି ପର୍ଯ୍ୟନ୍ତ ଭକ୍ତଙ୍କ ଗହଳି ଚହଳି ହୋଇପଡୁଥିବା ଶ୍ରୀମନ୍ଦିର ଚର୍ତୁଦ୍ୱାର ଭକ୍ତ ଶୂନ୍ୟ ହୋଇପଡିଛି । ସେହିପରି ପୁରୀ ସହରରେ ସପ୍ତାହନ୍ତ ସଟ୍ ଡାଉନ୍ ର ଦ୍ୱିତୀୟ ଦିନରେ ଆଜି ବଡ଼ଦାଣ୍ଡ ସମ୍ପୂର୍ଣ୍ଣ ଜନଶୂନ୍ୟ ହୋଇପଡିଛି । ପୁରୀକୁ ୧୦ଟି ଜୋନ୍ ରେ ବିଭକ୍ତ କରି ପୋଲିସ ପଇଁତରା ମାରୁଛି । ଦୋକାନ ବଜାର ବନ୍ଦ ରହିଛି । ରେଳ ଷ୍ଟେସନ, ବସଷ୍ଟାଣ୍ଡ ଯାତ୍ରୀ ଶୂନ୍ୟ ହୋଇପଡିଛି । ସଟ୍ ଡାଉନ୍ ଯୋଗୁଁ ସମୁଦ୍ର କୂଳ ପର୍ଯ୍ୟଟକ ଶୂନ୍ୟ ହୋଇପଡିଛି । ସ୍ୱର୍ଗଦ୍ୱାରରେ କାଁ ଭାଁ ଶବ ସତ୍କାର ହେଉଛି । ମଙ୍ଗଳା ଘାଟ, ଅଠରନଳା, ହରେକୃଷ୍ଣପୁର, ନୂଆନଇ ନିକଟରେ ପୋଲିସର ନାକାବନ୍ଦୀ ଲାଗିଛି । ଆସନ୍ତା କାଲି ସୋମବାର ସକାଳ ୫ଟା ପରେ ଜନସାଧାରଣ ବଜାର, ହାଟରୁ ସେମାନଙ୍କ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ କିଣିପାରିବେ ବୋଲି ସୂଚନା ମିଳିଛି ।

# କୋଭିଡ-୧୯ ଟିକାକରଣରେ ଭାରତ ଏକ ମାଇଲଖୁଂଟ ହାସଲ କରିଛି

ନୂଆଦିଲ୍ଲୀ,୨୫/୦୪ (ନି.ପ୍ର): ବିଶ୍ୱର ବୃହତମ କୋଭିଡ-୧୯ ଟିକାକରଣ ଅଭିଯାନ କ୍ରମରେ ଭାରତ ୧୪ କୋଟି ଟିକା ଦେଇ ଏକ ମାଇଲଖୁଂଟ ହାସଲ କରିପାରିଛି । ଆଜି ସକାଳ ୭ଟା ସୁଦ୍ଧା ଦେଶରେ ୨୦,୧୯,୨୬୩ ସେସନରେ ୧୪,୦୯,୧୬,୪୧୭ ଡୋଜ୍ ଟିକା ଦିଆଯାଇପାରିଛି । ଏହା ମଧ୍ୟରେ, ୯୨,୯୦,୫୨୮ ଏଚସିଡବ୍ଲୁଙ୍କୁ ପ୍ରଥମ ଡୋଜ୍, ୫୯,୯୫,୬୩୪ ଏଚସିଡବ୍ଲୁଙ୍କୁ ଦ୍ୱିତୀୟ ଡୋଜ୍, ୧,୧୯,୫୦,୨୫୧ ଜଣ ଏଫଏଲଡବ୍ଲୁଙ୍କୁ ପ୍ରଥମ ଡୋଜ୍, ୬୨,୯୦,୪୯୧ ଜଣ ଏଫଏଲଡବ୍ଲୁଙ୍କୁ ଦ୍ୱିତୀୟ ଡୋଜ୍, ୬୦ ବର୍ଷରୁ ଅଧିକ ବର୍ଷର ୪,୯୬,୫୫,୭୫୩ ଜଣଙ୍କୁ ପ୍ରଥମ ଡୋଜ୍, ୭୭,୧୯,୭୩୦ ଜଣଙ୍କୁ ଦ୍ୱିତୀୟ ଡୋଜ୍, ୪୫ ବର୍ଷରୁ ୬୦ ବର୍ଷ ମଧ୍ୟରେ ୪,୭୬,୮୩,୭୯୨ ଜଣଙ୍କୁ ପ୍ରଥମ ଡୋଜ୍ ଏବଂ ୨୩,୩୦,୨୩୮ ଜଣଙ୍କୁ ଦ୍ୱିତୀୟ ଡୋଜ୍ ଦିଆଯାଇଛି । ଗତ ୨୪ ଘଂଟା ମଧ୍ୟରେ ଦେଶରେ ୨୫ ଲକ୍ଷରୁ ଅଧିକ ଟିକା ଦିଆଯାଇଛି । ଟିକାକରଣ ଅଭିଯଯାନର ୯୯ ତମ ଦିବସ (୨୪ ଏପ୍ରିଲ ୨୦୨୧)ରେ ୨୫,୩୬,୬୧୨ ଡୋଜ୍ ଟିକା ଦିଆଯାଇଛି । ୨୫,୭୩୨ ସେସନରେ ୧୬,୪୩,୮୬୪ ଜଣଙ୍କୁ ପ୍ରଥମ ଡୋଜ୍ ଏବଂ ୮,୯୨,୭୪୮ ଜଣଙ୍କୁ ଦ୍ୱିତୀୟ ଡୋଜ୍ ଦିଆଯାଇଛି । ଆଜି ଦେଶରେ ମୋଟ ସୁସ୍ଥଙ୍କ ସଂଖ୍ୟା ୧,୪୦,୮୫,୧୧୦ରେ ପହଞ୍ଚିଛି । ଜାତୀୟ ସୁସ୍ଥତା ହାର ରହିଛି ୮୩.୦୫% । ଗତ ୨୪ ଘଂଟା ମଧ୍ୟରେ ଦେଶରେ ୨,୧୭,୧୧୩ ଜଣ ସୁସ୍ଥ ହୋଇଛନ୍ତି । ନୂଆ ସୁସ୍ଥଙ୍କ ମଧ୍ୟରୁ ୮୧.୭୩% ସୁସ୍ଥ ୧୦ ରାଜ୍ୟରେ ହୋଇଛନ୍ତି । ଗତ ୨୪ ଘଂଟା ମଧ୍ୟରେ ଦେଶରେ ୩,୪୯,୬୯୧ ନୂଆ କରୋନା ମାମଲା ଚିହ୍ନଟ ହୋଇଛି । ମହାରାଷ୍ଟ୍ର, ଉତ୍ତର ପ୍ରଦେଶ, ଦିଲ୍ଲୀ, କର୍ଣ୍ଣାଟକ, କେରଳ, ଛତିଶଗଡ଼, ପଶ୍ଚିମବଙ୍ଗ, ତାମିଲନାଡୁ, ଗୁଜରାଟ ଏବଂ ରାଜସ୍ଥାନ ଆଦି ୧୦ଟି ଜିଲ୍ଲାରେ ଦେଶର ନୂଆ କରୋନା ମାମଲାର ୭୪.୫୩% ମାମଲା ଆସିଛି । ମହାରାଷ୍ଟ୍ରରେ ଗୋଟିଏ ଦିନରେ ସର୍ବାଧିକ ୬୭,୧୬୦ ମାମଲା ଆସିଛି । ଏହା ପଛକୁ ଉତର ପ୍ରଦେଶରେ ୩୭,୯୪୪ ଏବଂ କର୍ଣ୍ଣାଟକରେ ୨୯,୪୩୮ ମାମଲା ଆସିଛି ।

# ଚାକିରୀ ଦେବା ନାମରେ ଠକେଇ ଅଭିଯୋଗ : ଜଣେ ଗିରଫ

ଗଞ୍ଜାମ,୨୫/୦୪ (ନି.ପ୍ର): ଗଞ୍ଜାମ ଜିଲ୍ଲା ଗୋପାଳପୁର ଅଂଚଳରେ ଚାକିରୀ ଦେବା ନାମରେ ଜଣେ ଯୁବକ ୫୩ ହଜାର ଟଙ୍କା ହଡ଼ପ କରିଥିବା ନେଇ ଗୋପାଳପୁର ଥାନାରେ ଅଭିଯୋଗ ହୋଇଛି । ଅଭିଯୁକ୍ତ ଜଣକ ହେଲେ ଗୋପାଳପୁର ଅଂଚଳର ଜଗଦିଶ ବେହେରା । ଘଟଣାରେ ପୋଲିସ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଅଭିଯୋଗ ଅନୁଯାୟୀ, ପୋଲିସ କେସ୍ ନଂ ୭୪/୨୧ ରେ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟଚାଲାଣ କରିଥିବା ଥାନା ଅଧିକାରୀ ବିବେକାନନ୍ଦ ମହନ୍ତ ସୂଚନା ଦେଇଛନ୍ତି । ୨୦୧୯ ମସିହାରେ ଜଗଦିଶ ପୋଲସରା ଅଂଚଳର ସାଗର କୁମାର ଦାଶଙ୍କୁ ଶିକ୍ଷା ବିଭାଗରେ ଚାକିରୀ କରାଇଦେବାର ପ୍ରଲୋଭନ ଦେଖାଇ ୫୩ ହଜାର ଟଙ୍କା ନେଇଥିଲେ । କିନ୍ତୁ, ଚାକିରୀ ନହେବାରୁ ସାଗର ବାରମ୍ବାର ଟଙ୍କା ମାଗୁଥିଲେ । ଅଭିଯୁକ୍ତ ଜଗଦିଶ ଟଙ୍କା ଫେରସ୍ତ ନକରି ଭଣ୍ଡେଇ ଚାଲିଥିଲେ । ଗତ ଗୁରୁବାର ଦିନ ସାଗର ଅଭିଯୁକ୍ତର ଘରକୁ ଯାଇ ଟଙ୍କା ମାଗିବାରୁ ସେ ତାଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ ବୋଲି ସାଗର ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତି କରି ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତକୁ କୋର୍ଟଚାଲାଣ କରିଛି ।

# ହିମାଚଳ ସରକାର କରୋନା ପ୍ରଭାବିତ ୪ ଜିଲ୍ଲାରେ ଲଗାଇଲେ ରାତ୍ରି କର୍ଫ୍ୟୁ

ସିମଳା,୨୫/୦୪ (ନି.ପ୍ର): କରୋନା ମହାମାରୀ ମାମଲା ବଢ଼ିବା ଯୋଗୁଁ ରାଜ୍ୟ ସରକାର ହିମାଚଳ ପ୍ରଦେଶର ୪ ଜିଲ୍ଲା – କାଂଗଡ଼ା, ଉନା, ସୋଲନ ଏବଂ ସିରମୌର ରେ ୨୭ ଅପ୍ରେଲ ମଧ୍ୟରାତ୍ରିରୁ ୧୦ ମଇ ୨୦୨୧ ପର୍ଯ୍ୟନ୍ତ ରାତ୍ରି ୧୦ଟାରୁ ସକାଳ ୫ଟା ପର୍ଯ୍ୟନ୍ତ କର୍ଫ୍ୟୁ ଲଗାଇବା ପାଇଁ ନିର୍ଣ୍ଣୟ କରିଛନ୍ତି । ସିମଲାର ମୁଖ୍ୟମନ୍ତ୍ରୀ ଜୟରାମ ଠାକୁରଙ୍କ ଅଧ୍ୟକ୍ଷତାରେ ରବିବାରକୁ ହୋଇଥିବା ଉଚ୍ଚସ୍ତରୀୟ ବୈଠକରେ ସରକାରୀ ପ୍ରବକ୍ତା କହିଛନ୍ତି କି ରାଜ୍ୟକୁ ଆସୁଥିବା ସମସ୍ତ ଆଗନ୍ତୁକଙ୍କୁ ୭୨ ଘଂଟା ଭିତରେ ଆରଟିପିସିଆର ପରୀକ୍ଷା ଅନିବାର୍ଯ୍ୟ କରିବାକୁ ନିଷ୍ପତି ନିଆଯାଇଛି । ଏହା ମଧ୍ୟ ନିଷ୍ପତି କରାଯାଇଛି ଯେ, ରାଜ୍ୟକୁ ଆସୁଥିବା ଯଦି କେହି କୋଭିଡ଼ ଆରଟିପିସିଆର ପରୀକ୍ଷା କରାଇ ନାହାନ୍ତି ତେବେ ତାଙ୍କୁ ତାଙ୍କ ଘରେ ୧୪ ଦିନ ପର୍ଯ୍ୟନ୍ତ ଘରୋଇ ପୃଥକୀକରଣରେ ରହିବାକୁ ପଡ଼ିବ । ଘରକୁ ଆସିବାର ୭ ଦିନ ପରେ ନିଜେ ପରୀକ୍ଷା କରାଇ ପାରିବେ, ଯଦି ପରୀକ୍ଷାରେ ନେଗେଟିଭ ଆସେ ତେବେ ତାଙ୍କୁ ଘରୋଇ ପୃଥପକୀ କରଣରେ ରହିବାକୁ ପଡ଼ିବ ନାହିଁ । ମୁଖପାତ୍ରଙ୍କ କହିବା ଅନୁଯାୟୀ ସହରାଂଚଳ ତଥା ଗ୍ରାମାଂଚଳର ସ୍ଥାନୀୟ ସଂସ୍ଥାମାନେ ନିଜ ନିଜ ଅଂଚଳରେ ଷ୍ଟାଣ୍ଡାର୍ଡ଼ ଅପରେଟିଙ୍ଗ ପଦ୍ଧତି ଏବଂ ନିର୍ଦ୍ଦେଶାବଳୀକୁ କାର୍ଯ୍ୟକାରୀ କରିବାରେ ସମ୍ପୃକ୍ତ ରହିବେ ଏବଂ ଉଲ୍ଲଂଘନକାରୀଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବୈଠକରେ ନିଷ୍ପତି ନିଆଯାଇଛି ଯାହାକି କରୋନା ମହାମାରୀ ରୋକିବାରେ ସମ୍ଭବ ହେବ । ସମସ୍ତ ଧାର୍ମିକ, ସାମାଜିକ, ରାଜନୈତିକ ଏବଂ ସାଂସ୍କୃତିକ ସମାରୋହ ମାନଙ୍କରେ ଅପରେଟିଙ୍ଗ ପ୍ରଣାଳୀକୁ ସଫଳତାର ସହ କାର୍ଯ୍ୟକାରୀ କରିବା ପାଇଁ ସ୍ଥାନୀୟ ସ୍ତରରେ ଏକ ସ୍ୱତନ୍ତ୍ର ଟାସ୍କଫୋର୍ସ ଗଠନ କରିବା ପାଇଁ ନିଷ୍ପତି ନିଆଯାଇଛି । ଯେଉଁମାନେ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶାବଳୀ ଏବଂ ମାନକ ଅପରେଟିଙ୍ଗ ପଦ୍ଧତିକୁ ଉଲ୍ଲଂଘନ କରୁଛନ୍ତି ସେମାନଙ୍କ ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଅଧିକାର ରହିବ ।

# ଜଳେଶ୍ୱରରେ ସପ୍ତାହାନ୍ତ ସଟ୍‌ଡାଉନ୍



ଜଳେଶ୍ୱର, ୨୫/୪ (ନିପ୍ର) : ଜଳେଶ୍ୱର ମହାମାରୀ କରୋନର ୨ୟ ଲହର ତଥା ପଶ୍ଚିମବଂଗର ବିପଦ ସଂକୁଳ କରୋନା ସଂକ୍ରମଣ ରୋକିବାଲାଗି ରାଜ୍ୟ ସରକାର ସପ୍ତାହର ଦୁଇଦିନ ସଟ୍‌ଡାଉନ୍ ଲାଗୁ କରାଯାଇଛି । ଅତ୍ୟାବଶ୍ୟକୀୟ ସାମଗ୍ରୀ ଦୋକାନକୁ ବାଦ୍ ଦେଲେ ଜଳେଶ୍ୱର ସହରର ସମସ୍ତ ଦୋକାନ ବଜାର ବନ୍ଦ ରହିଛି । ପୌରପରିଷଦ ଅଧିକାରୀ ଓ ପୁଲିସ୍‌ସହରର ବିଭିନ୍ନ ସ୍ଥାନ ବୁଲି ଅମାନିଆଙ୍କ ଲାଗି ସ୍ଥିତି ଅନୁଧ୍ୟାନ କରିଛନ୍ତି । ଜଳେଶ୍ୱର ତହସିଲଦାର କ୍ଷୀରୋଦ କୁମାର ପଣ୍ଡା ସଦଳବଳେ ପେଟ୍ରୋଲିଂ କରି କେତେକ ଦୋକନରୁ ଜୋରିମାନା ଆଦାୟ କରିଛନ୍ତି । ଷ୍ଟେସନବଜାରସ୍ଥିତ ସୁଶାନ୍ତ ଚା ଦୋକାନ ଖାଲାଥିବା କାରଣରୁ ୫୦୦ ଟଙ୍କା ଜୋରିମାନା କରାଯାଇଥିବା ବେଳେ ଜଣେ ମାଛ ବ୍ୟବସାୟୀଙ୍କ ଠାରୁ ମଧ୍ୟ ୫୦୦ ଟଙ୍କା ଜୋରିମାନା ଆଦାୟ କରାଯାଇଛି ।

# ବାଲେଶ୍ୱରରେ ୧୦୨ ନୂଆ ସଂକ୍ରମିତ ଚିହ୍ନଟ

ବାଲେଶ୍ୱର,୨୫/୦୪ (ନି.ପ୍ର): ଦିନକୁ ଦିନ ରାଜ୍ୟରେ ବଢୁଥିବା କରୋନା ସଂକ୍ରମଣକୁ ନେଇ ସବୁ ମହଲରେ ଉଦବେଗ ପ୍ରକାଶ ପାଇଛି । ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ସର୍ବାଧିକ ୬,୧୧୬ଜଣ ନୂଆ ସଂକ୍ରମିତ ଚିହ୍ନଟ ହୋଇଥିବା ସୂଚନା ଓ ଲୋକସର୍ମ୍ପକ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଏହି ସଂକ୍ରମିତଙ୍କ ମଧ୍ୟରେ ବାଲେଶ୍ୱରର ୧୦୨ଜଣ ଅଛନ୍ତି । ଅଦ୍ୟାବଧି ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ୧୩ ହଜାର ୮୮୩ରେ ପହଞ୍ଚିଥିବା ବେଳେ ତନ୍ମଧ୍ୟରୁ ୧୨ହଜାର୯୯୨ ଜଣ ସୁସ୍ଥ ହୋଇଛନ୍ତି । ଅନ୍ୟପକ୍ଷରେ ଏବେ ୭୮୮ ଜଣ ଆକ୍ରାନ୍ତ କରୋନା ଚିକିତ୍ସିତ ଥିବା ସରକାରୀ ସୂତ୍ରରୁ ଜଣାପଡ଼ିଛି । ଅନ୍ୟପକ୍ଷରେ ଆଜି ସୁଦ୍ଧା ଜିଲାରେ କରୋନା ସଂକ୍ରମଣ ଜନିତ ମୃତ୍ୟୁ ସଂଖ୍ୟା ୧୦୩ରେ ସ୍ଥିର ରହିଛି । ତେବେ ଗତ ୨୪ ଘଣ୍ଟା ମଧରେ ବାଲେଶ୍ୱରରେ ଚିହ୍ନଟ ହୋଇଥିବା ମୋଟ ୧୦୨ ଜଣ ନୂଆ ଆକ୍ରାନ୍ତଙ୍କ ମଧରେ ବାଲେଶ୍ୱର ସହରର ଗୋପାଳଗାଁ ଅଂଚଳରୁ ୮ ଜଣଙ୍କ ସମେତ ଚିଡିଆପୋଲ, ଚୁନଭାଟି, ଦାମୋଦରପୁର, ହେମକାପଦା, ମାନସିଂବଜାର, ରାଣୀପାଟଣା, ସହଦେବଖୁଣ୍ଟା, ଏଡିଏମ ଛକ, ଆଜିମାବାଦ, ଭୋଇସାହି ପ୍ରଭୃତି ଅଞ୍ଚଳରୁ ଜଣେ ଲେଖାଁଏ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ସଦର ବ୍ଲକର ବିଭିନ୍ନ ଅଞ୍ଚଳରୁ ୧୨ ଜଣ ଓ ରେମୁଣା ବ୍ଲକର ଭୀମପୁରାରୁ ୪ ଜଣ, ରେମୁଣାରୁ ୨ ଜଣ, କୁରୁଡାରୁ ୨ ଜଣ ଓ ବାରିଙ୍ଗିଆ, ନାରହରିପୁର, ସମଲପୁର, ଶ୍ରୀଜଙ୍ଗ, ଇମାମୀ ପେପର ମିଲ୍‌ସ ପ୍ରଭୃତି ଅଞ୍ଚଳରୁ ଜଣେ ଲେଖାଁଏ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଅନୁରୂପ ଭାବେ ସୋର ବ୍ଲକରୁ ୩୫ ଜଣ, ବାହାନଗା ବ୍ଲକରୁ ୯ ଜଣ, ଖଇରା ବ୍ଲକରୁ ୫ ଜଣ, ବାଲିଆପାଳ ବ୍ଲକରୁ ୨ ଜଣ, ଜଳେଶ୍ୱର ବ୍ଲକରୁ ୨ ଜଣ, ନୀଳଗିରି ବ୍ଲକରୁ ୨ ଜଣ, ଔପଦା ଓ ବସ୍ତା ବ୍ଲକରୁ ୧ ଜଣ ଲେଖାଏଁ ବ୍ୟକ୍ତି ନୂଆ ସଂକ୍ରମିତ ଭାବେ ଚିହ୍ନଟ ହୋଇଛନ୍ତି । ତେବେ ସମସ୍ତ ସ୍ଥାନୀୟ ସଂକ୍ରମିତ ପୂର୍ବ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ଅନ୍ୟପକ୍ଷରେ ବାଲେଶ୍ୱର ଜିଲାରେ ଏହି ସଂକ୍ରମଣ ଆଗାମୀ ଦିନରେ ଆହୁରି ବଢିବାର ଆଶଙ୍କା ଥିବା ବିଶେଷଜ୍ଞ ମାନେ ମତ ଦେଇଛନ୍ତି । ଏଥିପାଇଁ ଜନସାଧାରଣ ଅଧିକରୁ ଅଧିକ ସତର୍କତା ଅବଲମ୍ବନ ସହ ସର୍ବଦା ତୁଣ୍ଡି ବ୍ୟବହାର ଓ ସମାଜିକ ଦୂରତା ରକ୍ଷା ପାଇଁ ସେମାନେ ପରାମର୍ଶ ଦେଇଛନ୍ତି ।

# ଜଳିଗଲା ୩ ବଖରା



ଖଇରା,୨୫/୦୪ (ନି.ପ୍ର): ଖଇରା ତହସିଲ ଗୋବିନ୍ଦ ପୁର ପଂଚାୟତ ଗଳଗାଁରେ ଅଗ୍ନିକାଣ୍ଡ ଘଟି ୩ ବଖରା ଭସ୍ମିଭୂତ ହୋଇଯାଇଛି । ଏହି ଗ୍ରାମର ସଜୟ ବେହେରା ୨ ବଖରା ଓ ମାନସି ବେହେରାଙ୍କର ୧ ବଖରା ପୋଡି ନଷ୍ଟ ହୋଇଯଇଛି । ବିଦ୍ୟୁତ ସର୍ଟ ସାର୍କିଟ ଯୋଗୁଁ ଅଗ୍ନି କାଣ୍ଡ ଘଟିଥିବାର ଜଣା ପଡିଛି । ଖବର ପାଇ ଖଇରା ଦମକଳ ବାହିନୀ ଘଟଣା ସ୍ଥଳରେ ପହଁଚି ନିଆଁକୁ ଆୟତ କରିଥିଲେ । ଅଗ୍ନି କାଣ୍ଡରେ ଲକ୍ଷାଧିକ ଟଙ୍କାର ଅସବାବ ପତ୍ର ନଷ୍ଟ ହୋଇଯାଇଛି । ବିପନ୍ନ ପରିବାରକୁ ସହାୟତା ପାଇଁ ସାଧାରଣରେ ଦାବି ହୋଇଛି ।

# ଗଣଶିକ୍ଷା ମନ୍ତ୍ରୀଙ୍କ ନାଁରେ ଫେକ୍ ଟୁଇଟର ଆକାଉଂଟ

ଭୁବନେଶ୍ୱର,୨୫/୦୪ (ନି.ପ୍ର): ମାଟ୍ରିକ ପରୀକ୍ଷା ଜୁନ ୧୪-୨୬ପର୍ଯ୍ୟନ୍ତ ହେବା ନେଇ ଭାଇରାଲ ହୋଇଥିବା ଟୁଇଟ୍ ଫେକ୍ ବୋଲି ସ୍ପଷ୍ଟ କରିଛନ୍ତି ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ । କେହି ଜଣେ ଦୁର୍ବୃତ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ନାଁରେ ନକଲି ଟୁଇଟର ଆକାଉଂଟ ଖୋଲି ଏଭଳି ଲେଖିଥିବା ଜଣାପଡ଼ିଛି । ଗଣଶିକ୍ଷା ମନ୍ତ୍ରୀ ଟୁଇଟ୍ କରି ଲେଖିଛନ୍ତି, କେହି ଜଣେ ବଦମାସ୍ ମୋ ନାମରେ ଫେକ୍ ଆକାଉଂଟ୍ ଖୋଲି ଏସବୁ ମିଥ୍ୟା ପୋଷ୍ଟ କରି ପ୍ରଚାର କରୁଥିବା ନଜରରେ ଆସିଛି । ସମସ୍ତଙ୍କୁ ଅନୁରୋଧ ଏସବୁଠୁ ଦୂରେଇ ରୁହନ୍ତୁ । ନକଲି ଟୁଇଟର ଆକାଉଂଟରୁ କରାଯାଇଥିବା ଟୁଇଟରେ ଲେଖାଯାଇଛି ଯେ, ପୂର୍ବ ନିଷ୍ପତି ଅନୁସାରେ,ଦଶମ ବୋର୍ଡ ପରୀକ୍ଷାକୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ବାତିଲ କରାଯାଇଥିଲା । କିନ୍ତୁ ସମସ୍ତ କଲେଜ ଛାତ୍ରଛାତ୍ରୀଙ୍କର ଧାରଣା ଯୋଗୁଁ ଆଜି ପୁନର୍ବାର ବୈଠକରେ ଆଲୋଚନା ହୋଇଛି ଯେ, ୧୦ମ ବୋର୍ଡ ପରୀକ୍ଷା ଆସନ୍ତା ଜୁନ ୧୪ତାରିଖରୁ ୨୬ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ।

## ଜଷ୍ଟିସ ଶାନ୍ତନାଗୌଦରଙ୍କ ମୃତ୍ୟୁରେ ପ୍ରଧାନ ବିଚାରପତି ଏନବୀ ରମନାଙ୍କ ଶୋକ ପ୍ରକାଶ

ନୂଆଦିଲ୍ଲୀ,୨୫/୦୪ (ନି.ପ୍ର): ନବ ନିଯୁକ୍ତ ପ୍ରଧାନ ବିଚାରପତି ଏନବୀ ରମନା ସୁପ୍ରିମକୋର୍ଟ ଜଷ୍ଟିସ ଶାନ୍ତନାଗୌଦରଙ୍କ ମୃତ୍ୟୁରେ ଶୋକ ପ୍ରକାଶ କରିଛନ୍ତି । ପ୍ରଧାନ ବିଚାରପତି କହିଛନ୍ତିକି ତାଙ୍କୁ ଠିକ୍ ହେବା ପାଇଁ ଆଶା କରିଥିଲି । ତାଙ୍କ ମୃତ୍ୟୁରେ ସେ ସ୍ତବ୍ଧ । ତାଙ୍କର ଗଭୀର ଆଇନଗତ ବୁଝାମଣା ମେତେ ବହୁତ ଲାଭ ଦେଇଛି । ମୁଁ ଜଣେ ଦକ୍ଷ ସାଥିଙ୍କୁ ହରାଇଲି ବୋଲି ସେ କହିଛନ୍ତି । ପ୍ରଧାନ ବିଚାରପତି ଶାନ୍ତନାଗୌଦରଙ୍କ ପୁଅଙ୍କ ସହ କଥା ହେବା ପରେ ସମସ୍ତ ବିଚାରପତିଙ୍କ ତରଫରୁ ତାଙ୍କୁ ସମବେଦନା ଜଣାଇଛନ୍ତି । ଜଷ୍ଟିସ ଶାନ୍ତନାଗୌଦର କ୍ୟାନସର ରୋଗରେ ପୀଡ଼ିତ ଥିଲେ । ସେ ୧୭ ଫେବୃଆରୀ ୨୦୧୭ରେ ସୁପ୍ରିମକୋର୍ଟର ବିଚାରପତି ଭାବରେ ନିଯୁକ୍ତ ହୋଇଥିଲେ ।

## ରାଜଧାନୀରେ ସକ୍ରିୟ ଆକ୍ରାନ୍ତଙ୍କ ସଂଖ୍ୟା ୫ ହଜାର ପାର୍ : ୨୪ ଘଂଟାରେ ଆଉ ୬୮୩ ପଜିଟିଭ୍

ଭୁବନେଶ୍ୱର,୨୫/୦୪ (ନି.ପ୍ର): ରାଜଧାନୀ ଭୁବନେଶ୍ୱରରେ ରବିବାର ଦିନ ଆଉ ୬୮୩ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଏଥିରେ ସଂଗରୋଧରୁ ୧୦୭ ଓ ସ୍ଥାନୀୟ ଅଚଂଳରୁ ୫୭୬ ସଂକ୍ରମିତ ଅଛନ୍ତି । ୨୪ ଘଂଟାରେ ୩୩୨ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ଅପରପକ୍ଷରେ ଭୁବନେଶ୍ୱରରେ ସକ୍ରିୟ ଆକ୍ରାନ୍ତଙ୍କ ସଂଖ୍ୟା ୫ ହଜାର ଟପିଛି ଏବଂ ଆଉ ଜଣେ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଏହି ସୂଚନା ଦିଆଯାଇଛି । ବିଏମସିର ସୂଚନା ଅନୁଯାୟୀ ଭୁବନେଶ୍ୱରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୩୯୯୨୦କୁ ବୃଦ୍ଧି ପାଇଛି । ସେହିପରି ସୁସ୍ଥଙ୍କ ସଂଖ୍ୟା ୩୪୫୩୪କୁ ବୃଦ୍ଧି ପାଇଛି । ଭୁବନେଶ୍ୱରରେ ଏବେ ୫୧୧୩ ଜଣ ସକ୍ରିୟ ଆକ୍ରାନ୍ତଙ୍କର ଚିକିତ୍ସା ଜାରି ଥିବା ବେଳେ ମୃତକଙ୍କ ସଂଖ୍ୟା ୨୫୨ ରହିଛି । ରବିବାର ଚିହ୍ନଟ ୫୭୬ ଲୋକାଲ କେସ୍ ମଧ୍ୟରୁ ଖଣ୍ଡଗିରିରୁ ସର୍ବାଧିକ ୩୮, ବରମୁଣ୍ଡାରୁ ୩୨, ନୟାପଲ୍ଲୀରୁ ୨୯, ପଟିଆରୁ ୨୮, ଓଲ୍ଡ ଟାଉନ୍ରୁ ୨୭ ଜଣ ଆକ୍ରାନ୍ତ ରହିଛନ୍ତି । ସେହିପରି ମଂଚେଶ୍ୱରରୁ ୧୯, ଲକ୍ଷ୍ମୀସାଗରରୁ ୧୬, ୟୁନିଟ୍ ୬ରୁ ୧୫, ପାତ୍ରପଡା ଓ ଡୁମଡୁମାରୁ ୧୩ ଲେଖାଏଁ, ରସୁଲଗଡ ଓ ଚନ୍ଦ୍ରଶେଖରପୁରରୁ ୧୨ ଜଣ ଲେଖାଏଁ, ୟୁନିଟ୍ ୮ ଓ ପୋଖରିପୁଟରୁ ୧୧ ଲେଖାଏଁ, ଜୟଦେବ ବିହାରରୁ ୧୦ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି କ୍ୱାରେଂଟାଇନ୍ ମାମଲା ମଧ୍ୟରୁ ଖଣ୍ଡଗିରିରୁ ୧୦, ଚନ୍ଦ୍ରଶେଖରପୁରରୁ ୯, ପୋଖରିପୁଟରୁ ୬ ଜଣ ରହିଛନ୍ତି ।

# କୋଭିଡ ପରିଚାଳନାରେ ପୁଲିସର କାର୍ଯ୍ୟକୁ ଡିଜିଙ୍କ ପ୍ରଶଂସା

## ବାଲେଶ୍ୱର-ମୟୂରଭଂଜ ଜିଲ୍ଲା କୋଭିଡ ସ୍ଥିତି ସମୀକ୍ଷା



ବାଲେଶ୍ୱର,୨୫/୦୪ (ନି.ପ୍ର): କୋଭିଡ ନିୟମକୁ କଡ଼ାକଡ଼ି ପାଳନ ସାଙ୍ଗକୁ ପଡ଼ୋଶୀ ପଶ୍ଚିମବଙ୍ଗ ରାଜ୍ୟରୁ ଦୁଇଗୁଣ କ୍ଷମତା ସମ୍ପନ୍ନ କରୋନା ଭୂତାଣୁ ଓଡ଼ିଶାକୁ ସଂକ୍ରମଣ ରୋକିବା ବ୍ୟବସ୍ଥା ପରିଚାଳନାରେ ବାଲେଶ୍ୱର ସମେତ ମୟୂରଭଂଜ ଜିଲା ପୁଲିସର କାର୍ଯ୍ୟଧାରାକୁ ଭୂୟସୀ ପ୍ରଶଂସା କରିଛନ୍ତି ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ଶ୍ରୀ ଅଭୟ । ଉତ୍ତର ଓଡ଼ିଶାର ବିଭିନ୍ନ ଜିଲାକୁ ଗସ୍ତ କରି ବାଲେଶ୍ୱରରେ ପଦସ୍ଥ ପୁଲିସ ଅଧିକାରୀଙ୍କ ସହ କୋଭିଡ ପରିଚାଳନା ସ୍ଥିତି ସମୀକ୍ଷା ଅବସରରେ ସେ କରିଛନ୍ତି । କେବଳ ପୁଲିସ ନୁହେଁ ବରଂ ଦୁଇ ଜିଲାର ଜନସାଧାରଣ ମଧ୍ୟ ଧନ୍ୟବାଦର ପାତ୍ର ବୋଲି ଶ୍ରୀ ଅଭୟ ପ୍ରକାଶ କରିଛନ୍ତି । ପୁଲିସକୁ ସହଯୋଗ କରିବା ସହିତ ସରକାରଙ୍କ କୋଭିଡ ନିୟମକୁ ପାଳନରେ ଦୁଇ ଜିଲାର ଜନସାଧାରଣ ଉଚିତ ଦାୟିତ୍ୱ ତୁଲାଇଛନ୍ତି ବୋଲି ସେ ମତ ଦେଇଛନ୍ତି । ଆଗାମୀ ଦିନରେ ବି ଏହି ଧାରା ବଜାୟ ରହିବ ବୋଲି ଡିଜି ଶ୍ରୀ ଅଭୟ ଆଶା ପ୍ରକାଶ କରିଛନ୍ତି । କୋଭିଡ ପରିଚାଳନାରେ ପୁଲିସର ଗୁରୁଦାୟିତ୍ୱ ଥିବା ବେଳେ ଏନେଇ ବାଲେଶ୍ୱରରେ ୭ ପ୍ଲାଟୁନ ଓ ମୟୂରଭଂଜରେ ୪ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ ହୋଇଥିବା ଅତିରିକ୍ତ ପୁଲିସ ମହାନିର୍ଦ୍ଦେଶକ ଯଶୋବନ୍ତ ଜେଠୱା ସୂଚନା ଦେଇଛନ୍ତି । ଉଭୟ ଜିଲାରେ ପୁଲିସ କର୍ମଚାରୀଙ୍କ ସମେତ ଅତିରିକ୍ତ ୨୭ ଜଣ ପୁଲିସ ଅଧିକାରୀ ସାମୟିକ ଭାବେ ନିଯୁକ୍ତ ହୋଇଥିବା ସେ କହିଛନ୍ତି । ବିଶେଷ କରି ପଶ୍ଚିମବଙ୍ଗ ସୀମା ବନ୍ଦ(ସିଲ) ସାଙ୍ଗକୁ କଡ଼ାକଡ଼ି ତନିଖି ଉପରେ ଅଧିକ ଗୁରୁତ୍ୱ ଦିଆଯାଇଥିବା ଶ୍ରୀ ଜେଠୱା ପ୍ରକାଶ କରିଛନ୍ତି । ବାଲେଶ୍ୱରରେ ଲକ୍ଷ୍ମଣନାଥ ଓ ଉଦୟପୁର ଏବଂ ମୟୂରଭଂଜରେ ଜାମଶୋଳା ଓ ଶୁଳିଆପଦା ତନଖି ଫାଟକରେ ଯାଞ୍ଚ ବ୍ୟବସ୍ଥା ଉପରେ କଡ଼ା ନଜର ରଖଯାଇଛି । ଏନେଇ ଦୁଇ ଜିଲା ସୀମାନ୍ତରେ ୩୮ ପ୍ଲାଟୁନ ଫୋର୍ସ ମଧ୍ୟ ମୁତୟନ ହୋଇଛି । ଏହା ବ୍ୟତୀତ ଦୁଇଜିଲାର ସୀମାନ୍ତରେ ଥିବା ଗଳାବାଟରେ ଯେପରି କେହି ପଶ୍ଚିମବଙ୍ଗରୁ ନ ଆସନ୍ତି ସେନେଇ ଏକାଧିକ ପୁଲିସ ପାଟ୍ରୋଲିଂ ଗାଡ ତୀକ୍ଷ୍ଣ ଦୃଷ୍ଟି ରଖିଛି ବୋଲି ଏଡିଜି ଶ୍ରୀ ଜେଠୱା ସୂଚନା ଦେଇଛନ୍ତି । ପୂର୍ବାଞ୍ଚଳ ଆଇଜିଙ୍କ ଅଫିସରେ ଆୟୋଜିତ ଏହି ସମୀକ୍ଷା ବୈଠକରେ ଡିଜି ଓ ଏଡିଜିଙ୍କ ସମେତ ଆଇଜି ଦୀପ୍ତେଶ ପଟ୍ଟନାୟକ, ବାଲେଶ୍ୱର ଏସପି ସୁଧାଂଶୁ ଶେଖର ପାଣିଗ୍ରାହୀ ଓ ଜିଲାର ଅନ୍ୟାନ୍ୟ ପୁଲିସ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ପ୍ରତୀକାତ୍ମକ ଭାବେ ଭକ୍ତକବି ଦୀନକୃଷ୍ଣ ଦାସ ଜୟନ୍ତି ଓ ସାମ୍ବତ୍ସରିକ ଉତ୍ସବ ପାଳିତ



ଜଳେଶ୍ୱର, ୨୫/୪ (ନିପ୍ର) : ପ୍ରତିବର୍ଷ ଭକ୍ତକବି ଦୀନକୃଷ୍ଣ ଦାସଙ୍କ ସାମ୍ବତ୍ସରିକ ରାଜ୍ୟସ୍ତରୀୟ ଉତ୍ସବ ତଥା ଦୀନକୃଷ୍ଣ ସ୍ମୃତି ପରିଷଦର ବାର୍ଷିକ ଉତ୍ସବ ବିଙ୍କ ଜନ୍ମସ୍ଥାନ ମୁଣ୍ଡୁତୁଣିଆରେ ପାଳିତ ହୋଇଆସୁଛି । କରୋନା ସଂକ୍ରମଣ ଯୋଗୁଁ ଚଳିତବର୍ଷ ଏହା ପ୍ରତୀକାତ୍ମକ ଭାବେ କବିପୀଠରେ ଆଜି ପାଳିତ ହୋଇଛି । ଏଥିରେ ରହିମ୍ ରଂଜନ ପୌରହିତ୍ୱ କରିଥିଲେ । ସ୍ମୃତିପରିଷଦର ପ୍ରତିଷ୍ଠାତା ସମ୍ପାଦକ ପ୍ରଫେସର ବିପିନ ବିହାରୀ ବିଶ୍ୱାଳ ଯୋଗ ଦେଇ ଭକ୍ତକବି ଦୀନକୃଷ୍ଣ ଦାସଙ୍କୁ ପ୍ରଚଣ୍ଡ ସ୍ୱାଭିମାନୀ ଓ ଦୀପ୍ତିମନ୍ତ ଦୁର୍ଲଭ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆଇନ୍‌ଜିବୀ ରାମଚନ୍ଦ୍ର ଜେନା, କବି ବ୍ରଜେନ୍ଦ୍ର ଗିରି, ଶରତ ଚନ୍ଦ୍ର ପରିଡା, ମନ୍ମଥ ନାଥ ଖାଟୁଆ, ପ୍ରଦୀପ ମିଶ୍ର, ରାଜକୁମାର ମିଶ୍ର, ତପନ ସାହୁ, କଳ୍ପନା ସାହୁ, ଶମ୍ଭୁନାଥ ଘୋଷ, ଅରୁଣ ସାହୁ, ରଂଜନ ଘୋଷ ପ୍ରମୁଖ ୪୨ତମ ଦୀନକୃଷ୍ଣ ବାର୍ଷିକ ଜୟନ୍ତୀ ସଂପର୍କରେ କହିଥିଲେ । ପ୍ରାରମ୍ଭରେ କବିଙ୍କ ପ୍ରତିକୃତିରେ ପୁଷ୍ପାର୍ଘ ପ୍ରଦାନ କରାଯାଇଥିବା ବେଳେ ନିକୁଞ୍ଜ ଘୋଷ, ରଂଜନ ଘୋଷ ଦୀନକୃଷ୍ଣଙ୍କ ଭଜନ ଆବୃତ୍ତି କରିଥିଲେ । ଆଜୀବନ ସଭ୍ୟ କୁମାର ଚକ୍ରବର୍ତ୍ତୀଙ୍କ ବିୟୋଗରେ ୧ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା ।

# କୁମ୍ଭମେଳା ଫେରନ୍ତା ଅବସରପ୍ରାପ୍ତ ଶିକ୍ଷକଙ୍କ ମୃତ୍ୟୁ

ବୌଦ୍ଧ,୨୫/୦୪ (ନି.ପ୍ର): କୁମ୍ଭମେଳାରୁ ଫେରିଥିବା ବୌଦ୍ଧ ଜିଲ୍ଲା ହରଭଙ୍ଗା ଥାନା ଅନ୍ତର୍ଗତ ଧଳପୁର ଗ୍ରାମର ଅବସରପ୍ରାପ୍ତ ଶିକ୍ଷକଙ୍କ ମୃତ୍ୟୁ ଘଟିଛି । ତେବେ କରୋନା ଭୟରେ ମୃତଦେହ ପାଖ ମାଡିନଥିଲେ ସାହିପଡ଼ିଶା ଲୋକେ । ଫଳରେ ଘର ସାମ୍ନାରେ ତାଙ୍କ ମୃତଦେହ ଗତକାଲି ରାତି ଠାରୁ ପଡି ରହିଥିଲା । ଖବର ପାଇ ବିଡ଼ିଓ ଓ ତହସିଲଦାର ଘଟଣାସ୍ଥଳରେ ପହଂଚି ଶବସତ୍କାର ପାଇଁ ପ୍ରୟାସ ଆରମ୍ଭ କରିଛନ୍ତି । ପ୍ରକାଶ ଥାଉ କି, ମୃତକ ଜଣକ ଗତ ୨୨ ତାରିଖରେ ତାଙ୍କର ସ୍ୱାବ୍ ଟେଷ୍ଟ କରାଇଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ରିପୋର୍ଟ ଆସିନଥିବା ଜଣାପଡିଛି ।

## ବ୍ରହ୍ମପୁରରେ ଗତ ୨୪ ଘଂଟାରେ ୯୫ ବାହନରୁ ୪୭ହଜାର ୫୦୦ ଟଙ୍କା ଚାଲାଣ ଆଦାୟ

ବ୍ରହ୍ମପୁର,୨୫/୦୪ (ନି.ପ୍ର): ଗତ ୨୪ଘଂଟା ମଧରେ ବ୍ରହ୍ମପୁର ପୋଲିସ୍ ବିଭିନ୍ନ ଯାନବାହନ ଚାଳକଙ୍କ ଠାରୁ ୪୭ହଜାର ଟଙ୍କା ଚାଲାଣ ଆଦାୟ କରିଛି । ବ୍ରହ୍ମପୁର ଏସ୍‌ପିଙ୍କ ପକ୍ଷରୁ ଟୁଇଟ୍ କରି ଏହି ସୂଚନା ଦିଆଯାଇଛି । ଏହି ସମୟ ମଧରେ ୨ଟି ଅବକାରୀ ମାମଲା ରୁଜୁ କରାଯାଇଥିବାବେଳେ ୨ ଜଣଙ୍କୁ ଗିରଫ କରାଯାଇଛି । ୩୧ଲିଟର ମଦ ଜବତ କରାଯାଇଛି । ୯୫ଟି ଯାନବାହନରୁ ଚାଲାଣ କଟାଯାଇଛି । ସେହିପରି ନାଇଟ୍ କର୍ଫ୍ୟୁ ଉଲ୍ଲଂଘନ ୧୧ଟି କେଶ୍‌ରୁ ୩ହଜାର ୯୦୦, ସଟ୍‌ଡାଉନ୍ ଉଲ୍ଲଂଘନ ୨୬ଟି କେଶ୍‌ରୁ ୧୩ହଜାର ୨୦୦ ଏବଂ ୨ଟି ଦୋକାନ ସିଲ୍ କରାଯାଇ ୨୦୦୦ ଟଙ୍କା ଜୋରିମାନା ଆଦାୟ କରାଯାଇଥିବା ସୂଚନା ଦିଆଯାଇଛି ।

# ସାରସ୍ୱତ କୃତି ପାଇଁ କୁମାର ଚକ୍ରବର୍ତ୍ତୀ ଜନମାନସରେ ଅମର ରହିବେ

## ସୁବର୍ଣ୍ଣରେଖା ହାଇସ୍କୁଲ ପୁରାତନ ଛାତ୍ର ସଂସଦର କୁମାର ଚକ୍ରବର୍ତୀଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି



ବାଲିଆପାଳ,୨୫/୦୪ (ନି.ପ୍ର): ସାରସ୍ୱତ କୃତି ଓ କୃତିତ୍ୱ ପାଇଁ ବିଶିଷ୍ଟ କଥା କାର ତଥା ଓଡିଶା ସାହିତ୍ୟ ଏକାଡେମୀ ସମ୍ବର୍ଦ୍ଧିତ ସୁସାହିତ୍ୟିକ କୁମାର ଚକ୍ରବର୍ତୀ ଜନମାନସରେ ଅମର ରହିବେ ବୋଲି ରବିବାର ସୁବର୍ଣ୍ଣରେଖା ହାଇସ୍କୁଲ ପୁରାତନ ଛାତ୍ର ସଂସଦ ପକ୍ଷରୁ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ବିଶିଷ୍ଟ ବ୍ୟକ୍ତିମାନେ ଯୋଗ ଦେଇ ମତ ପ୍ରକାଶ କରିଛନ୍ତି । ପ୍ରାକ୍ତନ ସର୍ବଭାରତୀୟ ଶିକ୍ଷକ ନେତା ତଥା ନାଟ୍ୟକାର ଜଗନ୍ନାଥ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସ୍ମୃତିସଭାରେ ପ୍ରାକ୍ତନ ଅଧ୍ୟକ୍ଷ ହୃଦୟ ରଞ୍ଜନ ତ୍ରିପାଠୀ, ଅନନ୍ତ କୁମାର ଗିରି, ଅଜିତ କୁମାର ପାତ୍ର, ଇଂ ସୁଶାନ୍ତ କୁମାର ଚକ୍ରବର୍ତ୍ତୀ, ଅଧ୍ୟାପକ ସୁକାନ୍ତ କୁମାର ଗିରି, ସାମ୍ବାଦିକ ଅଜୟ କୁମାର ସାହୁ, ପ୍ରାକ୍ତନ ଅଧ୍ୟାପକ କୁଞ୍ଜକାନ୍ତ ପାତ୍ର ସ୍କୁଲର ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ଜେନା, ସହକାରୀ ଶିକ୍ଷକ ରାଜେନ୍ଦ୍ର ବେହେରା, ପୁରାତନ ଛାତ୍ର ଡା.ଦେବବ୍ରତ ଦଣ୍ଡପାଟ, ବିନୋଦ କୁମାର ପରିଡା, ପ୍ରଫୁଲ୍ଲ ସାହୁ, ପ୍ରାକ୍ତନ ସରପଂଚ ମୁରଲୀମୋହନ ସାହୁ, ପଣ୍ଡିତ ପଂଚାନନ ପଣ୍ଡା, ହରେକୃଷ୍ଣ ଦାସ, ଜଗନ୍ନାଥ ପ୍ରଧାନ, ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ଝାଡେଶ୍ୱର ପ୍ରଧାନ, ପୂର୍ବତନ ବ୍ୟାଙ୍କ ପରିଚାଳକ ନବୀନ ପାତ୍ର ପ୍ରମୁଖ ଯୋଗ ଦେଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ପ୍ରାରମ୍ଭରେ କୁମାର ଚକ୍ରବର୍ତୀଙ୍କ ତୈଳଚିତ୍ରରେ ପୁଷ୍ପଅର୍ଘ୍ୟ ଅର୍ପଣ କରାଯିବା ସହିତ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଛି ।

# ଭଦ୍ରକରୁ ଚିହ୍ନଟ ହେଲେ ଆଉ ୮୭ କରୋନା ଆକ୍ରାନ୍ତ

ଭଦ୍ରକ,୨୫/୦୪ (ନି.ପ୍ର): ଭଦ୍ରକ ଜିଲ୍ଲାରୁ ଆଉ ୮୭ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ଏବଂ ୩୩ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ଫଳରେ ଜିଲ୍ଲାର କରୋନା ପରିସଂଖ୍ୟାନରେ ମୋଟ ନମୁନା ପରୀକ୍ଷା ୩ ଲକ୍ଷ ୩୮ହଜାର ୧୮୭, ପଜିଟିଭ ଚିହ୍ନଟ ୮ହଜାର ୩୯୩, ସୁସ୍ଥ ୭ହଜାର ୭୬୦, ମୃତ୍ୟୁ ବରଣ କରିଛନ୍ତି ୨୭ଜଣ, ସକ୍ରିୟ ଆକ୍ରାନ୍ତ ରହିଛନ୍ତି ୬୦୬ଜଣ । ତେବେ ନୂତନ ଭାବେ ଚିହ୍ନଟ ହୋଇଥିବା ୮୭ ଆକ୍ରାନ୍ତ ମଧରେ ଚାନ୍ଦବାଲି ଏନ୍‌ଏସି ୭ ନଂ ୱାର୍ଡ ବଡବଜାରର ଜଣେ ବ୍ୟକ୍ତି ଭୁବନେଶ୍ୱରର ସମ୍ ହସ୍‌ପିଟାଲରୁ, ଭଦ୍ରକ ପୌରପାଳିକା ୫ ନଂ ୱାର୍ଡ ଚରମ୍ପାରୁ ଜଣେ ବ୍ୟକ୍ତି କଟକର ଅଶ୍ୱିନୀ ହସ୍‌ପିଟାଲରୁ, ୧୫ ନଂ ୱାର୍ଡ କୁଆଁସ ଗ୍ରାମର ଜଣେ ବ୍ୟକ୍ତି ଭୁବନେଶ୍ୱରର ଏମ୍‌ସ୍‌ରୁ ଚିହ୍ନଟ ହୋଇଛନ୍ତି । ଅନ୍ୟମାନଙ୍କ ମଧରେ ବାସୁଦେବପୁର ବ୍ଲକର କରଞ୍ଜଆଡିଆ ଗ୍ରାମରୁ ଜଣେ, ଚିରଳ ଗ୍ରାମରୁ ଜଣେ, କିଆପଡ଼ା ଗ୍ରାମରୁ ଜଣେ, ସୁଦର୍ଶନପୁର ଗ୍ରାମରୁ ୨ଜଣ, ବାସୁଦେବପୁର ପୌରପାଳିକାର ୧୦ ନଂ ୱାର୍ଡ ବାଲିକଲୋନୀରୁ ଜଣେ, ୧୧ ନଂ ୱାର୍ଡ ବାଲିନଗରରୁ ଜଣେ ଚିହ୍ନଟ ହୋଇଥିବା ବେଳେ ଭଦ୍ରକ ବ୍ଲକର ସରଗଡ଼ିଆ ଗ୍ରାମରୁ ଜଣେ, ରାଣିତାଲରୁ ଜଣେ, ଜଳଙ୍ଗାରୁ ଜଣେ, ଆରଡ଼ି ଛକରୁ ଜଣେ, ଶିରାପୁର ଗ୍ରାମରୁ ଜଣେ, ଭଦ୍ରକ ପୌରପାଳିକା ୧୦ ନଂ ୱାର୍ଡ ଜଗନ୍ନାଥପୁରରୁ ଜଣେ, ବନ୍ତ ଛକରୁ ଜଣେ, ୧୫ ନଂ ୱାର୍ଡ କୁଆଁସ ଗ୍ରାମରୁ ଜଣେ, ୫ ନଂ ୱାର୍ଡ ଡାହାଣିଗଡିଆରୁ ଜଣେ, ଚରମ୍ପାରୁ ଜଣେ, ବାଇପାସ୍‌ରୁ ଜଣେ ଚିହ୍ନଟ ହୋଇଛନ୍ତି । ଧାମନଗର ବ୍ଲକ ରଘୁନାଥପୁରରୁ ୨ଜଣ, ବନ୍ତ ବ୍ଲକ ଅଣିଜୋ ଗ୍ରାମରୁ ୩ଜଣ, ବଡମହିଷିଗୋଠ ଗ୍ରାମରୁ ୨ଜଣ, ବିଟିପୁର ଗ୍ରାମରୁ ୨ଜଣ, ଧାନଘେରା ଗ୍ରାମରୁ ଜଣେ, ରୁତୁରାଜପୁର ଗ୍ରାମରୁ ୨ଜଣ, ହଳଦିପହଣି ଗ୍ରାମରୁ ୨ଜଣ, ଚକ୍ରାପାଢୀ ଗ୍ରାମରୁ ଜଣେ, ସାହୁପଡ଼ା ଗ୍ରାମରୁ ଜଣେ, କାଦବରାଙ୍ଗ ଗ୍ରାମରୁ ୨ଜଣ, ଗଣ୍ଡଗରା ଗ୍ରାମରୁ ଜଣେ, ମହାନ୍ତିପଡ଼ାରୁ ୩ଜଣ, ପୁରୁଷଣ୍ଡ ଗ୍ରାମରୁ ଜଣେ ଚିହ୍ନଟ ହୋଇଛନ୍ତି । ସେହିପରି ଚାନ୍ଦବାଲି ବ୍ଲକର ବାଲିଗାଁ ଗ୍ରାମରୁ ଜଣେ, ରାଉତପଡ଼ା ଗ୍ରାମରୁ ୨ଜଣ, ଧାମରାରୁ ୩ଜଣ, ଜାଗୁଳା ଗ୍ରାମରୁ ଜଣେ, ମଧୁପୁର ଗ୍ରାମରୁ ଜଣେ, ମହୁଲିଆ ଗ୍ରାମରୁ ଜଣେ, ମତୋ ଗ୍ରାମରୁ ୨ଜଣ, ନନ୍ଦପୁର ଗ୍ରାମରୁ ଜଣେ ଚିହ୍ନଟ ହୋଇଛନ୍ତି । ଚାନ୍ଦବାଲି ଏନ୍‌ଏସିର ସାନହରିପୁର ଗ୍ରାମରୁ ଜଣେ ଓ ସତ୍ୟନାରାୟଣ କଲୋନୀରୁ ଜଣେ ଚିହ୍ନଟ ହୋଇଛନ୍ତି । ଭଣ୍ଡାରିପୋଖରୀ ବ୍ଲକ ତଳପଦା ଗ୍ରାମରୁ ୩ଜଣ, ବିଷ୍ଣୁପୁର ଗ୍ରାମରୁ ଜଣେ, ଗୁଞ୍ଜୁପୁର ଗ୍ରାମରୁ ଜଣେ, କଣ୍ଟି ଗ୍ରାମରୁ ଜଣେ, ନାଆମୀ ଗ୍ରାମରୁ ଜଣେ, ନେରଡା ଗ୍ରାମରୁ ଜଣେ, ଥଇଲା ଗ୍ରାମରୁ ଜଣେ ଓ ସରସଦା ଗ୍ରାମରୁ ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

## ଦେଶରେ ୫୫୧ ଅକ୍ସିଜେନ ପ୍ଲାଂଟ ସ୍ଥାପନା ପାଇଁ ପ୍ରଧାନମନ୍ତ୍ରୀଙ୍କ ନିଷ୍ପତ୍ତିକୁ ବିରୋଧୀ ଦଳ ନେତାଙ୍କ ସ୍ୱାଗତ

ଭୁବନେଶ୍ୱର,୨୫/୦୪ (ନି.ପ୍ର): ଦେଶରେ କରୋନା ସଂକ୍ରମିତଙ୍କ ସଂଖ୍ୟା ଲଗାତାର ବଢିବା ଓ ରୋଗୀ ମାନଙ୍କୁ ଅକ୍ସିଜେନ ମିଳିବାରେ ଅସୁବିଧା ହେବା ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ସମସ୍ତ ଜିଲ୍ଲା ମୁଖ୍ୟାଳୟ ମାନଙ୍କରେ ୫୫୧ଟି ଅକ୍ସିଜେନ ପ୍ଲାଂଟ ସ୍ଥାପନା କରିବାକୁ ନୀତିଗତ ନିଷ୍ପତି ନେଇଥିବାରୁ ବିରୋଧୀ ଦଳର ନେତା ପ୍ରଦୀପ୍ତ ନାଏକ ସ୍ୱାଗତ କରିଛନ୍ତି । ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଏହି ନିଷ୍ପତି ଦେଶରେ ଅକ୍ସିଜେନ ସମସ୍ୟାକୁ ଦୂର କରିବାରେ ସହାୟକ ହେବ ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❐ Managing & Executive Editor : Srustidhar Parida
❐ Editor: Sairindhree Sahoo